READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA
# ଏକମାତ୍ର
ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524



ବର୍ଷ-୮ ସଂଖ୍ୟା-୪୭ ୨ - ୮ ଡିସେମ୍ବର, ୨୦୨୪ ଭୁବନେଶ୍ୱର Monday Weekly VOL-8 ISSUE-47 2nd - 8th DECEMBER, 2024 BHUBANESWAR ₹ 5/- (8 Pages)

## ଯାହା ଗ୍ୟାରେଣ୍ଟି ଦେଇଛୁ, ସବୁ ପୂରଣ କରିବୁ : ପ୍ରଧାନମନ୍ତ୍ରୀ

**ଭୁବନେଶ୍ୱର :** ପୁଲିସ ଡିଜି ସମ୍ମିଳନୀରେ ଯୋଗ ଦେବାକୁ ଶୁକ୍ରବାର ଦିନ ୩ଦିନିଆ ଓଡ଼ିଶା ଗସ୍ତରେ ଆସି ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ବିଜେପି ପକ୍ଷରୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ନିର୍ଦ୍ଧାରିତ ସମୟରେ ସ୍ୱତନ୍ତ୍ର ବିମାନରେ ଆସି ଭୁବନେଶ୍ୱର ବିମାନ ବନ୍ଦର ପହଞ୍ଚିବା ପରେ ସେଠାରେ ଆୟୋଜିତ ସମ୍ବର୍ଦ୍ଧନା ସଭାକୁ ପ୍ରଧାନମନ୍ତ୍ରୀ ମୋଦି ଉଦ୍‌ବୋଧନ ଦେଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି 'ଜୟ ଜଗନ୍ନାଥ' କହି ନିଜର ଓଡ଼ିଆ ଭାଷାରେ ଆରମ୍ଭ କରିଥିଲେ। ପ୍ରଭୁ ଲିଙ୍ଗରାଜଙ୍କ ମାଟିକୁ ଆସିବାକୁ ସୁଯୋଗ ମିଳିଛି। ମହାପ୍ରଭୁ ଜଗନ୍ନାଥଙ୍କ ପାଖରେ ପ୍ରଣାମ କରୁଛି। ବିମାନବନ୍ଦରରେ ଏତେ ସଂଖ୍ୟକ ଲୋକଙ୍କ ଉପସ୍ଥିତି ଓ ଏଭଳି ଭଲପାଇବା ଦେଇଥିବାରୁ ମୁଁ କୃତଜ୍ଞ। ମହାରାଷ୍ଟ୍ର ଓ ହରିଆଣା ବିଧାନସଭା ନିର୍ବାଚନ ଓ ଦେଶରେ ବିଭିନ୍ନ ଉପନିର୍ବାଚନର ପରିଣାମ ସମଗ୍ର ଦେଶର ଲୋକଙ୍କ ମଧ୍ୟରେ କିଭଳି ଏକ ବିଶ୍ୱାସ ସୃଷ୍ଟି କରିଛି ତା'ର



ଚମକ,ଖୁସି, ଆଗ୍ରହ ଓ ଉତ୍ସାହ ଏଠି ଉପସ୍ଥିତ ଲୋକଙ୍କ ମଧ୍ୟରେ ଅନୁଭବ କରୁଛି। ଓଡ଼ିଶାରୁ ଏହାର ଆରମ୍ଭ ହୋଇଥିଲା। ହରିଆଣା ଓ ମହାରାଷ୍ଟ୍ରରେ ବି ଦେଖିବାକୁ ମିଳିଲା। ଏହା ହିଁ ବିଜେପିର ବିଶେଷତ୍ୱ ଓ ଆମ ଦଳର କର୍ମୀମାନଙ୍କର ସାମର୍ଥ୍ୟ। ବିରୋଧୀ ଦଳ ସବୁବେଳେ ବିଜେପି ସରକାର ବିରୁଦ୍ଧରେ ଅପପ୍ରଚାର କରୁଛି। କିନ୍ତୁ ଲୋକେ ଆଶୀର୍ବାଦ ଦେଉଛନ୍ତି। ଓଡ଼ିଶାକୁ କେବଳ ଦେଶରେ ନୁହେଁ ବରଂ ସମଗ୍ର ବିଶ୍ୱର ମାନଚିତ୍ରରେ ପ୍ରାଥମିକତା ମିଳୁ। ସେଥିପାଇଁ ଏଠାରେ ଜି-୨୦ ସମ୍ମିଳନୀଠୁ ଆରମ୍ଭ କରି ପ୍ରବାସୀ ଭାରତୀୟ ଦିବସ ସମ୍ମିଳନୀ, ପୁଲିସ ଡିଜି ସମ୍ମିଳନୀ ଓ ନୌସେନା ଦିବସ ଆଦିର ଆୟୋଜନ କରାଯାଉଛି। ଏହା ଓଡ଼ିଶାକୁ ଦିଆଯାଉଥିବା ପ୍ରାଥମିକତାର ପ୍ରମାଣ। ସେ କହିଥିଲେ ଯେ, ଦେଶରେ ପ୍ରାୟ ଶହେ ବର୍ଷ ଧରି ପୁଲିସ ଡିଜି ସମ୍ମିଳନୀ ହେଉଛି। କିନ୍ତୁ ଓଡ଼ିଶାରେ ଏହା ପ୍ରଥମଥର ପାଇଁ ଆୟୋଜିତ ହୋଇଛି। ଏହାପରେ ପୁରୀରେ 'ନୌସେନା ଦିବସ' ପାଳନ କରାଯିବ। ପୁରୀ ବ୍ଲୁଫ୍ଲାଗ ବେଳାଭୂମିରେ ଏହି ଆୟୋଜନ ହେବ। ଏହା ଅର୍ଥ ଓଡ଼ିଶା ସମଗ୍ର ବିଶ୍ୱରେ କେନ୍ଦ୍ରବିନ୍ଦୁ ରହିବ। ଆଉ ଜାନୁଆରୀ ମାସରେ ପ୍ରବାସୀ ଭାରତୀୟ ଦିବସର ଆୟୋଜନ ହେବ। ଜି-୨୦ରେ ଭିନ୍ନ ପ୍ରକାରର ଲୋକେ ଆସିଥିଲେ। ଏବେ ବିଦେଶରେ ରହୁଥିବା ଆମ ଲୋକେ ଆସିବେ। ପର୍ଯ୍ୟଟନର ସୁଯୋଗ ବଢ଼ିବ। ଓଡ଼ିଶାକୁ ବିଶ୍ୱର ମାନଚିତ୍ରରେ ପ୍ରାଥମିକତା ଦେବାକୁ ଚାହୁଁଛୁ। ପ୍ରବାସୀ ଭାରତୀୟ ଦିବସର ଆୟୋଜନ ଶାନଦାର ଢଙ୍ଗରେ କରିବାକୁ ପ୍ରଧାନମନ୍ତ୍ରୀ ମୋଦି ପରାମର୍ଶ ଦେଇଥିଲେ। ଓଡ଼ିଶାର ପ୍ରତ୍ୟେକ ଲୋକ ଅନୁଭବ କରିବା ଦରକାର ଯେ, ବିଶ୍ୱର ଲୋକମାନେ ତାଙ୍କ ଘରକୁ ଆସୁଛନ୍ତି ଓ ସେଭଳି ପ୍ରସ୍ତୁତି କରିବାକୁ ସେ ଆହ୍ୱାନ କରିଥିଲେ। ଆମେ ସମସ୍ତେ ମିଶି ଓଡ଼ିଶାର ଗୌରବ ବୃଦ୍ଧି କରିବା। ଡବଲ ଇଞ୍ଜିନ ସରକାରର ସୁଫଳ ମିଳିବା ଆରମ୍ଭ ହୋଇଛି। ବିକାଶର ଗତି ଅଭୂତପୂର୍ବ। ରାଜ୍ୟର ବିଜେପି ସରକାର ଏଠାରେ ଷ୍ଟାର୍ଟଅପ୍ ଇକୋସିଷ୍ଟମ ଉପରେ ଗୁରୁତ୍ୱ ଦେଉଛି। ପ୍ରଧାନମନ୍ତ୍ରୀ ମୋଦି କହିଥିଲେ ଯେ, ନିର୍ବାଚନର କିଛିମାସ ପୂର୍ବରୁ ବଡ଼ବଡ଼ ରାଜନୀତିକ ପଣ୍ଡିତମାନେ ଓଡ଼ିଶାରେ ବିଜେପିକୁ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରୁଥିଲେ। ଓଡ଼ିଶାରେ ବିଜେପି ଏତେବଡ଼ ଶକ୍ତି ନୁହେଁ ଯେ, ରାଜ୍ୟରେ ଏକାକୀ ସରକାର ଗଢ଼ିବ।

➤ ପୃ-୬

## ସାଂସଦ, ବିଧାୟକ, ପଦାଧିକାରୀଙ୍କୁ ମୋଦିଙ୍କ ଗୁରୁମନ୍ତ୍ର



**ଭୁବନେଶ୍ୱର :** ୩ ଦିନିଆ ଓଡ଼ିଶା ଗସ୍ତରେ ଆସିଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିଜେପି ରାଜ୍ୟ କାର୍ଯ୍ୟାଳୟରେ ଶୁକ୍ରବାର ପ୍ରାୟ ୨ଘଣ୍ଟା ଧରି ରହିଥିଲେ। ଦଳର ବିଧାୟକ, ସାଂସଦ, ମନ୍ତ୍ରୀ ଓ ପଦାଧିକାରୀମାନଙ୍କୁ ଗୁରୁମନ୍ତ୍ର ଦେଲେ, ଆଉ ସମସ୍ତଙ୍କ ସହ ମିଶି ଡିନର (ରାତ୍ରିଭୋଜନ) ବି କରିଥିଲେ। ବେଶ୍ ହାଲକା ଓ ସହଜ ଢଙ୍ଗରେ ଦଳୀୟ ନେତାମାନଙ୍କ ସହ କଥା ହେଲେ। ସମସ୍ତଙ୍କ ସୁଖଦୁଃଖ ପଚାରି ବୁଝିଲେ। ଆଉ ସାର୍ବଜନୀନ ଜୀବନରେ ରହିବା ପାଇଁ ଦେଲେ ଗୁରୁମନ୍ତ୍ର। ପ୍ରଧାନମନ୍ତ୍ରୀ ମୋଦିଙ୍କ ସହ ସମୟ ବିତାଇବାପରେ ବେଶ୍ ଉତ୍ସାହିତ ହୋଇପଡ଼ିଛନ୍ତି ବିଜେପି ନେତା-ମନ୍ତ୍ରୀମାେ। ପ୍ରଧାନମନ୍ତ୍ରୀ ମୋଦି ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ଶୁକ୍ରବାର ସଂଧ୍ୟାରେ ଭୁବନେଶ୍ୱରସ୍ଥିତ ବିଜେପି ରାଜ୍ୟ କାର୍ଯ୍ୟାଳୟରେ ପ୍ରାୟ ୨ଘଣ୍ଟା ଧରି ଦଳର ବିଧାୟକ, ସାଂସଦ, ମନ୍ତ୍ରୀ ଓ ବରିଷ୍ଠ ପଦାଧିକାରୀମାନଙ୍କ ସହ ସମୟ ବିତାଇଥିଲେ। ଏହି ଅବସରରେ ପ୍ରଧାନମନ୍ତ୍ରୀ ମୋଦି ସମସ୍ତଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବା ସହ ରାତ୍ରିଭୋଜନ କରି ରାଜଭବନ ଫେରିଯାଇଥିଲେ। ପୁଲିସ ଡିଜି ସମ୍ମିଳନୀରେ ଯୋଗଦେବାକୁ ଆସିଥିବା ପ୍ରଧାନମନ୍ତ୍ରୀ ମୋଦି ରାଜ୍ୟ ବିଜେପି କାର୍ଯ୍ୟାଳୟକୁ ଯାଇ ଦଳୀୟ ପଦାଧିକାରୀ, ବିଧାୟକ ଓ ସାଂସଦମାନଙ୍କୁ ଭେଟିଥିଲେ। କର୍ମକର୍ତ୍ତାଙ୍କ ଭଳି ସମସ୍ତଙ୍କ ସହ ମିଶିଥିଲେ। ନିଜ ମନକଥା କହିବା ସହ ଲୋକଙ୍କ ସେବା କରିବା ଉପରେ ଗୁରୁତ୍ୱ ଦେଇଥିଲେ। ରାଜ୍ୟରେ ବିଜେପିର ସରକାର ଆସିଥିବାରୁ ଦଳୀୟ ପଦାଧିକାରୀ ଓ ନେତାମାନଙ୍କ ସହ ସମୟ ବିତାଇ ପ୍ରଧାନମନ୍ତ୍ରୀ ମୋଦି ସେମାନଙ୍କୁ ଉତ୍ସାହିତ କରିଥିବା ରାଜନୀତିକ ମହଲରେ ଚର୍ଚ୍ଚା ହେଉଛି। ମୋଦିଙ୍କ ଏହି କାର୍ଯ୍ୟକ୍ରମ

➤ ପୃ-୬




ଭୁବନେଶ୍ୱରରେ ୫୯ତମ ପୁଲିସ ମହାନିର୍ଦ୍ଦେଶକ ସମ୍ମିଳନୀରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା, ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲଙ୍କ ସମେତ ଦେଶର ହାଇପ୍ରୋଫାଇଲ ଅଧିକାରୀ ଯୋଗ ଦେଇଛନ୍ତି। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟର ସ୍ୱତନ୍ତ୍ର ସଚିବ ପିକେ ମିଶ୍ର, କେନ୍ଦ୍ର ଗୃହ ସଚିବ ଗୋବିନ୍ଦ ମୋହନ, ପ୍ରଧାନମନ୍ତ୍ରୀଙ୍କ ପରାମର୍ଶଦାତା ତରୁଣ କପୁର ପ୍ରମୁଖ ଯୋଗ ଦେଇଛନ୍ତି।

## ଚଳିତ ବର୍ଷରୁ ଲାଗୁ ହେବ ଜାତୀୟ ଶିକ୍ଷା ନୀତି

**ଭୁବନେଶ୍ୱର :** ରାଜ୍ୟରେ ଲାଗୁ ହେବ ଜାତୀୟ ଶିକ୍ଷା ନୀତି। ଅର୍ଥାତ୍ ଏନ୍‌ଇପି। ଏନେଇ ମନ୍ତ୍ରୀ ସ୍ପଷ୍ଟ କରିଛନ୍ତି। ଏହି ନୀତି ଲାଗୁ ହେବା ପରେ ଛାତ୍ରଛାତ୍ରୀଙ୍କୁ ଅନେକ ପ୍ରକାର ସୁବିଧା ମିଳିବ। କିନ୍ତୁ ଏବେ ବି ସାଧାରଣରେ ଦ୍ୱନ୍ଦ୍ୱ। ପ୍ରକୃତରେ ଏନଇପି କଣ? ରାଜ୍ୟରେ ଲାଗୁ କରାଗଲା ପିଲାମାନେ କି ଲାଭ ପାଇବେ? ଜାତୀୟ ଶିକ୍ଷା ନୀତି ବା ଏନଇପି। ରାଜ୍ୟର ଉଚ୍ଚଶିକ୍ଷା କ୍ଷେତ୍ରରେ ଚଳିତ ଶିକ୍ଷାବର୍ଷରୁ ଜାତୀୟ ଶିକ୍ଷା ନୀତି ୨୦୨୦ କାର୍ଯ୍ୟକାରୀ ହେବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଓଡ଼ିଶା ସରକାର ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ସମସ୍ତ ସରକାରୀ ବିଶ୍ୱବିଦ୍ୟାଳୟ ଏବଂ ଅନୁବନ୍ଧିତ ମହାବିଦ୍ୟାଳୟ ଗୁଡିକରେ ଏହି ନୂତନ ଶିକ୍ଷାନୀତି ପ୍ରବର୍ତ୍ତନ ପାଇଁ ଅନୁମୋଦନ ଦେଇଛନ୍ତି। ଏହି ନୀତି ଲାଗୁ ହେବା ପରେ ଓଡିଶାରେ ୪ ବର୍ଷର ସ୍ନାତକ କୋର୍ସ ଆରମ୍ଭ ହେବ। ଯେଉଁଥିରେ ପ୍ରତ୍ୟେକ ବର୍ଷ ପରେ ଯୋଗ୍ୟ ଛାତ୍ରମାନଙ୍କୁ ସାର୍ଟିଫିକେଟ୍, ଡିପ୍ଲୋମା, ଡିଗ୍ରି, ଏବଂ ଡିଗ୍ରି ଅନର୍ସ ପ୍ରଦାନ କରାଯିବାର



ବ୍ୟବସ୍ଥା ରହିବ। ୟୁ.ଜି.ସି. ଦ୍ୱାରା ପ୍ରଦତ୍ତ କ୍ରେଡିଟ୍ ଫ୍ରେମ୍ୱର୍କ୍ ଆଧାରରେ ରାଜ୍ୟସ୍ତରୀୟ କ୍ରେଡିଟ୍ ଫ୍ରେମ୍ୱର୍କ୍ ପ୍ରସ୍ତୁତ ହୋଇଛି ଏବଂ ଏଥିରେ ଦକ୍ଷତା ବିକାଶ ଏବଂ ଇଣ୍ଟର୍ଣ୍ଣସିପ ପାଇଁ ସୁଯୋଗ ପ୍ରଦାନ ସହିତ ଅନେକ ସୁବିଧା ଦିଆଯାଉଛି। କେବଳ ଏତିକି ନୁହେଁ ବରଂ କମ୍ୟୁନିଟି ସର୍ଭିସ୍ ଓ ଏକ୍ସ୍ଟ୍ରା କରିକୁଲାର ଆକ୍ଟିଭିସ୍, ଏନ.ସି.ସି. ଏନ.ଏସ.ଏସ. ଇତ୍ୟାଦି ପାଇଁ ମଧ୍ୟ କ୍ରେଡିଟ ପ୍ରଦାନ କରାଯିବ। ଲାଗୁ ହେବା ପରେ ପିଲାମାନେ ନିଜ ଇଚ୍ଛାଅନୁସାରେ ସବଜେକ୍ଟ ଚଏସ କରିବା ସହିତ ଏକାଧିକ ଥର ପାଇଁ ଉଚ୍ଚଶିକ୍ଷା ଅନୁଷ୍ଠାନ ମାନଙ୍କରେ

➤ ପୃ-୬

### ବକ୍ରବାଣୀ



ଯାଇଥେଲି ବୁଲି ବାଲିଯାତେରା
ନେତାଙ୍କ ଇଂରାଜୀ ଶୁଣି ମୁଁ ଟେରା
କହିଥିଲେ ଦିନେ କଙ୍ଗାନା ରାଣୀ
ପଙ୍କୁଆ ନେତାଙ୍କ ମନକୁ ଜାଣି
ଚଉଦ ସାଲରେ ନୂଆ ସର୍କାର
ଦେଶକୁ କଲା ସ୍ୱାଧୀନ ଆମର
ଗୁରୁଜୀ କଇଲେ ମାସ ତାରିଖ
ପିଲାଏ ଏସବୁ ଟିପିକି ରଖ
ଭୁଲିବନି କେବେ ନେତାଙ୍କ କଥା
ତାଙ୍କ କଥା କେବେ ନୁହେଁ ଅନ୍ୟଥା।

—— ଟୁଟୁ

### ଆନ୍ଧ୍ରର ପୁରୁନି ପେଟ
## ତଥାପି ଓଡ଼ିଶା ଉପରେ ନଜର


**ଭୁବନେଶ୍ୱର :** ଓଡିଶାକୁ କ୍ଷତି ହେଲା ଭଳି ସବୁ ସହଯୋଗ ପାଇ ବି ଆନ୍ଧ୍ରର ପୁରୁନି ପେଟ। ପୋଲାଭରମ ପ୍ରସଙ୍ଗକୁ ନେଇ ପୁଣି ସଂସଦରେ ଆଲୋଚନା ପାଇଁ ଦାବି। ଏପଟେ ଆକାଶକୁ ଚାତକ ପରି ଓଡ଼ିଶା ସରକାର ଚାହିଁ ରହିଥିବା ଅଭିଯୋଗ। ଆନ୍ଧ୍ରର ପୋଲାଭରମ ପ୍ରକଳ୍ପ ପାଇଁ ୧୬ ହଜାର କୋଟିରୁ ଅଧିକ ଅନୁଦାନ ସହ ସମସ୍ତ ସହାୟତା ଯୋଗାଇ ଚାଲିଛନ୍ତି କେନ୍ଦ୍ରର ବିଜେପି ସରକାର। ଏତିକିରେ ଆନ୍ଧ୍ରର ଶାସକ ଦଳ ତେଲୁଗୁ ଦେଶମ ପାର୍ଟିର ମନ ପୂରୁନି। ସଂସଦର ଚଳିତ ଅଧିବେଶନରେ ପୋଲାଭରମ ପ୍ରସଙ୍ଗ ଉପରେ କେନ୍ଦ୍ର ସରକାର ଆଲୋଚନା କରନ୍ତୁ ବୋଲି ଦାବି କରିଛି ଟିଡିପି। ଏହି ପ୍ରସଙ୍ଗରେ ଆଲୋଚନା ସହ କେନ୍ଦ୍ରର ସ୍ପଷ୍ଟୀକରଣ ଲୋଡ଼ାଯିବ ବୋଲି ଟିଡିପି ସଂସଦୀୟ ଦଳ ନେତା ଲାଭୁ ଶ୍ରୀକୃଷ୍ଣଦେବାରାୟାଲୁ ମନ୍ତବ୍ୟ ଦେବା ପରେ ଚର୍ଚ୍ଚା ଜୋର ଧରିଛି। ଏପରିକି



ପୋଲାଭରମ ପ୍ରକଳ୍ପ କାମ ବିଳମ୍ବ ପାଇଁ କିଏ ଦାୟୀ ସେ ସମ୍ପର୍କରେ କେନ୍ଦ୍ର ସରକାର ସ୍ପଷ୍ଟ କରିବାକୁ ଦାବି କରାଯାଇଛି। କିନ୍ତୁ ଏପଟେ ଓଡ଼ିଶାର ବିଜେପି ସରକାର ସମ୍ପୂର୍ଣ୍ଣ ନିରବଦ୍ରଷ୍ଟା। ଓଡ଼ିଶାର ସ୍ୱାର୍ଥ ରକ୍ଷାର କଥା କହି ଶାସନକୁ ଆସିଥିଲେ ମଧ୍ୟ ପୋଲାଭରମ ପ୍ରସଙ୍ଗରେ ଓଡିଶା ସରକାର କିମ୍ବା ବିଜେପି ସାଂସଦ ମାନେ କାହିଁକି ଚୁପ ବୋଲି କହି ବର୍ଷିଛି ମହାନଦୀ ବଞ୍ଚାଅ ଆନ୍ଦୋଳନ। ପ୍ରତିଶ୍ରୁତି ଅନୁଯାୟୀ ରାଜ୍ୟର ସ୍ୱାର୍ଥ ରକ୍ଷା ପାଇଁ ତୁରନ୍ତ କାର୍ଯ୍ୟ କରିବାକୁ ଦାବି ରଖାଯାଇଛି। ସେପଟେ ଓଡ଼ିଶାରେ ଖୋଦ ବିଜେପି ସରକାର ଥିବା ବେଳେ ଆନ୍ଧ୍ରରେ ସହଯୋଗୀ ସରକାର ରହିଛି। ତାହେଲେ ପୋଲାଭରମ ପ୍ରସଙ୍ଗରେ ଓଡିଶା ପ୍ରତି ଏଭଳି ବୈମାତୃକ ମନୋଭାବ କାହିଁକି ବୋଲି ପ୍ରଶ୍ନ ଉଠିଛି। ଏହାକୁ କଡା ନିନ୍ଦା କରିଛି ଓଡିଶା ବିକାଶ ପରିଷଦ। ଏପରିକି ସଂଘୀୟ ବ୍ୟବସ୍ଥାରେ ସବୁ ରାଜ୍ୟକୁ ସମାନ ଦୃଷ୍ଟିରେ ଦେଖିବାକୁ ଦାବି ହୋଇଛି। ପୂର୍ବରୁ ଏହି ପ୍ରସଙ୍ଗ ନେଇ ବିରୋଧ କରାଯାଇ ଥିବା ବେଳେ ଆଗକୁ ମଧ୍ୟ ଆନ୍ଦୋଳନର ଚେତାବନୀ ଦେଇଛି ପରିଷଦ। ପୋଲାଭରମ ପ୍ରକଳ୍ପ ହେଉ କିମ୍ବା କୋଟିଆ କିମ୍ବା ପୂର୍ବତଟ ରେଳପଥରୁ ୱାଲଟିୟାର ଡିଭିଜନକୁ ଅଲଗା କରାଯିବା ସବୁ ଘଟଣାରେ ଓଡ଼ିଶାର ସ୍ୱାର୍ଥକୁ ବଳି ପକାଇ ଆନ୍ଧ୍ରର ସ୍ୱାର୍ଥକୁ ଗୁରୁତ୍ୱ ଦିଆଯାଉଛି।

### ମହାନଦୀରେ ଆଉ ରହିବନି ଜଳ ସଙ୍କଟ
## ନିର୍ମାଣ ହେବ ବ୍ୟାରେଜ୍

**ଭୁବନେଶ୍ୱର :** ମହାନଦୀରେ ଆଉ ରହିବନି ଜଳ ସଙ୍କଟ। ବର୍ଷରେ ୮ ମାସ ଆଉ ଶୁଖିଲା ପଡ଼ିବନିନଦୀ ଶଯ୍ୟା। ଛତିଗଡ଼ ଯେତେ ରୋକିଲେ ବି ତଳ ମୁଣ୍ଡରେ ହେବନି ପାଣିର ଅଭାବ। ୨୪ ବର୍ଷ ଶାସନରେ ଯାହା କରିପାରିଲେନି ବିଜେଡି ସରକାର। ତାହା କରିଦେଖାଇବାକୁ ଯାଉଛନ୍ତି ବିଜେପି ସରକାର। ମହାନଦୀ ଓ ତାର ଉପନଦୀ ଗୁଡ଼ିକରେ ବ୍ୟାରେଜ ନିର୍ମାଣ ପାଇଁ ପ୍ରକ୍ରିୟା ଆରମ୍ଭ କରିଛନ୍ତି ରାଜ୍ୟ ସରକାର। ଏଥିରୁ କେତେକ ପ୍ରକଳ୍ପ ପାଇଁ ସର୍ବେକ୍ଷଣ ଓ ଅନୁସନ୍ଧାନ କାର୍ଯ୍ୟ ଚାଲୁରହିଥିବା ବେଳେ ଆଉ କିଛି ପ୍ରକଳ୍ପର ବୈଷୟିକ ଅନୁମୋଦନ ପାଇଁ କେନ୍ଦ୍ରୀୟ ଜଳ ଆୟୋଗଙ୍କ ସହ ତଥ୍ୟ ଆଦାନ ପ୍ରଦାନ ଆରମ୍ଭ କରିଛନ୍ତି ରାଜ୍ୟ ସରକାର। ଏପରିକି କିଛି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ମୁଖ୍ୟ ଯନ୍ତ୍ରୀଙ୍କୁ ହସ୍ତାନ୍ତର କରାଯାଇସାରିଛି।



ବିଧାନସଭାରେ ଏକ ଲିଖିତ ଉତ୍ତରରେ ଏହି ସୂଚନା ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି। ହୀରାକୁଦ ଉପରମୁଣ୍ଡରେ ଛତିଶଗଡ଼ ବହୁ ଡ୍ୟାମ ଓ ବ୍ୟାରେଜ ନିର୍ମାଣ କରି ମହାନଦୀର ପାଣିକୁ ଅଟକାଇବା ଯୋଗୁଁ ଖରାଦିନେ ସମ୍ପୂର୍ଣ୍ଣ ଶୁଖିଲା ପଡୁଛି ମହାନଦୀ ଶଯ୍ୟା। ତେବେ ଓଡ଼ିଶାରେ ହୀରାକୁଦ ବ୍ୟତୀତ କୌଣସି ଡ୍ୟାମ ନଥିବାରୁ ବର୍ଷାଦିନେ

➤ ପୃ-୬

## 'ବଦଳିବ ରେରା, ଓଡିଏ, ଆପାର୍ଟମେଣ୍ଟ ମାଲିକାନା ଆଇନ'

**ଭୁବନେଶ୍ୱର :** ଆପାର୍ଟମେଣ୍ଟ କିଣାବିକା ବାଟ ସୁଗମ ପାଇଁ ପ୍ରୟାସ। ଘରବାଡ଼ିର ଆଂଶିକ ପ୍ଲଟ ବିକ୍ରି ପାଇଁ ବି ଫିଟିବ ବାଟ। ଓଡ଼ିଶା ଡେଭେଲପମେଣ୍ଟ ଆକ୍ଟ ଓ ଆପାର୍ଟମେଣ୍ଟ ଓନରସିପ୍ ଆକ୍ଟରେ ସଂଶୋଧନ ପାଇଁ ରାଜସ୍ୱ ମନ୍ତ୍ରୀଙ୍କ ସଙ୍କେତ। କେନ୍ଦ୍ରୀୟ ଆଇନ ରେରା ଆକ୍ଟରେ ବି ସଂଶୋଧନ କରିବାକୁ ଦମ୍ଭୋକ୍ତି ପ୍ରକାଶ କରିଛନ୍ତି ରାଜସ୍ୱ ମନ୍ତ୍ରୀ। ହେଲେ ଏହାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ରେରା ଆକ୍ଟିଭିଷ୍ଟ। କ୍ରେତାଙ୍କ ସ୍ୱାର୍ଥକୁ ନଜରରେ ରଖି ଆସିଥିବା ଆଇନରେ ପରିବର୍ତ୍ତନ କାହା ସ୍ୱାର୍ଥରେ? କ୍ରେତାଙ୍କୁ ସଶକ୍ତ କରିବାକୁ ଓଡ଼ିଶା ପ୍ରଥମ ରାଜ୍ୟ ଭାବେ ଆପାର୍ଟମେଣ୍ଟ ଓନରସିପ୍ ଆକ୍ଟ ଆଣିଥିଲା। ଏବେ ରାଜ୍ୟର ସହରାଞ୍ଚଳରେ ଚାଷଜମି ମୂଳ ପ୍ଲଟରୁ ଆଂଶିକ କିଣାବିକାରେ କୌଣସି ପ୍ରତିବନ୍ଧକ ନାହିଁ। ଘରବାଡ଼ି ପ୍ଲଟର ଆଂଶିକ ବିକ୍ରି ପାଇଁ ଲେ-ଆଉଟ ପ୍ଲାନ ବାଧ୍ୟତାମୂଳକ କରାଯାଇଛି। ଆପାର୍ଟମେଣ୍ଟ କିଣାବିକା ପାଇଁ ଜରୁରୀ ଅକୁପାନ୍ସି ସାର୍ଟିଫିକେଟ୍। ବିଲଡର, ଡେଭେଲପମେଣ୍ଟ ଅଥରିଟି ଏସବୁ କ୍ରେତାଙ୍କୁ ଦେବା କଥା। ହେଲେ ସେମିତି ହେଉନାହିଁ। ଏବେ ଆଇନ ବଦଳାଇବା ପାଇଁ ରାଜସ୍ୱ ମନ୍ତ୍ରୀଙ୍କ ବିବୃତିକୁ କ୍ରେତା ସଂଘ ନାପସନ୍ଦ କରିଛି। ରେରା ଆକ୍ଟ ଏକ କେନ୍ଦ୍ରୀୟ ଆଇନ ହୋଇଥିବାରୁ ରାଜ୍ୟ ସରକାର ଏହାକୁ ବଦଳାଇବା ସମ୍ଭବ ନୁହେଁ। ଓଡିଏ ଏବଂ ଆପାର୍ଟମେଣ୍ଟ ଓନରସିପ୍ ଆକ୍ଟରେ ପରିବର୍ତ୍ତନ କରିବାର କ୍ଷମତା ରାଜ୍ୟ ସରକାରଙ୍କ ପାଖରେ ଥିଲେ ବି ଆଇନ ପରିବର୍ତ୍ତନ କାହା ପାଇଁ? କ୍ରେତାଙ୍କ ସୁରକ୍ଷା ପାଇଁ ନା ବିଲଡ଼ରଙ୍କ ସ୍ୱାର୍ଥ ପାଇଁ? ଘର କିଣିବା ପୂର୍ବରୁ ଓଡିଏରେ ଅକୁପାନ୍ସ ସାର୍ଟିଫିକେଟ ଓ ଆପାର୍ଟମେଣ୍ଟ ମାଲିକାନା ଆଇନରେ ମାଲିକ ସଂଘକୁ କମନ ଏରିଆ ଟ୍ରାନ୍ସଫର ବାଧ୍ୟତାମୂଳକ କରାଯାଇଛି। ହେଲେ ଏଥିରେ ଅନେକ ଦ୍ୱନ୍ଦ୍ୱ ଥିବାରୁ

➤ ପୃ-୬

### ୧୫ରୁ ଆବାସ ଯୋଜନାର ନୂଆ ସର୍ଭେ ଆରମ୍ଭ; ସର୍ତ୍ତାବଳୀ କୋହଳ
## ସବୁ ଯୋଗ୍ୟ ପରିବାରକୁ ମିଳିବ ଘର

**ଭୁବନେଶ୍ୱର :** ସବୁ ଯୋଗ୍ୟ ପରିବାରକୁ ମିଳିବ ଘର। ନିଜକୁ ଯୋଗ୍ୟ ମନେ କରୁଥିବା ସମସ୍ତ ପରିବାର ସର୍ଭେ ସମୟରେ ନିଜେ ତାଲିକାଭୁକ୍ତ ହୋଇପାରିବେ। ପ୍ରତ୍ୟେକ ଗାଁରେ ସର୍ଭେ ପାଇଁ ନିର୍ଦ୍ଦିଷ୍ଟ ବ୍ଲକ କର୍ମଚାରୀଙ୍କୁ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ସଠିକ୍ ସର୍ଭେ ପାଇଁ ସମ୍ପୃକ୍ତ ବ୍ଲକ କର୍ମଚାରୀଙ୍କୁ ଉତ୍ତରଦାୟୀ କରାଯିବ। ସବୁ ଯୋଗ୍ୟ ପରିବାର କିଭଳି ଘର ପାଇବେ ସେଥିପାଇଁ ମଧ୍ୟ ଆବାସ ଯୋଜନାର ସର୍ତ୍ତାବଳୀକୁ ମଧ୍ୟ ସରକାର କୋହଳ କରିଛନ୍ତି। ଏପରିକି ଗ୍ରାମସଭା ଡାକି ସମସ୍ତ ଯୋଗ୍ୟ ଓ ଅଯୋଗ୍ୟ ହିତାଧିକାରୀଙ୍କ ତାଲିକାକୁ ଅନୁମୋଦନ କରାଯିବ। ଡିସେମ୍ବର ୧୫ ତାରିଖ ପରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ପିଏମ୍ ଆବାସ-ଗ୍ରାମୀଣ)ର ନୂଆ ସର୍ଭେ ଆରମ୍ଭ ହେବ। ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିବା ପରେ ପ୍ରଥମଥର ପାଇଁ ପି.ଏମ୍ ଆବାସ ଯୋଜନାକୁ ନେଇ ଏଭଳି କିଛି ଗାଇଡଲାଇନ୍ ଜାରି କରିଛି ପଞ୍ଚାୟତିରାଜ ବିଭାଗ। ପଞ୍ଚାୟତିରାଜ ବିଭାଗ ପକ୍ଷରୁ ଜାରି ଗାଇଡଲାଇନ୍ ଅନୁସାରେ, ପି.ଏମ୍ ଆବାସ ଯୋଜନାରେ ହିତାଧିକାରୀ ଚୟନ ପଦ୍ଧତିକୁ କୋହଳ କରାଯାଇ ଦୁଇଚକିଆ ଯାନ, ଫ୍ରିଜ ଅବା ଲ୍ୟାଣ୍ଡଫୋନ୍ ଥିବା ପରିବାରକୁ ଆଉ ଅଯୋଗ୍ୟ ବିବେଚନା କରାଯିବ ନାହିଁ। ଏହାସହିତ ପରିବାରର ମାସିକ ଆୟର ସୀମା ୧୦ହଜାର ଟଙ୍କା ପରିବର୍ତ୍ତେ ୧୫ହଜାର ଟଙ୍କାକୁ ମଧ୍ୟ ବୃଦ୍ଧି



କରାଯାଇଛି। ଏହି ପରିବର୍ତ୍ତିତ ଯୋଗ୍ୟତା ମାନଦଣ୍ଡ ଆଧାରରେ ବଳକା ଥିବା ସମସ୍ତ ଯୋଗ୍ୟ ପରିବାରକୁ ଚିହ୍ନଟ କରି ସେମାନଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) ଗୃହ ମଞ୍ଜୁର କରିବାକୁ ସରକାର ନୂଆ ସର୍ଭେ ଆରମ୍ଭ କରିବାକୁ ଯାଉଛନ୍ତି। ବିଜେଡି ସରକାର ସମୟରେ ରାଜନୈତିକ ଉଦ୍ଦେଶ୍ୟ ରଖି ପାତରଅନ୍ତର କରି ଗୃହ ଆବଣ୍ଟନ କରାଯିବା ଭଳି ଅଭିଯୋଗ ଉପରେ ରୋକ୍ ଲଗାଇବାକୁ ସରକାର ଏଥର ନୂଆ ଢଙ୍ଗରେ ସର୍ଭେ କରିବାକୁ ନିଷ୍ପତ୍ତି ନେଇଛନ୍ତି। କେବଳ କ୍ଷେତ୍ର କର୍ମଚାରୀଙ୍କ ଦ୍ୱାରା ହେଉଥିବା ସର୍ଭେ ନୁହେଁ ବରଂ ଆଶାୟୀ ପରିବାର ମଧ୍ୟ ନିଜର ସର୍ଭେ ନିଜେ କରିପାରିବେ, ଯାହାର ଯୋଗ୍ୟତା ଯାଞ୍ଚ କରି ସରକାର ଘର ମଧ୍ୟ ମଞ୍ଜୁର କରିବାର ପ୍ରାବଧାନ ରଖିଛନ୍ତି। ଏହାଦ୍ୱାରା ଯୋଗ୍ୟ ହିତାଧିକାରୀଙ୍କୁ ସର୍ଭେରୁ ବାଦ୍ ପଡ଼ିବା ଆଶଙ୍କା ମଧ୍ୟ ଦୂର ହୋଇଯିବ। ନିଜେ କିଭଳି

➤ ପୃ-୬

## କେମିତି କଟିବ ଏ ସପ୍ତାହ

**ମେଷ** ବ୍ୟବସାୟୀଙ୍କ ପାଇଁ ସମୟ ଅନୁକୂଳ। ନୂତନ ବ୍ୟବସାୟ କରନ୍ତୁ। କାର୍ଯ୍ୟ କ୍ଷେତ୍ରରେ ସଫଳତା ପାଇବେ। ଉଦ୍ଧାର ଦିଅନ୍ତୁ ନାହିଁ କି ବନ୍ଧୁଙ୍କ ବିଶ୍ୱାସ କରନ୍ତୁ ନାହିଁ। ଆତ୍ମବଳ ବୃଦ୍ଧି ହେବ। ପ୍ରତିକାର : ସୂର୍ଯ୍ୟଦେବଙ୍କ ଜଳ ଅର୍ପଣ କରନ୍ତୁ।

**ବୃଷ** ସତର୍କତାର ସହ ବ୍ୟବସାୟ କରନ୍ତୁ। କାର୍ଯ୍ୟକ୍ଷେତ୍ରରେ ବରିଷ୍ଠଙ୍କ ସହଯୋଗ ପାଇବେ। ବାଣୀରେ ଲଗାମ ଦିଅନ୍ତୁ। ସଞ୍ଚୟରେ ବୃଦ୍ଧି ହେବ। ସ୍ୱଭାବରେ ନିୟନ୍ତ୍ରଣ ରଖନ୍ତୁ। ଜୀବନସାଥୀଙ୍କ ବ୍ୟବହାରରେ ଦୁଃଖି ହୋଇପାରନ୍ତି। ପ୍ରତିକାର : ଦୁର୍ଗା ଚାଳିଶା ପାଠ କରନ୍ତୁ।

**ମିଥୁନ** ବ୍ୟୟରେ ବୃଦ୍ଧି ହେବ। ସହକର୍ମୀଙ୍କ ସହ ସମ୍ପର୍କରେ ଅବନତି ହୋଇପାରେ। ମଧ୍ୟସ୍ଥତା କରନ୍ତୁ ନାହିଁ। ସନ୍ତାନଙ୍କ ସମୃଦ୍ଧିରେ ଆନନ୍ଦିତ ହେବେ। ପ୍ରତିକାର : ଧର୍ମ ସ୍ଥାନରେ ସେବା କରନ୍ତୁ।

**କର୍କଟ** ବ୍ୟବସାୟୀମାନେ ବ୍ୟବସାୟ ପାଇଁ କାହାକୁ କଟୁ ଶବ୍ଦ କରିପାରନ୍ତି। ସ୍ୱାସ୍ଥ୍ୟରେ ଅବନତି ଘଟିବ। ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ପାଇଁ ଚିନ୍ତିତ ରହିବେ। ପ୍ରତିକାର : ଶିବଲିଙ୍ଗରେ ଗାଈ କ୍ଷୀର ଢାଳନ୍ତୁ।

**ସିଂହ** ମନ ଅସ୍ଥିର ରହିବ। ଦୀର୍ଘକାଳୀନ ବ୍ୟବସାୟରେ ଅର୍ଥ ଲଗାନ୍ତୁ। ବ୍ୟକ୍ତିଗତ ଜୀବନରେ ବନ୍ଧୁଙ୍କ ସହଯୋଗ ମିଳିବ। କାର୍ଯ୍ୟକ୍ଷେତ୍ରରେ ପଦୋନ୍ନତି ମିଳିପାରେ। ପ୍ରତିକାର : ତମ୍ବାପାତ୍ରରେ ସୂର୍ଯ୍ୟଙ୍କୁ ଜଳ ଅର୍ପଣ କରନ୍ତୁ।

**କନ୍ୟା** ବ୍ୟବସାୟୀମାନେ କିଛି ନୂଆ ପାଇବେ। ଦୂର ଯାତ୍ରାରେ ଯାଇପାରନ୍ତି। ଆତ୍ମୀୟଙ୍କ ସହଯୋଗ ପାଇବେ। ପରିବାରର ସୁଖସୁବିଧା ପାଇଁ ଖର୍ଚ୍ଚ କରିପାରନ୍ତି। ପ୍ରତିକାର : ଗଣେଶଙ୍କୁ ଦୁବର ମାଳ ପ୍ରଦାନ କରନ୍ତୁ।

**ତୁଳା** ଋଣ ପରିଶୋଧ କରିପାରନ୍ତି। ଭାଇଭଉଣୀଙ୍କ ସହଯୋଗ ପାଇବେ। ସ୍ୱାସ୍ଥ୍ୟ ଉତ୍ତମ ରହିବ। କାର୍ଯ୍ୟକ୍ଷେତ୍ରରେ ସଫଳତା ପାଇବେ। ପ୍ରେମୀମାନଙ୍କ ମଧ୍ୟରେ ସହଯୋଗ ବଢ଼ିବ। ପ୍ରତିକାର : ଭଗବାନ ଶ୍ରୀହରିଙ୍କୁ ଖିରୀ ଭୋଗ ଲଗାନ୍ତୁ ଓ ବାଣ୍ଟନ୍ତୁ।

**ବିଛା** ସମସ୍ତ କାମକୁ ଏକାଗ୍ରତା ଓ ସଫଳତାରେ ପୁରା କରିବେ। ମନକଥାକୁ ଗୁପ୍ତ ରଖନ୍ତୁ। ପରିବାରରେ କୌଣସି ସ୍ୱାସ୍ଥ୍ୟ ବିଗିଡ଼ିପାରେ। ଭାଗ୍ୟ ଠାରୁ କର୍ମ ଉପରେ ଅଧିକ ବିଶ୍ୱାସ କରିବେ। ପ୍ରତିକାର : ହନୁମାନଙ୍କୁ ଭୋଗ ଲଗାନ୍ତୁ।

**ଧନୁ** ପୂର୍ବର ଥିବା ଜଟିଳତା ସମାଧାନ ହେବ। ବ୍ୟବସାୟ ପାଇଁ ନୂଆ ରଣନୀତି ବ୍ୟବହାର କରନ୍ତୁ। ନୂଆ ରୋଜଗାର ପାଇପାରନ୍ତି। ପରିବାର ଦାୟିତ୍ୱ ନିଅନ୍ତୁ। ପ୍ରତିକାର : ଶ୍ରୀରାମ ମନ୍ଦିରରେ ପୂଜାର୍ଚ୍ଚନା କରନ୍ତୁ।

**ମକର** ସ୍ୱାସ୍ଥ୍ୟ ପାଇଁ ଯୋଗାଭ୍ୟାସ କରନ୍ତୁ। ନୂଆ ଚାକିରୀ ମିଳିପାରେ। କାର୍ଯ୍ୟ ବ୍ୟସ୍ତତା ଯୋଗୁ କଷ୍ଟ ପାଇପାରନ୍ତି। କାର୍ଯ୍ୟକ୍ଷେତ୍ରରେ ପ୍ରତିବନ୍ଧକ ଦେଖାଦେବ। ପ୍ରତିକାର : ପ୍ରତିଦିନ ସକାଳେ ପକ୍ଷୀମାନଙ୍କୁ ଦାନା ଖୁଆନ୍ତୁ।

**କୁମ୍ଭ** ଗୁପ୍ତ ଶତ୍ରୁ ସକ୍ରିୟ ହେବେ। କିନ୍ତୁ ଆପଣଙ୍କ କୂଟନୀତି ତାକୁ ପ୍ରତିହତ କରିବ। ବରିଷ୍ଠ ଅଧିକାରୀଙ୍କ ସହ ସମ୍ପର୍କ ବଢ଼ିବ। ଅନାବଶ୍ୟକ କଥାରେ ପ୍ରତିକ୍ରିୟା ରଖନ୍ତୁ ନାହିଁ। ଦାମ୍ପତ୍ୟ ଜୀବନ ଆନନ୍ଦମୟ ରହିବ। ପ୍ରତିକାର : ଧର୍ମ ସ୍ଥାନରେ ବୁନ୍ଦି ପ୍ରସାଦ ଭୋଗ ଲଗାନ୍ତୁ।

**ମୀନ** କାହାଠାରୁ ଋଣ ନିଅନ୍ତୁ ନାହିଁ। ନୂତନ ବ୍ୟବସାୟ ପାଇଁ ସମୟ ଅନୁକୂଳ। ପରିବାରରେ ସମ୍ପର୍କ ବଢ଼ିବ। ଜୀବନସାଥିଙ୍କ ବୁଦ୍ଧିମତା କୌଣସି କଠିନ ପରିସ୍ଥିତିରୁ ବାହା କରିବ। ବୁଲାପଶୁଙ୍କ ଠାରୁ ସାବଧାନ ରହନ୍ତୁ। ପ୍ରତିକାର : ଦୁର୍ଗା ଚାଳିଶା ପାଠ କରନ୍ତୁ।

**ଅନ୍ନପୂର୍ଣ୍ଣା ଖୁଣ୍ଟିଆ**
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

# 'କୃଷକମାନଙ୍କୁ ଉନ୍ନତ ମାନର ସାର, ବିହନ ଏବଂ କୀଟନାଶକ ମିଳିବା ଉଚିତ୍'

**ନୂଆଦିଲ୍ଲୀ, (ପିଆଇବି):** କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ଏବଂ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଶିବରାଜ ସିଂ ଚୌହାନ କହିଛନ୍ତି ଯେ ଦେଶର କୃଷକମାନଙ୍କୁ ସମସ୍ତ ପରିସ୍ଥିତିରେ ଉନ୍ନତ ମାନର ସାର, ବିହନ ଏବଂ କୀଟନାଶକ ମିଳିବା ସୁନିଶ୍ଚିତ କରାଯିବା ଉଚିତ୍। ଏହି ପରିପ୍ରେକ୍ଷୀରେ ଶ୍ରୀ ଚୌହାନ ତାଙ୍କ ମନ୍ତ୍ରଣାଳୟର ବିଭାଗୀୟ ସମୀକ୍ଷା ସମୟରେ କୃଷକଙ୍କ ବୃହତ୍ତର କଲ୍ୟାଣ ପାଇଁ ଦୋଷୀଙ୍କ ବିରୋଧରେ କଠୋର ଓ ପ୍ରଭାବଶାଳୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଶ୍ରୀ ଚୌହାନ ଆହୁରି ମଧ୍ୟ କହିଛନ୍ତି ଯେ ଅନେକ ରାଜ୍ୟରେ ଏଭଳି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପ୍ରଭାବଶାଳୀ ନୁହେଁ ଏବଂ ସେମାନଙ୍କୁ ମୁକ୍ତ ରଖାଯାଇଛି, ସେ ନିଜେ ଖୁବ ଶୀଘ୍ର ରାଜ୍ୟ ସରକାରଙ୍କ ସହ ଏ ବିଷୟରେ କଥା ହେବେ, ଯାହାଦ୍ୱାରା ରାଜ୍ୟ ସ୍ତରରେ ଲଗାତାର ପ୍ରଭାବଶାଳୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଏବଂ ଯେଉଁମାନେ ଦୋଷୀ ସାବ୍ୟସ୍ତ ହୁଅନ୍ତି ସେମାନଙ୍କୁ କଠୋର ଦଣ୍ଡ ମିଳିବା ଉଚିତ ଯାହା ଦ୍ୱାରା ଏଭଳି ଜଘନ୍ୟ କାର୍ଯ୍ୟ ବନ୍ଦ ହୋଇପାରିବ। ଦେଶର ସାଧାରଣ କୃଷକଙ୍କ ସ୍ୱାର୍ଥ ଦୃଷ୍ଟିରୁ ଯେକୌଣସି ପରିସ୍ଥିତିରେ ଏ ଦିଗରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଚାହୁଁଛନ୍ତି ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ଚୌହାନ କହିଛନ୍ତି। ନୂଆଦିଲ୍ଲୀସ୍ଥିତ କୃଷି ଭବନରେ କୃଷି ମନ୍ତ୍ରଣାଳୟର ବିଭାଗୀୟ ସମୀକ୍ଷା ବେଳେ କେନ୍ଦ୍ରମନ୍ତ୍ରୀ ଶ୍ରୀ ଚୌହାନ କୃଷକମାନଙ୍କୁ ସବୁବେଳେ ଉନ୍ନତମାନର କୀଟନାଶକ, ବିହନ ଏବଂ ସାର ଉପଲବ୍ଧ କରାଇବା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ଆଲୋକପାତ କରିଥିଲେ ଯେ କୃଷକମାନେ ଅନେକ ସମୟରେ ନିମ୍ନମାନର



ସାମଗ୍ରୀ ପାଇବା ବିଷୟରେ ଅଭିଯୋଗ କରନ୍ତି, ଯାହା ଫଳରେ ଯଥେଷ୍ଟ କ୍ଷତି ହୋଇଥାଏ। ଶ୍ରୀ ଚୌହାନ କହିଛନ୍ତି ଯେ ଜଣେ ଦାୟିତ୍ୱବାନ ଜନପ୍ରତିନିଧି ହିସାବରେ ଏସବୁ ସମସ୍ୟାର ସମାଧାନ କରିବା ଜରୁରୀ। ନକଲି କିମ୍ବା ନିମ୍ନମାନର କୀଟନାଶକ, ସାର ଓ ବିହନ ବଣ୍ଟନକୁ ପ୍ରଭାବଶାଳୀ ଭାବେ ନିୟନ୍ତ୍ରଣ କରିବା ପାଇଁ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବାକୁ ସେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। କୃଷି ମନ୍ତ୍ରୀ ଶ୍ରୀ ଚୌହାନ କହିଛନ୍ତି ଯେ ଆଗାମୀ ଫସଲ ଋତୁକୁ ଦୃଷ୍ଟିରେ ରଖି କୃଷକମାନଙ୍କୁ ଏ ଦିଗରେ ଆଶ୍ୱସ୍ତି ମିଳିବା ଦରକାର, ଏଥିପାଇଁ ସେ ଖୁବଶୀଘ୍ର ରାଜ୍ୟର ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀଙ୍କ ସହ ଆଲୋଚନା କରିବେ, କାରଣ ମୁଖ୍ୟତଃ ରାଜ୍ୟସ୍ତରରେ ପ୍ରଭାବଶାଳୀ ପଦକ୍ଷେପ ନିଆଯାଏ। ସମୀକ୍ଷା ବେଳେ ଶ୍ରୀ ଶିବରାଜ ସିଂହ ଚୌହାନ ପ୍ରଶ୍ନ କରିଥିଲେ ଯେ ଯେଉଁମାନେ ଏଭଳି ନକଲି ସାମଗ୍ରୀ ତିଆରି କରି ବିକ୍ରି କରୁଛନ୍ତି ସେମାନଙ୍କ ବିରୋଧରେ କ'ଣ କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ଏହି ସମୟରେ ଅନେକ ରାଜ୍ୟରେ ତଦନ୍ତ ଓ ଅଭିଯାନ ସ୍ତରରେ ମଧ୍ୟ ପ୍ରଭାବଶାଳୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବା ଜଣାପଡ଼ିଥିଲା। ଅଧିକାଂଶ ଦୋଷୀ ଦୋଷମୁକ୍ତ ହୁଅନ୍ତି କିମ୍ବା ଖୁବ୍ କମ୍ ଦଣ୍ଡ ପାଇଥାନ୍ତି। ଯାହା ଉପରେ ଶ୍ରୀ ଚୌହାନ କହିଛନ୍ତି ଯେ ସେ ମୁଖ୍ୟମନ୍ତ୍ରୀ ଓ କୃଷି ମନ୍ତ୍ରୀଙ୍କ ସହ ଆଲୋଚନା କରି ଏ ଦିଗରେ ଉପଯୁକ୍ତ ପଦକ୍ଷେପ ନେବେ, ଯେ କୌଣସି ପରିସ୍ଥିତିରେ ରାଜ୍ୟରେ ପ୍ରଭାବଶାଳୀ ପଦକ୍ଷେପ ନିଆଯାଉ। ନିମ୍ନମାନର ସାର, ବିହନ ଓ କୀଟନାଶକ କ୍ଷେତ୍ରରେ ବଡ଼ ବିକ୍ରେତା ଓ ଉତ୍ପାଦକଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ପ୍ରଚଳିତ ଆଇନ, ନିୟମ ଓ ପଦ୍ଧତିକୁ ପ୍ରଭାବଶାଳୀ ଭାବେ କାର୍ଯ୍ୟକାରୀ କରାଯିବା ଉଚିତ୍।

## ଦେଶର ଜିଡିପି ଅଭିବୃଦ୍ଧି ହାର ଦୁଇ ବର୍ଷରେ ସର୍ବନିମ୍ନ

**ନୂଆଦିଲ୍ଲୀ :** ଅର୍ଥନୀତି କ୍ଷେତ୍ରରେ ଭାରତକୁ ଏକ ବଡ଼ ଝଟକା ଲାଗିଛି। ଚଳିତ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସ (ଜୁଲାଇ-ସେପ୍ଟେମ୍ବର)ରେ ଦେଶର ଜିଡିପି ଅଭିବୃଦ୍ଧି ହାର ୫.୪ ପ୍ରତିଶତକୁ ହ୍ରାସ ପାଇଛି। ଯାହାକି ପ୍ରାୟ ଦୁଇ ବର୍ଷ ମଧ୍ୟରେ ସର୍ବନିମ୍ନ। ଶୁକ୍ରବାର ପ୍ରକାଶିତ ସରକାରୀ ତଥ୍ୟ ଅନୁଯାୟୀ, ଉତ୍ପାଦନ କ୍ଷେତ୍ରର ଖରାପ ପ୍ରଦର୍ଶନ ଯୋଗୁଁ ଜୁଲାଇ-ସେପ୍ଟେମ୍ବର ତ୍ରୈମାସରେ ଦେଶର ଆର୍ଥିକ ଅଭିବୃଦ୍ଧିରେ ଏଭଳି ଅବନତୀ ଘଟିଛି। ଗତବର୍ଷ ଏହି ସମାନ ତ୍ରୈମାସ (ଜୁଲାଇ-ସେପ୍ଟେମ୍ବର)ରେ ଦେଶର ଅର୍ଥନୈତିକ ଅଭିବୃଦ୍ଧି ହାର ୮.୧ ପ୍ରତିଶତ ଥିଲା। ତେବେ ଘରୋଇ ଉତ୍ପାଦ (ଜିଡିପି)ର ସବୁଠାରୁ ନିମ୍ନସ୍ତର ୨୦୨୨-୨୩ ଆର୍ଥିକ ବର୍ଷର ଅକ୍ଟୋବର-ଡିସେମ୍ବର ତ୍ରୈମାସରେ ୪.୩% ରେକର୍ଡ କରାଯାଇଥିଲା। ସେତେବେଳେ କରୋନା ମହାମାରୀ ଯୋଗୁଁ ଅର୍ଥନୀତି ପ୍ରଭାବିତ ହୋଇଥିଲା। ସବୁଠାରୁ ବଡ଼ କଥା ହେଉଛି ଅର୍ଥନୈତିକ କ୍ଷେତ୍ରରେ ଖରାପ ପ୍ରଦର୍ଶନ ସତ୍ତ୍ୱେ



ଭାରତ ସବୁଠାରୁ ଦ୍ରୁତ ଅଭିବୃଦ୍ଧିଶୀଳ ରାଷ୍ଟ୍ରର ସ୍ଥାନ ବଜାୟ ରଖିଛି। କାରଣ ଏହି ଆର୍ଥିକ ବର୍ଷର ଜୁଲାଇ-ସେପ୍ଟେମ୍ବର ତ୍ରୈମାସରେ ଚୀନ୍ର ଜିଡିପି ଅଭିବୃଦ୍ଧି ହାର ୪.୬ ପ୍ରତିଶତ ରହିଛି। ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ (ଏନ୍‌ଏସ୍‌ଓ) ତଥ୍ୟ ଅନୁସାରେ ୨୦୨୪-୨୫ ଆର୍ଥିକ ବର୍ଷର ଜୁଲାଇ-ସେପ୍ଟେମ୍ବର ତ୍ରୈମାସରେ କୃଷି କ୍ଷେତ୍ର ୩.୫ ପ୍ରତିଶତ ବୃଦ୍ଧି ପାଇଛି ଯାହା ପୂର୍ବ ବର୍ଷ ସମାନ ଅବଧିରେ ୧.୭ ପ୍ରତିଶତ ଥିଲା। ତେବେ ମାନୁଫାକ୍ଚରିଂ ସେକ୍ଟରର ଅଭିବୃଦ୍ଧି ହାର ବର୍ଷକ ପୂର୍ବରୁ ୧୪.୩ ପ୍ରତିଶତ ଥିଲା, ଯାହା ଏହି ତ୍ରୈମାସରେ ୨.୨ ପ୍ରତିଶତକୁ ଖସି ଆସିଛି।

## ୧୬ ବର୍ଷର କମ୍ ଶିଶୁଙ୍କୁ ସୋସିଆଲ ମିଡିଆ ମନା


**ମେଲ୍‌ବୋର୍ଣ୍ଣ :** ଅଷ୍ଟ୍ରେଲିଆ ସଂସଦ ବଡ଼ ନିଷ୍ପତ୍ତି ନେଇଛି। ୧୬ ବର୍ଷରୁ କମ୍ ବୟସର ଶିଶୁଙ୍କ ପାଇଁ ଫେସବୁକ, ଏକ୍ସ, ଇନଷ୍ଟାଗ୍ରାମ ଭଳି ସୋସିଆଲ ମିଡିଆ ସାଇଟ୍ ନିଷିଦ୍ଧ କରିଦିଆଯାଇଛି। ଏ ସମ୍ବନ୍ଧିତ ଆଇନ ଗୁରୁବାର ସନ୍ଧ୍ୟାରେ ଅଷ୍ଟ୍ରେଲିଆର ଉଚ୍ଚ ସଦନ ସିନେଟରେ ପାରିତ ହୋଇଯାଇଛି। ଏହା ପୂର୍ବରୁ ବୁଧବାର ଏହା ନିମ୍ନ ସଦନରେ ପାରିତ ହୋଇଯାଇଥିଲା। ସବୁ ଦଳର ସଦସ୍ୟ ଏହାକୁ ସମର୍ଥନ ଦେଇଛନ୍ତି। ବିଶ୍ୱର ପ୍ରଥମ ରାଷ୍ଟ୍ର ଭାବେ ଅଷ୍ଟ୍ରେଲିଆ ଏହି ପଦକ୍ଷେପ ନେଇଛି। ଏଥର ୧୬ ବର୍ଷରୁ କମ୍ ବୟସର ପିଲାଙ୍କୁ ଦୂରେଇ ରଖିବା ପାଇଁ ସୋସିଆଲ ମିଡିଆ ସାଇଟ୍ ଗୁଡିକ କଠୋର ପଦକ୍ଷେପ ଗ୍ରହଣ କରିବେ। ଏପରି ନ କଲେ ୩୨. ୫ ନିୟତ ଡଲାର (ଆମେରିକୀୟ) ଜରିମାନା ଲଗାଯିବ। ତେବେ ସୋସିଆଲ ମିଡିଆ କମ୍ପାନୀଗୁଡିକ ଏହାକୁ ବିରୋଧ କରିଛନ୍ତି। ତରବରିଆ ଭାବେ ଏହି ଆଇନ



ଅଣାଯାଇଥିବା କହିଛନ୍ତି। ଆଇନକୁ ଅସ୍ପଷ୍ଟ ଏବଂ ସମସ୍ୟାଯୁକ୍ତ କୁହାଯାଇଛି। ଏହା ପୂର୍ବରୁ ଚୀନ୍ରେ ୧୮ ବର୍ଷରୁ କମ୍ ବୟସର ପିଲାଙ୍କ ସୋସିଆଲ ମିଡିଆ ବ୍ୟବହାର ଉପରେ କଟକଣା ଲାଗିଥିଲା। ପ୍ରତି ବୟସର ଶିଶୁଙ୍କ ଲାଗି ନିର୍ଦ୍ଦିଷ୍ଟ ସମୟସୀମା ଧାର୍ଯ୍ୟ କରାଯାଇଥିଲା। ୧୩ ବର୍ଷରୁ କମ୍ ବୟସର ପିଲାଙ୍କୁ ଏହା ବ୍ୟବହାର ପାଇଁ ବାପାମାଆଙ୍କ ଅନୁମତି ନେବାକୁ ମଧ୍ୟ ପଡୁଥିଲା। ଏହା ସହିତ କୋଡ୍ର ବ୍ୟବସ୍ଥା କରାଯାଇଥିଲା।

## ଆଇଏଫଏଫଆଇରେ ଲିଥୁଆନୀୟ ଚଳଚ୍ଚିତ୍ର 'ଟକ୍ସିକ'କୁ ମିଳିଲା ସ୍ୱର୍ଣ୍ଣ ମୟୂର ପୁରସ୍କାର


**ନୂଆଦିଲ୍ଲୀ, (ପିଆଇବି):** ୫୫ତମ ଭାରତୀୟ ଅନ୍ତର୍ଜାତିକ ଚଳଚ୍ଚିତ୍ର ମହୋତ୍ସବ, ଗୋଆରେ ବହୁ ପ୍ରତୀକ୍ଷିତ ପୁରସ୍କାର ଘୋଷଣା କରାଯାଇଛି। ଲିଥୁଆନୀୟ ଚଳଚ୍ଚିତ୍ର 'ଟକ୍ସିକ' ଶ୍ରେଷ୍ଠ ଫିଚର୍ ଫିଲ୍ମ ରୂପେ ସମ୍ମାନଜନକ ସ୍ୱର୍ଣ୍ଣ ମୟୂର ପୁରସ୍କାର ହାସଲ କରିଛି। ଚଳଚ୍ଚିତ୍ରର ନିର୍ଦ୍ଦେଶକ ସାଉଲେ ବ୍ଲିଓଭେଟ୍ ସ୍ୱର୍ଣ୍ଣ ମୟୂର ଟ୍ରଫି ଏବଂ ପ୍ରମାଣପତ୍ର ସହିତ ନଗଦ ୪୦ ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଯୋଜନା ଗିଡ୍ରେ ବୁରୋକେଟଙ୍କ ଉପସ୍ଥିତିରେ ଗ୍ରହଣ କରିଛନ୍ତି। ବିଚାରକ ମଣ୍ଡଳୀ ଏହି ଚଳଚ୍ଚିତ୍ରରେ ପ୍ରଦର୍ଶିତ ଗଭୀର ସମ୍ବେଦନଶୀଳତା ଏବଂ ସହାନୁଭୂତିକୁ ପ୍ରଶଂସା କରିଛନ୍ତି। ଏହାର ଯୁବାବସ୍ଥାର କାହାଣୀ ଏକ କଠୋର ଶାରୀରିକ ଓ ସାମାଜିକ ପୃଷ୍ଠଭୂମି ଉପରେ ଉପସ୍ଥାପନ କରାଯିବାକୁ ମଧ୍ୟ ପ୍ରଶଂସା କରାଯାଇଛି। ବିଚାରକ ମଣ୍ଡଳୀ କହିଛନ୍ତି ଯେ ଏହି ଚଳଚ୍ଚିତ୍ରରେ କିଶୋରାବସ୍ଥା ଓ ଆର୍ଥିକ ଦୃଷ୍ଟିରୁ ବଞ୍ଚିତ ସମାଜରେ ବଡ଼ ହେବାର କଠୋର ବାସ୍ତବିକତାକୁ ଅତ୍ୟନ୍ତ ସମ୍ବେଦନଶୀଳ ଓ ସହାନୁଭୂତି ସହିତ ପ୍ରଦର୍ଶିତ କରାଯାଇଛି। ଏଥିସହିତ ଶାରୀରିକ ଓ ସାମାଜିକ ପରିଦୃଶ୍ୟର ପୃଷ୍ଠଭୂମିରେ ଯୁବାବସ୍ଥାର




କାହାଣୀକୁ ରୂପ ଦିଆଯାଇଛି, ଏହି କାରଣରୁ 'ଟକ୍ସିକ'କୁ ସର୍ବଶ୍ରେଷ୍ଠ ପୁରସ୍କାର ପାଇଁ ଚୟନ କରାଯାଇଛି। ଦୂଷିତ ଶାରୀରିକ ଓ ସାମାଜିକ ପରିଦୃଶ୍ୟ ମଧ୍ୟରେ ନିର୍ମିତ ତଥା ଏକ ଉପଯୁକ୍ତ ଶୀର୍ଷକ ବିଶିଷ୍ଟ 'ଟକ୍ସିକ' ଚଳଚ୍ଚିତ୍ରରେ ପ୍ରାରମ୍ଭିକ ଯୁବାବସ୍ଥାର କାହାଣୀ ରହିଛି। ଏ ଚଳଚ୍ଚିତ୍ରର କେନ୍ଦ୍ରରେ ମଣିଷ ଶରୀରର ସମସ୍ତ ଦୁର୍ବଳତା ଓ ମହିମାକୁ ଅନ୍ୱେଷଣ କରାଯାଇଛି। ଏହି ଚଳଚ୍ଚିତ୍ରଟି ୧୩ ବର୍ଷୀୟା ମାରିଜାଙ୍କ କାହାଣୀ ବର୍ଣ୍ଣିତ, ଯିଏକି ଶିଳ୍ପ ସହରରେ ଖାପ ଖୁଆଇବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି, ଯେଉଁଠାରେ ସେ ତାଙ୍କ ଜେଜେମା'ଙ୍କ ସହ ରୁହନ୍ତି। ସେ ବିଦ୍ରୋହୀ ସହପାଠି କ୍ରିଷ୍ଟିନାଙ୍କ ସହ ଏକ ଅନିଶ୍ଚିତ ଓ ଅସ୍ଥିର ବନ୍ଧନ ସୃଷ୍ଟି କରିବା ଆରମ୍ଭ କରନ୍ତି ଏବଂ ଦୁହେଁ ଏକ ସ୍ଥାନୀୟ ମଡେଲିଂ ସ୍କୁଲରେ ନାମ ଲେଖାନ୍ତି, ଯାହା ଏହାର ବିଦ୍ୟାର୍ଥୀମାନଙ୍କୁ ସେମାନଙ୍କ ଉଦାସ ଓ ଏକାକୀ ଅସ୍ତିତ୍ୱ ଠାରୁ ଦୂରରେ ଏକ ଆକର୍ଷଣୀୟ ଜୀବନର ସୁଯୋଗ ପାଇଁ ପ୍ରତିଶ୍ରୁତି ଦିଏ। କିନ୍ତୁ ବିଦ୍ୟାଳୟର ଆର୍ଥିକ ଏବଂ ଶାରୀରିକ ଚାହିଦା ସେମାନଙ୍କୁ ସେମାନଙ୍କ ଯୁବା ଶରୀରକୁ ସୌନ୍ଦର୍ଯ୍ୟର ଅସମ୍ଭବ ମାନଦଣ୍ଡ ସହିତ ଖାପଖୁଆଇବା ପାଇଁ କ୍ରମବର୍ଦ୍ଧିଷ୍ଣୁ ଚରମ ଏବଂ ବିପଜ୍ଜନକ ଉପାୟ ସହିତ ଆଗକୁ ଆସିବାକୁ ବାଧ୍ୟ କରେ। ଏହି ଚଳଚ୍ଚିତ୍ରରେ ଅସାଧାରଣ ଅଭିନୟ ପାଇଁ ଭେଷ୍ଟା ମାଟୁଲିଟେ ଏବଂ ଇଭା ରୁପେଇକେଟଙ୍କୁ ଶ୍ରେଷ୍ଠ ଅଭିନେତ୍ରୀ ପୁରସ୍କାର ପ୍ରଦାନ କରାଯାଇଛି। ପ୍ରଥମ ଥର ପାଇଁ ଏ ଦୁହେଁ ଚଳଚ୍ଚିତ୍ରରେ ଅଭିନୟ କରିଛନ୍ତି। ମାରିଜା ଓ କ୍ରିଷ୍ଟିନା ଭୂମିକାରେ ଅଭିନୟ କରିବା ପାଇଁ ଏ ଦୁଇ ଅଭିନେତ୍ରୀଙ୍କୁ ଅନେକ ଶାରୀରିକ ଓ ଭାବଗତ ସୀମା ଅତିକ୍ରମ କରିବାକୁ ପଡ଼ିଛି ବୋଲି ବିଚାରକ ମଣ୍ଡଳୀ ମତବ୍ୟକ୍ତ କରିଛନ୍ତି।

## ୨୦ରେ ରାଜ୍ୟସଭା ଉପନିର୍ବାଚନ

**ନୂଆଦିଲ୍ଲୀ:** ଡିସେମ୍ବର ୨୦ ତାରିଖରେ ହେବ ରାଜ୍ୟସଭା ପାଇଁ ଉପନିର୍ବାଚନ। ଓଡ଼ିଶା ସମେତ ୪ ରାଜ୍ୟରେ ଖାଲି ପଡ଼ିଥିବା ୬ଟି ଆସନ ହେବ ଉପନିର୍ବାଚନ। ଏନେଇ କାର୍ଯ୍ୟନିର୍ଘଣ୍ଟ ପ୍ରକାଶ ପାଇଛି। ବିଜେଡିର ପୂର୍ବତନ ସାଂସଦ ସୁଜିତ କୁମାର ରାଜ୍ୟସଭା ସଦସ୍ୟ ପଦରୁ ଇସ୍ତଫା ଦେବା ପରେ ଗୋଟିଏ ଆସନ ଖାଲିପଡ଼ିଛି। ଏଥିପାଇଁ ଡିସେମ୍ବର ୨୦ ତାରିଖରେ ରାଜ୍ୟସଭା ପାଇଁ ଉପନିର୍ବାଚନ ହେବ। ଘୋଷିତ କାର୍ଯ୍ୟନିର୍ଘଣ୍ଟ ଅନୁସାରେ ଡିସେମ୍ବରରେ ୨୦ ତାରିଖରେ ରାଜ୍ୟସଭା ପାଇଁ ଉପନିର୍ବାଚନ ହେବ। ଏନେଇ ଡିସେମ୍ବର ୩ ତାରିଖରେ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇବ। ୧୦ ତାରିଖ ନାମାଙ୍କନର ଶେଷ ତାରିଖ ରହିଛି। ୧୧ ତାରିଖ ନାମାଙ୍କନ ଯାଞ୍ଚ ହେବ ଓ ୧୩ ତାରିଖ ନାମାଙ୍କନ ପ୍ରତ୍ୟାହାରର ଶେଷ ତାରିଖ ରହିଛି। ବିଧାନସଭାରେ ସଂଖ୍ୟା ଦୃଷ୍ଟିରୁ ଓଡ଼ିଶାର ରାଜ୍ୟସଭା ଆସନ ବିଜେପି ଖାତାକୁ ଯିବ। ତେବେ କିଏ ରାଜ୍ୟସଭାକୁ ଯିବେ ତାକୁ



ନେଇ କଳ୍ପନା ଜଳ୍ପନା ଆରମ୍ଭ ହୋଇଛି। ମମତା ମହାନ୍ତଙ୍କ ପରି ବିଜେପି ସୁଜିତ କୁମାରଙ୍କୁ ରାଜ୍ୟସଭାକୁ ପଠାଇବ ନା ଆଉ କାହାକୁ ପ୍ରାର୍ଥୀ କରିବ ତାକୁ ନେଇ ଚର୍ଚ୍ଚା ଜୋର ଧରିଛି। ସୂଚନାଯୋଗ୍ୟ, ସେପ୍ଟେମ୍ବର ୬ ତାରିଖରେ ସୁଜିତ କୁମାର ରାଜ୍ୟସଭା ସଦସ୍ୟ ପଦରୁ ଇସ୍ତଫା ଦେଇଥିଲେ। ଏଥିସହ ବିଜେଡିରୁ ମଧ୍ୟ ଇସ୍ତଫା ଦେଇଥିଲେ। ପରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ସାଂସଦ ଭର୍ତ୍ତୃହରି ମହତାବ, ବିଜେପି ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂ ତୋମରଙ୍କ ଉପସ୍ଥିତରେ ସେ ବିଜେପିରେ ଯୋଗ ଦେଇଥିଲେ।

# ସଂରକ୍ଷଣ ପାଇଁ ଧର୍ମ ପରିବର୍ତ୍ତନ ସମ୍ବିଧାନ ପ୍ରତି ବିଶ୍ୱାସଘାତ : ସୁପ୍ରିମ୍‌କୋର୍ଟ

**ନୂଆଦିଲ୍ଲୀ :** ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ କହିଛନ୍ତି ଯେ ସଂରକ୍ଷଣର ଲାଭ ପାଇବା ପାଇଁ ଧର୍ମ ପରିବର୍ତ୍ତନ କରିବା ସମ୍ବିଧାନର ମୌଳିକ ଭାବନାର ବିରୁଦ୍ଧ ଅଟେ। ଏଥିସହ ସୁପ୍ରିମକୋର୍ଟ ମାଡ୍ରାସ ହାଇକୋର୍ଟଙ୍କ ନିଷ୍ପତ୍ତିକୁ କାଏମ୍ ରଖିଛନ୍ତି। ମାଡ୍ରାସ ହାଇକୋର୍ଟ ଜଣେ ଖ୍ରୀଷ୍ଟିଆନ ମହିଳାଙ୍କୁ ଏକ ଅନୁସୂଚିତ ଜାତି (ଏସ୍‌ସି) ପ୍ରମାଣପତ୍ର ଦେବାକୁ ମନା କରିଥିଲେ। ଏହି ମହିଳା ପୁଡୁଚେରୀରେ ଅପର ଡିଭିଜନ୍ କ୍ଲର୍କ (ୟୁଡିସି) ଚାକିରି ପାଇଁ ଏସ୍‌ସି ସାର୍ଟିଫିକେଟ୍ ଚାହୁଁଥିଲେ। ଏଥିପାଇଁ ସେ ନିଜକୁ ହିନ୍ଦୁ ବୋଲି ଘୋଷଣା କରିଥିଲେ। ଜଷ୍ଟିସ ପଙ୍କଜ ମିତ୍ତଲ ଏବଂ ଜଷ୍ଟିସ ଆର. ମହାଦେବନଙ୍କ ନେତୃତ୍ୱରେ ଗଠିତ ବେଞ୍ଚ କହିଛନ୍ତି ଯେ ମହିଳା ଖ୍ରୀଷ୍ଟିଆନ ଧର୍ମ ଅନୁସରଣ କରନ୍ତି ଏବଂ ନିୟମିତ ଚର୍ଚ୍ଚକୁ ଯାଆନ୍ତି। ଏହା ସତ୍ତ୍ୱେ ସେ ଏହି ଚାକିରି ପାଇଁ ଜଣେ ହିନ୍ଦୁ ଏବଂ ଅନୁସୂଚିତ ଜାତିର ବ୍ୟକ୍ତି ବୋଲି ଦାବି କରୁଛନ୍ତି। ଏହିପରି ଦୋହରା ଦାବି ଠିକ୍ ନୁହେଁ। ଅଦାଲତ କହିଛନ୍ତି ଏହି ମାମଲା ଏକ ବଡ଼ ପ୍ରଶ୍ନ ସହିତ ଜଡିତ ଯେଉଁଥିରେ ଧର୍ମକୁ ଏସ୍‌ସି/ଏସ୍‌ଟି ସଂରକ୍ଷଣର ଆଧାର କରିବା ପାଇଁ ସାମ୍ବିଧାନିକତା ଉପରେ ଶୁଣାଣି ଚାଲିଛି। ଏଥିରେ ଖ୍ରୀଷ୍ଟିଆନ ଏବଂ ମୁସଲମାନ ଦଳିତଙ୍କ ପାଇଁ ସଂରକ୍ଷଣ ଦାବି କରାଯାଇଛି। ୧୯୫୦ର ରାଷ୍ଟ୍ରପତିଙ୍କ ଆଦେଶ ଅନୁଯାୟୀ କେବଳ ହିନ୍ଦୁମାନେ ଏସ୍‌ସି ମାନ୍ୟତା ପାଇପାରିବେ। ସଂରକ୍ଷଣ ପାଇଁ ଶିଖ୍ ଏବଂ ବୌଦ୍ଧଧର୍ମୀମାନଙ୍କୁ ମଧ୍ୟ ହିନ୍ଦୁ ବୋଲି ବିବେଚନା କରାଯାଇଥାଏ। ୨୦୦୭ରେ, ଜଷ୍ଟିସ୍ ରଙ୍ଗନାଥ ମିଶ୍ର ଆୟୋଗ ଦଳିତ ଖ୍ରୀଷ୍ଟିଆନ ଏବଂ ମୁସଲମାନମାନଙ୍କୁ ଏସ୍‌ସି ସଂରକ୍ଷଣ ପ୍ରଦାନ କରିବାକୁ ପରାମର୍ଶ ଦେଇଥିଲେ। ଜଷ୍ଟିସ ମହାଦେବନ କହିଛନ୍ତି ଯେ ଭାରତ ଏକ ଧର୍ମନିରପେକ୍ଷ ଦେଶ। ଧାରା ୨୫ ଅନୁଯାୟୀ, ପ୍ରତ୍ୟେକ ନାଗରିକ ନିଜ ପସନ୍ଦର ଧର୍ମ ପାଳନ କରିବାର ଅଧିକାର ପାଇଛନ୍ତି। ଜଣେ ବ୍ୟକ୍ତି ଅନ୍ୟ ଧର୍ମରେ ଯୋଗ ଦେଇଥାଏ ଯେତେବେଳେ ସେ ଏହାର ନୀତି ଏବଂ ଧାରଣା ଦ୍ୱାରା ପ୍ରଭାବିତ ହୁଏ। କିନ୍ତୁ ଯଦି ଧାର୍ମିକ ରୂପାନ୍ତରର ଉଦ୍ଦେଶ୍ୟ କେବଳ ସଂରକ୍ଷଣର ଲାଭ ପାଇବା, ତେବେ ଏହାକୁ ଅନୁମତି ଦିଆଯାଇପାରିବ ନାହିଁ। ଏହିପରି ଲୋକଙ୍କୁ ସଂରକ୍ଷଣ ପ୍ରଦାନ ସଂରକ୍ଷଣ ନୀତିର ସାମାଜିକ ଉଦ୍ଦେଶ୍ୟକୁ ବିଫଳ କରିବ।

ମାଡ୍ରାସ ହାଇକୋର୍ଟର ୨୪ ଜାନୁଆରୀ ୨୦୨୩ର ଆଦେଶକୁ ଆବେଦନକାରୀ ସି ସେଲଭାରାନି ଚ୍ୟାଲେଞ୍ଜ କରିଥିଲେ। ହାଇକୋର୍ଟ ତାଙ୍କ ଆବେଦନକୁ ପ୍ରତ୍ୟାଖ୍ୟାନ କରିଥିଲେ।



ସେଲଭାରାନି କହିଥିଲେ ଯେ ସେ ହିନ୍ଦୁ ଧର୍ମକୁ ମାନନ୍ତି ଏବଂ ଭାଲୁଭାନ ଜାତିର। ଏହି ଜାତି ୧୯୬୪ର ସମ୍ବିଧାନ (ପୁଡୁଚେରୀ) ଅନୁସୂଚିତ ଜାତି ଆଦେଶ ଅଧୀନରେ ଆସିଥାଏ। ତେଣୁ ସେ ଆଦି ଦ୍ରାବିଡ଼ କୋଟା ଅଧୀନରେ ସଂରକ୍ଷଣ ପାଇବାକୁ ହକଦାର। ସେଲଭାରାନି ଯୁକ୍ତି କରିଥିଲେ, ସେ ଜନ୍ମରୁ ହିନ୍ଦୁ ଧର୍ମ ଅନୁସରଣ କରୁଛନ୍ତି ଏବଂ ମନ୍ଦିରକୁ ଯାଇ ହିନ୍ଦୁ ଦେବତାଙ୍କୁ ପୂଜା କରୁଛନ୍ତି। ମହିଳା ଜଣକ ଜଣେ ହିନ୍ଦୁ ପିତା ଏବଂ ଖ୍ରୀଷ୍ଟିଆନ ମାତାଙ୍କଠାରୁ ଜନ୍ମ ହୋଇଥିବା ଅନେକ ଡକ୍ୟୁମେଣ୍ଟ ମାଧ୍ୟମରେ କୋର୍ଟରେ ପ୍ରମାଣ କରିବାକୁ ଚେଷ୍ଟା କରିଥିଲେ। ବିବାହ ପରେ ତାଙ୍କ ମା' ମଧ୍ୟ ହିନ୍ଦୁ ଧର୍ମ ଗ୍ରହଣ କରିଥିଲେ। ତାଙ୍କର ଜେଜେବାପା ଏବଂ ପରଜେଜେବାପାମାନେ ଭାଲୁଭାନ୍ ଜାତିର ଥିଲେ। ସେ ଆହୁରି ମଧ୍ୟ ଦାବି କରିଛନ୍ତି ଯେ ତାଙ୍କ ଶିକ୍ଷାଗତ ଜୀବନରେ ସେ ଏସ୍‌ସି ସମ୍ପ୍ରଦାୟର ବୋଲି ବିବେଚନା କରାଯାଉଥିଲେ। ତାଙ୍କର ସ୍ଥାନାନ୍ତର ପ୍ରମାଣପତ୍ର ମଧ୍ୟ ତାଙ୍କ ଜାତି ନିଶ୍ଚିତ କରିଛି। ତାଙ୍କ ବାପା ଏବଂ ଭାଇଙ୍କର ଏସ୍‌ସି ସାର୍ଟିଫିକେଟ୍ ଅଛି। ତେବେ ଏହି ଘଟଣାର ସତ୍ୟପାଠ ଅନୁଧ୍ୟାନ କରିବା ପରେ ବେଞ୍ଚ କହିଛନ୍ତି ଯେ ଗ୍ରାମ ପ୍ରଶାସନିକ ଅଧିକାରୀଙ୍କ ରିପୋର୍ଟ ଏବଂ ଡକ୍ୟୁମେଣ୍ଟାରୀ ପ୍ରମାଣ ସ୍ପଷ୍ଟ ଭାବରେ ଦର୍ଶାଇଛି ଯେ ତାଙ୍କ ପିତା ଏସ୍‌ସି ସମ୍ପ୍ରଦାୟର ଏବଂ ମାତା ଜଣେ ଖ୍ରୀଷ୍ଟିଆନ। ଖ୍ରୀଷ୍ଟିଆନ ରୀତିନୀତି ଅନୁଯାୟୀ ସେମାନେ ବିବାହ କରିଥିଲେ। ଏହା ପରେ, ସେଲଭାରାନିଙ୍କ ପିତା ଖ୍ରୀଷ୍ଟିଆନ ଧର୍ମ ଗ୍ରହଣ କରିଥିଲେ। ତାଙ୍କ ଭାଇ ୭ ମେ' ୧୯୮୯ରେ ଖ୍ରୀଷ୍ଟିଆନ ହୋଇଥିଲେ। ସେଲଭାରାନି ୨୨ ନଭେମ୍ବର ୧୯୯୦ରେ ଜନ୍ମଗ୍ରହଣ କରିଥିଲେ ଏବଂ ପୁଡୁଚେରୀର ଭିଲିଆନୁରର ଲୋର୍ଡସ୍ ଶ୍ରୀଇନରେ ୬ ଜାନୁଆରୀ ୧୯୯୧ରେ ସେ ଖ୍ରୀଷ୍ଟିଆନ ହୋଇଥିଲେ। ତେଣୁ, ଏହା ସ୍ପଷ୍ଟ ଯେ ସେଲଭାରାନି ଜନ୍ମରୁ ଖ୍ରୀଷ୍ଟିଆନ ଥିଲେ ଏବଂ ସେ ଏସ୍‌ସି ସାର୍ଟିଫିକେଟ୍ ପାଇବାକୁ ଯୋଗ୍ୟ ନୁହନ୍ତି। ବେଞ୍ଚ କହିଛନ୍ତି ଯେ ଯଦି ସେଲଭାରାନି ଏବଂ ତାଙ୍କ ପରିବାର ପ୍ରକୃତରେ ଧର୍ମ ପରିବର୍ତ୍ତନ କରିବାକୁ ଚାହାନ୍ତି, ତେବେ ସେମାନେ କେବଳ ହିନ୍ଦୁ ବୋଲି କହିବା ପରିବର୍ତ୍ତେ ଏହାକୁ ପ୍ରମାଣ କରିବା ପାଇଁ କିଛି ଠୋସ୍ ପଦକ୍ଷେପ ଗ୍ରହଣ କରିବା ଉଚିତ୍। ଧାର୍ମିକ ରୂପାନ୍ତରର ଗୋଟିଏ ଉପାୟ ହେଉଛି ଆର୍ଯ୍ୟ ସମାଜ ମାଧ୍ୟମରେ। ଏହି ପରିବର୍ତ୍ତନକୁ ସର୍ବସାଧାରଣରେ ଘୋଷଣା କରାଯାଇପାରେ। ଏହା ସହିତ ସୁପ୍ରିମ୍‌କୋର୍ଟ ମହିଳାଙ୍କ ଯୁକ୍ତିକୁ ପ୍ରତ୍ୟାଖ୍ୟାନ କରିଥିଲେ ଯେ ସେ ତିନି ମାସରୁ କମ୍ ବୟସରେ ଖ୍ରୀଷ୍ଟିଆନ ହୋଇଥିଲେ। କୋର୍ଟ କହିଛନ୍ତି ଯେ ଏହି ଯୁକ୍ତି ଆମ ପାଇଁ ସଠିକ୍ ମନେହୁଏ ନାହିଁ କାରଣ ସେ ଖ୍ରୀଷ୍ଟିଆନ ପଞ୍ଜିକରଣକୁ ବାତିଲ କରିବାକୁ କୌଣସି ଉଦ୍ୟମ କରିନାହାନ୍ତି କିମ୍ବା ଏ ବାବଦରେ କୌଣସି ମାମଲା ଦାଖଲ କରିନାହାନ୍ତି। ଅଦାଲତ କହିଛନ୍ତି, ଅନୁସନ୍ଧାନରୁ ଜଣାପଡିଛି ଯେ ତାଙ୍କ ପିତାମାତା ଭାରତୀୟ ଖ୍ରୀଷ୍ଟିଆନ ବିବାହ ଆଇନ, ୧୮୭୨ ଅନୁଯାୟୀ ବିବାହ କରିଥିଲେ। ସେଲଭାରାନି ଏବଂ ତାଙ୍କ ଭାଇ ଖ୍ରୀଷ୍ଟିଆନ ହୋଇଥିଲେ ଏବଂ ନିୟମିତ ଭାବରେ ଚର୍ଚ୍ଚରେ ଯୋଗ ଦେଇଥିଲେ। ସେ ପୁନର୍ବାର ହିନ୍ଦୁ ଧର୍ମ ଗ୍ରହଣ କରିଥିଲେ ବୋଲି କୌଣସି ପ୍ରମାଣ ନାହିଁ। ଅପରପକ୍ଷେ, ପ୍ରକୃତ କଥା ହେଉଛି ସେମାନେ ଏବେ ମଧ୍ୟ ଖ୍ରୀଷ୍ଟିଆନ ଧର୍ମ ପାଳନ କରୁଛନ୍ତି ବୋଲି କୋର୍ଟ କହିବା ସହିତ ଏହି ଆବେଦନକୁ ଖାରଜ କରିଛନ୍ତି।




# ପୁରୁଷତ୍ୱ ନଷ୍ଟ ହେବା ଭୟ ବନ୍ଧ୍ୟାକରଣ ପାଇଁ ଡରୁଛି ପୁରୁଷ

**ଭୁବନେଶ୍ୱର :** ପୁରୁଷତ୍ୱ ନଷ୍ଟ ହେବା ଭୟରେ ବନ୍ଧ୍ୟାକରଣ କରିବାକୁ ଡରୁଛନ୍ତି ପୁରୁଷ। ଉପାନ୍ତ ନୁହେଁ, ଶିକ୍ଷିତ ଜିଲ୍ଲାରେ କମିଛି ପୁରୁଷ ବନ୍ଧ୍ୟାକରଣ। ସ୍ୱାମୀ ଓ ସ୍ତ୍ରୀ ସଚେତନ ହୋଇ ପରିବାର ନିୟୋଜନ ଦିଗରେ କାମ କରିବାକୁ ପରାମର୍ଶ ଦେଇଛି ସ୍ୱାସ୍ଥ୍ୟ ବିଭାଗ। ପୂର୍ବ ସରକାର ଯେଉଁ ଟ୍ରେନିଂ ସେଣ୍ଟର ବୃଦ୍ଧି ନିଷ୍ପତ୍ତି କରିବାକୁ ଯୋଜନା କରିଥିଲେ। ତାକୁ କାର୍ଯ୍ୟକାରୀ କରିବାକୁ ଚିନ୍ତା କରୁଛି ସ୍ୱାସ୍ଥ୍ୟ ବିଭାଗ। ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ବନ୍ଧ୍ୟାକରଣ ପାଇଁ ଡରୁଛି ପୁରୁଷ। ପୁରୁଷତ୍ୱ ହରାଇବା ଭ୍ରମରେ ବନ୍ଧ୍ୟାକରଣକୁ କରୁଛନ୍ତି ଭୟ। ପଡୁଛି ଜନସଂଖ୍ୟା ଉପରେ ନକରାତ୍ମକ ପ୍ରଭାବ। ରାଜ୍ୟରେ ପୁରୁଷ ବନ୍ଧ୍ୟାକରଣ କ୍ଷେତ୍ରରେ ଶିକ୍ଷିତ ଅଞ୍ଚଳ ଅପେକ୍ଷା ଆଦିବାସୀ ଅଞ୍ଚଳର ସଂଖ୍ୟା ଅଧିକ ରହିଛି। ୨୦୨୩-୨୪ରେ ରାଜ୍ୟର କୋରାପୁଟ ଜିଲ୍ଲାରେ ସର୍ବାଧିକ ୩୦୭ ପୁରୁଷ କରାଇଛନ୍ତି ବନ୍ଧ୍ୟାକରଣ। ସୁନ୍ଦରଗଡ଼ ଜିଲ୍ଲାରେ ୨୮୨ ଓ ରାୟଗଡ଼ାରେ ୨୬୪ ପୁରୁଷଙ୍କ ହୋଇଛି ବନ୍ଧ୍ୟାକରଣ। ହେଲେ ଦେବଗଡ଼ ଜିଲ୍ଲାରେ ଏହି ସଂଖ୍ୟା ଶୂନ। ଖାଲି ସେତିକି ନୁହେଁ, ରାଜ୍ୟର ଅନୁଗୁଳ, ବଲାଙ୍ଗୀର, ଢେଙ୍କାନାଳ, ନୟାଗଡ଼, ନୂଆପଡ଼ା, ସମ୍ବଲପୁର , ସୁବର୍ଣ୍ଣପୁର ପରି ୭ ଜିଲ୍ଲାରେ ପୁରୁଷ ବନ୍ଧ୍ୟାକରଣ ଦୁଇ ଅଙ୍କ ବି ଛୁଇଁନି। ପୁରୀ, ଖୋର୍ଦ୍ଧା, କେନ୍ଦ୍ରାପଡ଼ା, କଳାହାଣ୍ଡି, ଝାରସୁଗୁଡ଼ାରେ ମଧ୍ୟ ସ୍ଥିତି ଭଲ ନୁହେଁ। ପୁରୁଷ ବନ୍ଧ୍ୟାକରଣ ବଢାଇବାକୁ ପୂର୍ବ ନବୀନ ସରକାର ଏକ କମିଟି ଗଠନ କରିବାକୁ ଯୋଜନା କରିଥିଲେ। ତାକୁ ବର୍ତ୍ତମାନର ସରକାର କାର୍ଯ୍ୟକାରୀ କରିବାକୁ ଚିନ୍ତା କରିଛନ୍ତି। ଏଥିରେ ପ୍ରୋତ୍ସାହନ ରାଶି ସହ ପୁରସ୍କାର ମଧ୍ୟ ପ୍ରଦାନ କରିବାର ବ୍ୟବସ୍ଥା ରହିବ। ୨୦୨୧-୨୨ରେ ରାଜ୍ୟରେ ମୋଟ ୯୦୦ ପୁରୁଷଙ୍କ ବନ୍ଧ୍ୟାକରଣ ହୋଇଥିବା ବେଳେ ୨୦୨୪-୨୫ରେ ୨ ହଜାରରୁ ଅଧିକ ବନ୍ଧ୍ୟାକରଣ କରିବା ଲକ୍ଷ୍ୟ ରହିଛି। ବାର୍ଷିକ ୫ ହଜାରରୁ ବନ୍ଧ୍ୟାକରଣ ହେଉଥିବା କର୍ଣ୍ଣାଟକ ଓ ମହାରାଷ୍ଟ୍ର ପରି ଓଡ଼ିଶାରେ ଟାର୍ଗେଟ ନେଇ ସ୍ୱାସ୍ଥ୍ୟ ବିଭାଗ କମିଟି କାମ କରିବ। ପୂର୍ବ ସରକାରର ଆଭିମୁଖ୍ୟ କାର୍ଯ୍ୟକାରୀ ନହେଲେ ଅସମ୍ଭାଳ ହୋଇପାରେ ସ୍ଥିତି। ନନ୍ ସ୍କାପେଲ୍ ଭାସ୍କେଟୋମି ବା ଏନଏସଭି ପଦ୍ଧତି ହିଁ ପୁରୁଷ ବନ୍ଧ୍ୟାକରଣର ଏକ ମାତ୍ର ଉପାୟ। ଏଥିଲାଗି ଅଧିକ ଡାକ୍ତରଙ୍କୁ ପ୍ରଶିକ୍ଷଣ ଦିଆଯିବ। ବର୍ତ୍ତମାନ ଗୋଟିଏ ଟ୍ରେନିଂ ସେଣ୍ଟର କଟକରେ ରହିଛି। କଳାହାଣ୍ଡି ବା କୋରାପୁଟରେ ଆଉ ଏକ ଟ୍ରେନିଂ ସେଣ୍ଟର ଖୋଲାଯିବାର ଯୋଜନା ରହିଛି। ଆସନ୍ତା ବର୍ଷ ଜନଗଣନା ହେବାକୁ ଯାଉଛି। ହେଲେ ଯେଉଁ ପରି ଜନସଂଖ୍ୟାରେ ବିସ୍ଫୋରଣ ଘଟୁଛି, ତାହା ଆଗାମୀ ପିଢି ପାଇଁ ଭୟଙ୍କର ବିପଦ ଆଣିବା ଆଶଙ୍କା ରହିଛି।

# ଜାନୁଆରୀ ୫ରୁ ଆଦିବାସୀ ମେଳା

**ଭୁବନେଶ୍ୱର :** ଆସନ୍ତା ଜାନୁଆରୀ ୫ତାରିଖରୁ ୧୨ଦିନ ଧରି ରାଜ୍ୟସ୍ତରୀୟ ଆଦିବାସୀ ମେଳା ଅନୁଷ୍ଠିତ ହେବ। ପ୍ରଥମଥର ପାଇଁ ଭୁବନେଶ୍ୱରରେ 'ପ୍ରବାସୀ ଭାରତୀୟ ସମ୍ମିଳନୀ' ଜାନୁଆରୀ ୮ରୁ ୧୦ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଥିବାରୁ ଏହି ସମୟରେ ରାଜ୍ୟ ସରକାର ଆଦିବାସୀ ମେଳା ଆୟୋଜନ କରି ଓଡ଼ିଶାର ଆଦିବାସୀମାନଙ୍କ କଳା, ସଂସ୍କୃତି, ପରମ୍ପରା ଓ ହସ୍ତତନ୍ତ ଆଦିର ବ୍ୟାପକ ପ୍ରଚାରପ୍ରସାର ପାଇଁ ଲକ୍ଷ୍ୟ ରଖିଥିବା ଜଣାପଡ଼ିଛି। ରାଜ୍ୟ ଅନୁସୂଚିତ ଜାତି ଓ ଜନଜାତି ବିଭାଗରୁ ମିଳିଥିବା ସୂଚନା ଅନୁସାରେ, ଆସନ୍ତା ଜାନୁଆରୀ ୫ତାରିଖରୁ ଇଡକୋ ପ୍ରଦର୍ଶନୀ ପଡ଼ିଆଠାରେ ରାଜ୍ୟସ୍ତରୀୟ ଆଦିବାସୀ ମେଳା ଅନୁଷ୍ଠିତ ହେବ। ଏହି ମେଳା ୧୨ଦିନ ଧରି ଚାଲିବ। ଚଳିତଥର ମେଳାକୁ ପ୍ରବାସୀ ଭାରତୀୟମାନେ ଆସିବାର ସମ୍ଭାବନା ଥିବାରୁ ରାଜ୍ୟ ସରକାର ସ୍ୱତନ୍ତ୍ର ବ୍ୟବସ୍ଥା କରୁଥିବା ଜଣାପଡ଼ିଛି। ଆଦିବାସୀଙ୍କ ଗାଁ, ଆଦିବାସୀଙ୍କ ଘର, ଆଦିବାସୀଙ୍କ ହାଟ ଆଦିର କୃତ୍ରିମ ସାଜସଜ୍ଜା ଓ ନିର୍ମାଣ ସହ ପ୍ରତ୍ୟେକ ସନ୍ଧ୍ୟାରେ ଆଦିବାସୀଙ୍କ ପାରମ୍ପରିକ ନୃତ୍ୟ, ଗୀତ, ବାଦ୍ୟଯନ୍ତ୍ର ସହ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହେବ। ଏହାସହିତ ଫୁଡ୍ କୋର୍ଟ ମଧ୍ୟ ରହିବ। ଏହି ମେଳାରେ ଆଦିବାସୀମାନଙ୍କ ଦ୍ୱାରା ସଂଗୃହୀତ ବିଭିନ୍ନ ବନ୍ୟଜାତ ଦ୍ରବ୍ୟ ବିକ୍ରି ପାଇଁ ମଧ୍ୟ ବ୍ୟବସ୍ଥା କରାଯାଇଛି। ଉଲ୍ଲେଖଯୋଗ୍ୟ, ସବୁବର୍ଷ ରାଜ୍ୟସ୍ତରୀୟ ଆଦିବାସୀ ମେଳା ଜାନୁଆରୀ ୨୬ରୁ ଆରମ୍ଭ ହୋଇଥାଏ। କିନ୍ତୁ ଚଳିତବର୍ଷ ଭୁବନେଶ୍ୱରରେ ପ୍ରବାସୀ ଭାରତୀୟ ଦିବସ ସମ୍ମିଳନୀ ଆୟୋଜନ ହେଉଥିବାରୁ ରାଜ୍ୟ ସରକାର ଏହି ସମୟରେ ବିଭିନ୍ନ ମେଳା ଆଦିର ଆୟୋଜନ କରି ଓଡ଼ିଶାର ସଂସ୍କୃତିର ଝଲକ ପ୍ରବାସୀଙ୍କୁ ଦେଖାଇବାର ବ୍ୟବସ୍ଥା କରିଥିବା ଜଣାପଡ଼ିଛି।

## ପୂର୍ବତଟ ରେଳପଥ ଜୋନରୁ ଅଲଗା କଲେ ୱାଲଟିୟର ଡିଭିଜନ୍

# ବାର୍ଷିକ ୧୦ ହଜାର କୋଟିରୁ ଅଧିକ ରେଳ ରାଜସ୍ୱ ହରାଇବ ଓଡ଼ିଶା

**ଭୁବନେଶ୍ୱର :** ରେଳ ବିକାଶରେ ଓଡ଼ିଶାକୁ ବେଖାତିର। ଦୀର୍ଘଦିନରୁ ଷଡ଼ଯନ୍ତ୍ର କରୁଥିଲା କେନ୍ଦ୍ର। କିନ୍ତୁ ବିଜେଡିର ବିରୋଧ ଯୋଗୁ ସମ୍ଭବ ହୋଇ ପାରୁନଥିଲା। ଏବେ ଡବଲ ଇଞ୍ଜିନ୍ ସରକାର କ୍ଷମତାକୁ ଆସିବା ପରେ ନୂଆବର୍ଷ ପୂର୍ବରୁ ଓଡ଼ିଶାକୁ କେନ୍ଦ୍ର ଦେଇଛି ବୈମାତୃକ ଭେଟି। ୱାଲଟିୟର ଡିଭିଜନ୍‌କୁ ପୂର୍ବତଟ ରେଳପଥ ଜୋନରୁ ଅଲଗା କରିଛନ୍ତି କେନ୍ଦ୍ର ସରକାର। ନୂଆ କରି ଗଠନ ହେବ ଦକ୍ଷିଣତଟ ରେଳ ଜୋନ୍। ସଙ୍କୁଚିତ କଲେ ପୂର୍ବତଟ ରେଳବାଇ ଜୋନର ପରିସୀମା। ଏବେ ରେଳ ରାଜସ୍ୱ ବି କାଟିଲା କେନ୍ଦ୍ର। ଖୋଦ ରେଳବାଇର ପୂର୍ବତନ ଅଧିକାରୀ ଏ ନେଇ କେନ୍ଦ୍ର ଉପରେ ବର୍ଷିଛନ୍ତି। କୌଣସି ରାଜ୍ୟର ପରିସୀମାକୁ ଦେଖି ରେଳ ଜୋନ ଗଠନ ହୁଏନାହିଁ। ଆନ୍ଧ୍ର ପ୍ରଦେଶ ସ୍ୱତନ୍ତ୍ର ରାଜ୍ୟ ହେଲେ ବି ସେଠାରେ ଆଗରୁ ୱାଲଟିୟର ଡିଭିଜନ୍ ରହିଛି। ନୂଆ ରେଳ ଜୋନ କରିବାର ଆବଶ୍ୟକତା ନାହିଁ। କେନ୍ଦ୍ର ସରକାର ଏପରି କରି ଓଡ଼ିଶା ପ୍ରତି ଚରମ ଅନ୍ୟାୟ କରିଛନ୍ତି। ୨୦୦୩ରେ ପୂର୍ବତଟ



ରେଳପଥ ଜୋନ୍ ଓଡ଼ିଶାରେ ପ୍ରତିଷ୍ଠା ହୋଇଥିଲା। ଯେଉଁଥିରେ ୱାଲଟିୟର ଡିଭିଜନ୍ ସାମିଲ ଥିଲା। ଯଦି ଓଡ଼ିଶାରୁ ୱାଲଟିୟର ଡିଭିଜନ୍ ଅଲଗା କଲେ ତାହେଲେ ଦକ୍ଷିଣ-ପୂର୍ବ ରେଳପଥ ଜୋନ ଅଧୀନରେ ଥିବା ଚକ୍ରଧରପୁର ରେଳମଣ୍ଡଳରେ ଥିବା ଓଡ଼ିଶାର ୪ଟି ଜିଲ୍ଲା କେନ୍ଦୁଝର, ମୟୂରଭଞ୍ଜ, ସୁନ୍ଦରଗଡ଼ ଓ ଝାରସୁଗୁଡ଼ାକୁ ପୂର୍ବତଟ ରେଳପଥ ଜୋନ୍‌ରେ ସାମିଲ କରାଯାଉ। ଓଡ଼ିଶାରୁ ୱାଲଟିୟର ଡିଭିଜନ ଅଲଗା ହେଲେ ବାର୍ଷିକ ପ୍ରାୟ ୧୦ ହଜାର କୋଟିରୁ ଅଧିକ ରେଳ ରାଜସ୍ୱ ହରାଇବ ରାଜ୍ୟ। କେନ୍ଦ୍ରର ଏପରି ନିଷ୍ପତ୍ତି ଓଡିଶାର ବିକାଶ ପାଇଁ ନା ଓଡ଼ିଶାକୁ କାଙ୍ଗାଳ କରିବା ପାଇଁ ତାକୁ ନେଇ ପ୍ରଶ୍ନ ଉଠିଛି। କେନ୍ଦ୍ର ସରକାରଙ୍କ ଓଡ଼ିଶା ପ୍ରତି ଏପରି ଚରମ ଅଣଦେଖା ନେଇ ବର୍ଷିଛନ୍ତି ବିରୋଧୀ। ଅଭିଯୋଗ ହୋଇଛି, ବିକାଶ ନାଁରେ ଓଡ଼ିଶା ପାଇଲା ଧୋକା। ରାଜନୈତିକ ଫାଇଦା ପାଇଁ କେନ୍ଦ୍ର ସରକାର ଓଡ଼ିଶାର ପୂର୍ବତଟ ରେଳପଥ ଜୋନ୍‌ରୁ ୱାଲଟିୟର ଡିଭିଜନକୁ ଅଲଗା କଲେ। ଆନ୍ଧ୍ରକୁ ତୁଷ୍ଟ କଲେ ତିଷ୍ଠି ରହିବ କେନ୍ଦ୍ର ସରକାର। ରେଳବାଇର ପରିଚାଳନା ଦୃଷ୍ଟିରୁ ଓଡ଼ିଶା ରେଳରାଜସ୍ୱ ସଂଗ୍ରହ ଗେଟ୍ ୱେ ଭାବେ କାମ କରୁଥିଲା। କୌଣସି ଅନ୍ୟରାଜ୍ୟର ଡିଭିଜନ୍ ଇଷ୍ଟକୋଷ୍ଟ ରେଳବାଇ ଅଧୀନରେ ନଥିଲା। ନୂଆ କରି ଜୋନ୍ ହେଲେ ଓଡ଼ିଶାର ରାୟଗଡ଼ା, କୋରାପୁଟ, ଗୁଣୁପୁର, ବ୍ରହ୍ମପୁର ଜଙ୍କସନ୍ ଆଦି ଆନ୍ଧ୍ର ପ୍ରଦେଶ ଦକ୍ଷିଣତଟ ରେଳ ଜୋନ୍ ଅଧୀନକୁ ଯିବ। ବଡ଼ ଶିଳ୍ପ ଚାଲିଯାଇଥିଲା। ଏବେ ରେଳ ରାଜସ୍ୱ ବି କାଟିଲେ। ରେଳ ସାନ୍ଦ୍ରତା ଦୃଷ୍ଟିରୁ ଓଡ଼ିଶା ଦୁର୍ବଳ ସ୍ଥିତିରେ ଅଛି। ରେଳ ବଜେଟ୍‌ରେ ଓଡ଼ିଶାକୁ ଗୁରୁତ୍ୱ ଦିଆଯାଉଛି ବୋଲି ଡିଣ୍ଡିମ ପିଟୁଛନ୍ତି। ଏବେ ନିଜର ରାଜନୈତିକ ଫାଇଦା ପାଇଁ ଓଡ଼ିଶାକୁ ବଳି ପକାଇବାକୁ ପଛାଇନଥିବା ସବୁ ମହଲରେ ଚର୍ଚ୍ଚା ହେଉଛି।

# 'ଗନ୍ଧମାର୍ଦ୍ଦନର ଇଞ୍ଚେ ବି ଜମି କାହାକୁ ଦିଆଯିବନି'

**ଭୁବନେଶ୍ୱର :** ବିଧାନସଭାରେ ଗନ୍ଧମାର୍ଦ୍ଦନ ପାହାଡ଼ ଜମି ପ୍ରସଙ୍ଗ ଉଠିଥିଲା। ବିରୋଧୀଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟଙ୍କ ପ୍ରଶ୍ନର ଉତ୍ତର ରଖି ଉପମୁଖ୍ୟମନ୍ତ୍ରୀ କେ.ଭି ସିଂହଦେଓ କହିଛନ୍ତି କି, ଆଦାନୀକୁ ଜମି କିଣିବାକୁ ବିଜେଡି ସରକାର ଅନୁମତି ଦେଇଥିଲେ। ହେଲେ ଗନ୍ଧମାର୍ଦ୍ଦନ ପାହାଡ଼ର ଇଞ୍ଚେ ବି ଜମି ମୋହନ ସରକାର କାହାକୁ ଦେବେ ନାହିଁ। ଯଦି ମୋହନ ସରକାର ସେ କାମ କରନ୍ତି ତେବେ ଜନଆନ୍ଦୋଳନରେ ନିଜେ ସାମିଲ ହେବେ ବୋଲି କେ.ଭି ସିଂହଦେଓ କହିଛନ୍ତି। ବିଜେଡିକୁ ପାଲଟା ପ୍ରଶ୍ନ କରି ସେ କହିଛନ୍ତି କି, ଗୃହରେ ବିଜେଡି ସଦସ୍ୟ ସ୍ୱୀକାର କରନ୍ତୁ ଯେ, ଆଦାନୀକୁ ଜମି କିଣିବାକୁ ବିଜେଡି ସରକାର ଅନୁମତି ଦେଇଥିଲେ। ଏନେଇ ଆଲୋଚନା ଆରମ୍ଭ କରି ଉଦବେଗ ପ୍ରକାଶ କରିଥିଲେ ବିରୋଧୀଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ। ସେ କହିଥିଲେ କି, ପୂର୍ବ ସରକାର ସମୟରେ ଗନ୍ଧମାର୍ଦ୍ଦନରୁ ବକ୍ସାଇଟ ଖନନ ପାଇଁ ଅନୁମତି ଦିଆଯାଇଥିଲା, ତାହାକୁ ନେଇ ଜନ ଆନ୍ଦୋଳନ ଦେଖିବାକୁ ମିଳିଥିଲା । ଫଳରେ ସରକାର ଅନୁମତି ପ୍ରତ୍ୟାହାର କରିନେଇଥିଲେ।



ଏବେ କିନ୍ତୁ ସରକାର ଗନ୍ଧମାର୍ଦ୍ଦନକୁ କମ୍ପାନି ହାତକୁ ଟେକି ଦେବାକୁ ଯାଉଛନ୍ତି। ଯେଉଁଠି ସରକାର ପରିବେଶର ମଙ୍ଗଳ ପାଇଁ ଜଙ୍ଗଲ ସୃଷ୍ଟି କରିବା କଥା, ତାହାକୁ ସରକାର ନଷ୍ଟ କରିବାକୁ ବସିଛନ୍ତି। ଏହାକୁ ନେଇ ସ୍ଥାନୀୟ ଲୋକେ ଜନଆନ୍ଦୋଳନ ଆରମ୍ଭ କଲେଣି। ଏହାସହ ଗନ୍ଧମାର୍ଦ୍ଦନ ପାଦଦେଶରେ ଆଦାନୀ ଗ୍ରୁପକୁ ଜମି କିଣିବାକୁ ସରକାର ଅନୁମତି ଦେଇଛନ୍ତି କି? ଗନ୍ଧମାର୍ଦ୍ଦନ ପାହାଡରୁ ବକ୍ସାଇଟ ଖନନ ପାଇଁ କାହାକୁ ଦେବାକୁ ଲକ୍ଷ୍ୟ ରଖାଯାଇଛି ସରକାର ସ୍ପଷ୍ଟ କରନ୍ତୁ। ଏହାସହ ରାଜ୍ୟ ସରକାରଙ୍କ ବିନା ଯଦି ଆଦାନୀ ଗ୍ରୁପ ଜମି କିଣିବାକୁ ସରକାର ଅନୁମତି ନ ଦେଇଛନ୍ତି ତେବେ ସରକାର ସେ କମ୍ପାନି ଉପରେ କାର୍ଯ୍ୟାନୁଷ୍ଠାନ ନେବେ କି ବୋଲି ପ୍ରସନ୍ନ ଆଚାର୍ଯ୍ୟ ପ୍ରଶ୍ନ କରିଥିଲେ।

# ବିପର୍ଯ୍ୟୟ ପ୍ରତିରୋଧୀ ସ୍ଥାୟୀ ଭିତ୍ତିଭୂମିର ବିକାଶ ଉପରେ ମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱ

**ଭୁବନେଶ୍ୱର :** ଓଡ଼ିଶା ପ୍ରତିବର୍ଷ ବାତ୍ୟା, ବନ୍ୟା ପରି ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା କରିଆସୁଛି। ଲୋକଙ୍କ ଜୀବନ ବଞ୍ଚାଇବାରେ ସରକାର ସଫଳ ହେଉଥିବା ବେଳେ ବିଭିନ୍ନ ଭିତ୍ତିଭୂମିର ବ୍ୟାପକ କ୍ଷୟକ୍ଷତି ହେଉଛି। ଏହାର ପୁନଃ ନିର୍ମାଣ ପାଇଁ ବ୍ୟାପକ ଅର୍ଥ ବିନିଯୋଗ କରିବାକୁ ପଡୁଛି। ତେଣୁ ବିପର୍ଯ୍ୟୟ ପ୍ରତିରୋଧୀ ସ୍ଥାୟୀ ଭିତ୍ତିଭୂମିର ବିକାଶ କରାଯିବାର ଆବଶ୍ୟକତା ରହିଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ବାତ୍ୟା 'ଦାନା'ର କ୍ଷୟକ୍ଷତି ଆକଳନ କରିବା ପାଇଁ ଆସିଥିବା ଆନ୍ତଃ-ମନ୍ତ୍ରାଳୟ କେନ୍ଦ୍ରୀୟ ଟିମ୍ ସହ ଆଲୋଚନା ବେଳେ ଉପକୂଳବର୍ତ୍ତୀ ଜିଲ୍ଲାରେ ଭୂତଳ ବିଦ୍ୟୁତ କେବୁଲ ସ୍ଥାପନ, ଉପକୂଳରେ ବନ୍ଧ ନିର୍ମାଣ, ବ୍ୟାପକ ହେନ୍ତାଳ ବନ ସୃଷ୍ଟି ଆଦି ପଦକ୍ଷେପ ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ଏହା ସହିତ ଭୁବନେଶ୍ୱରରେ ଏକ ଅତ୍ୟାଧୁନିକ ବିପର୍ଯ୍ୟୟ ପରିଚାଳନା କେନ୍ଦ୍ର ସ୍ଥାପନ ପାଇଁ ମୁଖ୍ୟମନ୍ତ୍ରୀ ମତ ରଖିଛନ୍ତି। ଏ ଦିଗରେ କେନ୍ଦ୍ର ସରକାର ଆବଶ୍ୟକ ସହଯୋଗ ଯୋଗାଇ ଦେବା ପାଇଁ ପ୍ରସ୍ତାବ ଦେଇଛନ୍ତି। ଆଲୋଚନାରେ ଅଂଶଗ୍ରହଣ କରି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି, ସ୍ଥାୟୀ ଭିତ୍ତିଭୂମି ସୃଷ୍ଟି କରାଯାଇ ପାରିଲେ ଓଡ଼ିଶା ଅର୍ଥନୈତିକ ବିକାଶ ତ୍ୱରାନ୍ୱିତ ହୋଇପାରିବ। ପରେ ଶ୍ରୀ ପୂଜାରୀ କହିଛନ୍ତି, ବିପର୍ଯ୍ୟୟ ବେଳେ କ୍ଷୟକ୍ଷତି ହ୍ରାସ ଲାଗି ଦୀର୍ଘକାଳୀନ ଯୋଜନା ଦାବି କରିଛୁ। ବାତ୍ୟା, ବନ୍ୟା ନିରୋଧି ଗୃହ ନିର୍ମାଣ ଲାଗି କେନ୍ଦ୍ରକୁ



ପ୍ରସ୍ତାବ ଦେଇଛୁ। ଉପକୂଳ ଜିଲ୍ଲାରେ ହେନ୍ତାଳ ବଣ ସୃଷ୍ଟି ପାଇଁ ପ୍ରସ୍ତାବ ଦେଇଛୁ। ଓଡ୍ରାଫକୁ ଆଧୁନିକୀକରଣ କରିବାକୁ ମଧ୍ୟ ସହଯୋଗ ଲୋଡିଛୁ। ପ୍ରଧାନମନ୍ତ୍ରୀ ଓ ଗୃହ ମନ୍ତ୍ରୀ ଆସିଲେ ଦାବି ଦୋହରାଇବୁ ବୋଲି ସୁରେଶ ପୂଜାରୀ କହିଛନ୍ତି। ବାତ୍ୟା 'ଦାନା'ର କ୍ଷୟକ୍ଷତି ଆକଳନ କରିବା ପାଇଁ ଆସିଥିବା ଆନ୍ତଃ-ମନ୍ତ୍ରାଳୟ କେନ୍ଦ୍ରୀୟ ଟିମ୍ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଆଲୋଚନା କରିଛନ୍ତି। କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରାଳୟର ଯୁଗ୍ମ ସଚିବ ପିକେ ରାଏଙ୍କ ନେତୃତ୍ୱରେ ଏକ ୭ ଜଣିଆ ଟିମ୍ ୨୪ ତାରିଖରୁ ଓଡ଼ିଶା ଆସି ସବୁଠୁ ଅଧିକ କ୍ଷତିଗ୍ରସ୍ତ ଭଦ୍ରକ, କେନ୍ଦ୍ରାପଡା ଓ ବାଲେଶ୍ୱର ଜିଲ୍ଲା ଗସ୍ତ କରି କ୍ଷୟକ୍ଷତି ଆକଳନ କରିଛନ୍ତି। ଆଲୋଚନା ସମୟରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କ୍ଷୟକ୍ଷତିର ଭରଣା ପାଇଁ ସହାୟତା ସହିତ ବିପର୍ଯ୍ୟୟ ମୁକାବିଲା ପାଇଁ ସ୍ଥାୟୀ ଭିତ୍ତିଭୂମିର ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଆଲୋଚନା ସମୟରେ ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ସ୍ୱତନ୍ତ୍ର ରିଲିଫ କମିଶନର ଦେଓରଞ୍ଜନ କୁମାର ସିଂହ ଉପସ୍ଥିତ ଥିଲେ।

# ଝୋଟ ବ୍ୟାଗ୍ ବାଣ୍ଟିବାରେ ୨୫୨ କୋଟି ଖର୍ଚ୍ଚ

**ଭୁବନେଶ୍ୱର :** ରାଜନୀତିକ ପ୍ରଚାର ପାଇଁ ତତକାଳୀନ ବିଜେଡି ସରକାର ରାଜ୍ୟ ରାଜକୋଷକୁ ମନଇଚ୍ଛା ଅପବ୍ୟବହାର କରିଛନ୍ତି। କୌଣସି ଯଥାର୍ଥ କାରଣ ନଥାଇ ଝୋଟବ୍ୟାଗ ବାଣ୍ଟିବା ଆଳରେ ୨୫୨.୪୧କୋଟି ଟଙ୍କା ଅପଚୟ କରିବାକୁ ପଛାଇନାହାନ୍ତି। ରାଜ୍ୟର ପ୍ରାୟ ୯୫ଲକ୍ଷ ୯୦ହଜାର ୨୨୦ଟି ରାସନକାର୍ଡଧାରୀ ପରିବାରକୁ ନିର୍ବାଚନ ପୂର୍ବରୁ 'ଫାଇଭ-ଟି' ଲୋଗୋ, ଶଙ୍ଖଚିହ୍ନ ଓ ଆମ ଓଡ଼ିଶା ନବୀନ ଓଡ଼ିଶା' ଲେଖା ଥାଇ ୨ଟି ଲେଖାଏଁ ଝୋଟବ୍ୟାଗ୍ ବାଣ୍ଟିଥିଲେ। ରାଜ୍ୟବାସୀ ବିଜେଡି ସରକାରକୁ ବାଏବାଏ କରି ବିଜେପି ସରକାରକୁ କ୍ଷମତାସୀନ କରିବା ପରେ ଏହି ତଥ୍ୟ ପଦାକୁ ଆସିଛି। ବିଧାନସଭାରେ ବିଜେପି ବିଧାୟିକା ଉପାସନା ମହାପାତ୍ରଙ୍କ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି ଯେ, ରାସନକାର୍ଡଧାରୀମାନଙ୍କୁ ଦୁଇଟି ଲେଖାଏଁ ଝୋଟବ୍ୟାଗ ଦିଆଯାଇଛି।




ଗାଙ୍ଗେଜ୍ ଜୁଟ୍ ପ୍ରାଇଭେଟ୍ ଲିମିଟେଡ୍ ସଂସ୍ଥାଠାରୁ ୧କୋଟି ୯୧ଲକ୍ଷ ୮୦ହଜାର ୪୪୦ଟି ବ୍ୟାଗ କ୍ରୟ କରାଯାଇଛି। ଗୋଟିଏ ବ୍ୟାଗ ୨୦କିଲୋ ଓ ଅନ୍ୟଟି ୧୦କିଲୋ ଓଜନ ବିଶିଷ୍ଟ ଥିଲା। ପ୍ରତ୍ୟେକ ରାସନକାର୍ଡଧାରୀ ପରିବାରକୁ ଏହି ଝୋଟବ୍ୟାଗରୁ ଦୁଇଟି ଲେଖାଁଏ ଦିଆଯାଇଥିଲା। ଅନ୍ୟ ୪ଟି ସଂସ୍ଥା ବିର୍ଲା କର୍ପୋରେସନ, ଗ୍ଲୋଷ୍ଟର ପ୍ରାଃ ଲିମିଟେଡ୍, ବାଲୀଫାବସ୍ ଇଣ୍ଟରନ୍ୟାସନାଲ, ଶକ୍ତିଗଡ଼ ଟେକ୍ସଟାଇଲ୍ ପ୍ରାଃ ଲିମିଟେଡ୍ ସଂସ୍ଥା ଟେଣ୍ଡରରେ ସାମିଲ ହୋଇଥିଲେ। ଝୋଟବ୍ୟାଗ ଦେଇଥିବା ସଂସ୍ଥାଠୁ ସିକ୍ୟୁରିଟି ଡିପୋଜିଟ୍, ଜିଏସଟି ଓ ଟିଡିଏସ୍ ଆଦିବାବଦରେ ମୋଟ ୧୭.୩୮କୋଟି ଟଙ୍କା ରଖାଯାଇଛି ବୋଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି। ସୂଚନାଯୋଗ୍ୟ, ଗତ ମୌସୁମୀ ଅଧିବେଶନବେଳେ ରାଜ୍ୟ ଖାଦ୍ୟଯୋଗାଣ ମନ୍ତ୍ରୀ ଶ୍ରୀ ପାତ୍ର ଏହି ଝୋଟବ୍ୟାଗ ବଣ୍ଟନରେ ୨୪୭.୩୬କୋଟି ଟଙ୍କା ବ୍ୟୟ ହୋଇଛି ବୋଲି ବିଧାୟକ ଅମରେନ୍ଦ୍ର ଦାସଙ୍କ ପ୍ରଶ୍ନର ଉତ୍ତରରେ ଦର୍ଶାଇଥିଲେ। କିନ୍ତୁ ଆଜି ଏହି ପରିମାଣରେ ବୃଦ୍ଧି ହୋଇଛି। ଆଜି ମନ୍ତ୍ରୀଙ୍କ ଉତ୍ତରରୁ ଜଣାପଡ଼ିଛି ଯେ, ରାସନକାର୍ଡଧାରୀ ପରିବାରକୁ ତତକାଳୀନ ବିଜେଡି ସରକାର ୨ଟି ଲେଖାଁଏ ବ୍ୟାଗ ବଣ୍ଟନ କରିଛି, ଯାହାର ହାରାହାରି ଦର ୨୬୩.୧୯ଟଙ୍କା ହେବ ବୋଲି ଆକଳନ କରାଯାଉଛି। ସେତେବେଳେ ଏହି ବ୍ୟାଗ ବଣ୍ଟନକୁ ନେଇ ବିରୋଧୀ ଦଳ ବିଜେପି ତୀବ୍ର ପ୍ରତିକ୍ରିୟା ବ୍ୟକ୍ତ କରିଥିଲା। ବିଜେଡିର ଚିହ୍ନ ଶଙ୍ଖ ଥାଇ ଏହି ବ୍ୟାଗ ବଣ୍ଟନ କରାଯାଇଥିଲା।

# ରାଜ୍ୟରେ ୫ ମାସରେ ୪୦ ହାତୀଙ୍କ ମୃତ୍ୟୁ

**ଭୁବନେଶ୍ୱର :** ରାଜ୍ୟରେ ବଢୁଛି ହାତୀ-ମଣିଷ ଲଢେଇ। ଗତ ତିନି ବର୍ଷରେ ହାତୀ ଆକ୍ରମଣରେ ଯାଇଛି ୬୬୮ ଜୀବନ। ୫୦୯ ଜଣ ଲୋକ ହାତୀ ଆକ୍ରମଣରେ ଆହତ ହୋଇଛନ୍ତି। ବିଧାନସଭାରେ ଏନେଇ ତଥ୍ୟ ରଖିଛନ୍ତି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ। ବିଧାନସଭାରେ ବିଜେଡି ବିଧାୟକ ସନାତନ ମହାକୁଡ଼ଙ୍କ ପ୍ରଶ୍ନର ଉତ୍ତର ରଖି ଏହା କହିଛନ୍ତି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ। ସେହିପରି ରାଜ୍ୟରେ ହାତୀ ଉପଦ୍ରବ ବି ବଢିଥିବା କହିଛନ୍ତି ମନ୍ତ୍ରୀ। ଏହି ୩ ବର୍ଷରେ ହାତୀ ଆକ୍ରମଣରେ ୧୩୯ ଗୃହପାଳିତ ପଶୁଙ୍କ ଜୀବନ ଯାଇଛି। ଏହି ସମୟରେ ହାତୀପଲ ୭୩ ହଜାର ୬୨୦ ଏକର ଫସଲ ନଷ୍ଟ କରିଥିବାବେଳେ, ୧୦ ହଜାର ୨୫୯ଟି ଘର ଭାଙ୍ଗିଥିବା ମନ୍ତ୍ରୀ କହିଛନ୍ତି। ଅନ୍ୟପଟେ ଗତ ୫ ମାସରେ ରାଜ୍ୟରେ ୪୦ ହାତୀଙ୍କର ମୃତ୍ୟୁ ଘଟିଛି। ସେହିପରି ୫ଟି କଲରାପତରିଆ ବାଘ ଓ ୨୦୦ ଅନ୍ୟାନ୍ୟ ବନ୍ୟପ୍ରାଣୀଙ୍କ ମୃତ୍ୟୁ ହୋଇଥିବା ବିଧାୟକ



ତୁଷାରକାନ୍ତି ବେହେରାଙ୍କ ପ୍ରଶ୍ନରେ ମନ୍ତ୍ରୀ ଉତ୍ତର ରଖିଛନ୍ତି। ସେପଟେ କେବଳ କେନ୍ଦ୍ରାପଡ଼ାରେ ଗତ ୫ ବର୍ଷରେ ୨୨ଜଣଙ୍କୁ ଖାଇ ସାରିଲାଣି କୁମ୍ଭୀର। ବର୍ଷ ୨୦୧୯-୨୦ରୁ ୨୦୨୩-୨୪ ମଧ୍ୟରେ କୁମ୍ଭୀର ଆକ୍ରମଣରେ ୨୨ ଜଣଙ୍କ ଜୀବନ ଯାଇଥିବା ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ବିଧାନସଭାରେ ତଥ୍ୟ ରଖିଛନ୍ତି। ବିଶେଷକରି ବ୍ରାହ୍ମଣୀ, ବୈତରଣୀ ଓ ଖରସ୍ରୋତା ନଦୀରେ କୁମ୍ଭୀର ଆକ୍ରମଣର ସଂଖ୍ୟା ଅଧିକ। ବର୍ଷା ଋତୁରେ ଜଳସ୍ତର ବୃଦ୍ଧି ହେଲେ ନଦୀରେ କୁମ୍ଭୀରଙ୍କ ପ୍ରାଦୁର୍ଭାବ ବଢିଥାଏ ବୋଲି ମନ୍ତ୍ରୀ ପ୍ରଶ୍ନୋତ୍ତରରେ କହିଛନ୍ତି।


# ଆଗକୁ ନିଆଁ ଲିଭାଇବେ ମହିଳା : ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର :** ଆଗାମୀ ଦିନରେ ଫାୟାର ମ୍ୟାନ ପଦବୀରେ ମହିଳାଙ୍କ ନିଯୁକ୍ତି ବିଷୟକୁ ବିଚାରକୁ ନିଆଯିବ। ଏଥିପାଇଁ ଆବଶ୍ୟକୀୟ ସଂଶୋଧନ ଜରିଆରେ ପଦବୀକୁ ଫାୟାର ଫାଇଟର ବା ଅଗ୍ନିଯୋଦ୍ଧା ଭାବେ ନାମିତ କରାଯିବ। ଏହାଫଳରେ ମହିଳାମାନେ ମଧ୍ୟ ଏଥିରେ ନିଯୁକ୍ତିର ସୁଯୋଗ ପାଇ ପାରିବେ ବୋଲି ରାଜ୍ୟ ସ୍ତରୀୟ ଅଗ୍ନିଯୋଦ୍ଧା ନିଯୁକ୍ତି ସମାରୋହରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଏହି ଅବସରରେ ଭୁବନେଶ୍ୱର ଓୟୁଏଟି ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଉପସ୍ଥିତ ଅଗ୍ନିଯୋଦ୍ଧା ମାନଙ୍କୁ ନୂତନ ଦାୟିତ୍ୱ ନେଇଥିବାରୁ ଶୁଭେଚ୍ଛା ଜଣାଇ କହିଥିଲେ ଯେ, ଜନସାଧାରଣଙ୍କ ସେବା କରିବା ପାଇଁ ଓ ସେମାନଙ୍କୁ ସୁରକ୍ଷିତ ରଖିବା ପାଇଁ ଆପଣମାନଙ୍କୁ ଆଜି ସୁଯୋଗ ମିଳିଛି। ମଣିଷ ଜୀବନ ବଞ୍ଚାଇବା ଏକ ମହାପୂଣ୍ୟ। ଦରମା ତ ପ୍ରତ୍ୟେକ କର୍ମଚାରୀ ପାଉଛନ୍ତି, କିନ୍ତୁ ଜୀବନ ରକ୍ଷାକରି ପୂଣ୍ୟ ଅର୍ଜନ କରିବାର ସୁଯୋଗ ସମସ୍ତଙ୍କୁ ମିଳେ ନାହିଁ। ସମାଜର ପ୍ରଶଂସା ଓ ସମ୍ମାନ ଆପଣଙ୍କ ଜୀବନର ସବୁଠାରୁ ବଡ ସଫଳତା ହେବ। ଆପଣମାନଙ୍କର କାର୍ଯ୍ୟ କ୍ଷେତ୍ରରେ ସୁନାମ ରାଜ୍ୟକୁ ସୁରକ୍ଷିତ କରି ରଖିବ। ସେ ପୁଣି କହିଥିଲେ ଯେ, ରାଜ୍ୟରେ ମୋଟ ୩୮୩୨ଟି ଆଗ୍ନିକ ଓ ୩୮୭ଟି ପଦବୀ ରହିଛି। ଆଜି ଖାଲି ଥିବା ୮୨୬ଟି ଆଗ୍ନିକ ଓ ୧୧୫ଟି ଆଗ୍ନିକ ଗାଡିଚାଳକ ପଦବୀ ପୂରଣ ହେଲା। ଗୋଟିଏ ଦିନରେ ସମ୍ପୂର୍ଣ୍ଣ ପଦବୀ ସଂଖ୍ୟାର ୨୨ ଭାଗ ପଦବୀ ପୂରଣ କରାଗଲା। ରାଜ୍ୟରେ ସରକାରୀ ପଦବୀ ଖାଲି ରହିଲେ, ଏହାର ପ୍ରଭାବ ବିଭାଗ ଉପରେ ପଡେ। ଅଗ୍ନିଶମ ବିଭାଗ ପରି ଏକ ଜରୁରୀକାଳୀନ ସଂସ୍ଥାରେ ପଦବୀ ଖାଲି ରହିବା ଗ୍ରହଣୀୟ ନୁହେଁ। ୯୪୧ ଜଣ ନୂଆ ଅଗ୍ନିଯୋଦ୍ଧାଙ୍କ ଯୋଗଦାନ ବିଭାଗକୁ ସୁଦୃଢ଼ କରିବ ଏବଂ ବିଭାଗ ଲୋକଙ୍କ ଧନଜୀବନ ସୁରକ୍ଷା କରିବା ପାଇଁ ଅଧିକ ସକ୍ଷମ ହେବ। ଆହୁରି ମଧ୍ୟ



ଗୃହ ବିଭାଗରେ ଖାଲିଥିବା ପଦବୀ ଓ ନୂଆ ପଦବୀ ମିଶି ପ୍ରାୟ ୧୦,୦୦୦ ପଦବୀ ଖୁବ୍ ଶୀଘ୍ର ପୂରଣ ହେବ। ସେହିପରି ୨୦୨୦ ଠାରୁ ଗୃହରକ୍ଷୀ ନିଯୁକ୍ତି ବନ୍ଦ ଅଛି। ଏବେ ପ୍ରାୟ ୨୪୧୬ଟି ପଦବୀ ଖାଲି ଅଛି। ଖୁବ୍ ଶୀଘ୍ର ଏ ଗୁଡିକ ମଧ୍ୟ ପୂରଣ ହେବ। ଆଗାମୀ ୫ ବର୍ଷ ମଧ୍ୟରେ ଆମ ସରକାର ୧.୫ ଲକ୍ଷ ସରକାରୀ ପଦବୀ ପୂରଣ କରିବା ପାଇଁ ସ୍ଥିର କରିଛନ୍ତି। ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଡବଲ ଇଞ୍ଜିନ ସରକାର ଦିନରାତି ଏକ କରି ବିଭିନ୍ନ କ୍ଷେତ୍ରରେ ନିଯୁକ୍ତି ସୃଷ୍ଟି କରିବା ପାଇଁ ଉଦ୍ୟମ କରୁଛି। ମେକ ଇନ ଓଡିଶା- ଉତ୍କର୍ଷ ଓଡିଶା କାର୍ଯ୍ୟକ୍ରମ ମାଧମରେ ଓଡିଶାରେ ବ୍ୟାପକ ଶିଳ୍ପାୟନର ସମ୍ଭାବନା ଅଛି। ଶିଳ୍ପ ପ୍ରତିଷ୍ଠା ମାଧ୍ୟମରେ ମଧ୍ୟ ଆହୁରି ନିଯୁକ୍ତି ମିଳିବ। ଅନ୍ୟତମ ଅତଥି ଭାବେ, ଉପ-ମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଉଦ୍‌ବୋଧନ ଦେଇ କହିଥିଲେ ଯେ, ସାହସ, ଦୟାଳୁ ମନୋଭାବ ଏବଂ ପ୍ରତିବଦ୍ଧତା ହେଉଛି ଏକ କାର୍ଯ୍ୟ ସମ୍ପାଦନ ପାଇଁ ସଠିକ ଉପାଦାନ। ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଓଡିଶା ଅଗ୍ନିଶମ ବାହିନୀଙ୍କ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଆଜି ଆମ ରାଜ୍ୟ ଜାତୀୟ ସ୍ତରରେ ପ୍ରଶଂସିତ। ସହରାଞ୍ଚଳରେ ସୁରକ୍ଷା ପାଇଁ ବହୁତଳ ବିଶିଷ୍ଟ ଆପାର୍ଟମେଣ୍ଟ ନିର୍ମାଣରେ ଥିବା ନିୟମର ସଂଶୋଧନ କରିବାର ଆବଶ୍ୟକତା ରହିଛ। ନବ ନିଯୁକ୍ତ ଅଗ୍ନିଯୋଦ୍ଧାମାନଙ୍କୁ ଉତ୍ସାହିତ କରି କହିଥିଲେ ଯେ, ଆଜି ଆପଣମାନେ ସରକାରଙ୍କ ପକ୍ଷରୁ ପ୍ରଥମ ପତ୍ର ପାଇଲେ। ପ୍ରତି ବର୍ଷ ଯେପରି ପ୍ରଶଂସାପତ୍ର ପାଇବେ ସେଥିପ୍ରତି ଚେଷ୍ଟା ଜାରି ରଖନ୍ତୁ ବୋଲି ସେ କହିଥିଲେ। ଉପ-ମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ, ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡା କହିଲେ ଯେ, ଆମ ରାଜ୍ୟରେ ପୋଲିସ ଅପେକ୍ଷା ଅଗ୍ନିଶମ ଯୋଦ୍ଧା ଉପରେ ସମସ୍ତଙ୍କର ସ୍ନେହ, ଶ୍ରଦ୍ଧା ଓ ସମ୍ମାନ ରହିଛି। ଏହି ବାହିନୀରେ ଝିଅମାନଙ୍କୁ ସୁଯୋଗ ଦେବା ପାଇଁ ସେ ପ୍ରସ୍ତାବ ରଖିଥିଲେ। ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ କହିଥିଲେ ଯେ, ଆପଣମାନେ ହେଉଛନ୍ତି ଆମ ସମସ୍ତଙ୍କ ପାଇଁ ଜଣେ ଜଣେ ଶ୍ରେଷ୍ଠ ଯୋଦ୍ଧା। ପ୍ରକୃତିକ ବିପର୍ଯ୍ୟୟ ସମୟରେ ଆପଣମାନେ ବିପନ୍ନଙ୍କ ପାଇଁ ସାଜିଥାନ୍ତି ଦେବଦୂତ। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କହିଥିଲେ ଯେ, ବାତ୍ୟା ଦାନା ପରବର୍ତ୍ତୀ ସମୟରେ ଆମର ସର୍ବାଧିକ ପୁନରୁଦ୍ଧାର କାର୍ଯ୍ୟ ଅଗ୍ନିଶମ ବାହିନୀ ଦ୍ୱାରା କରାଯାଇଥାଏ। ଆମ ଅଗ୍ନିଶମ ବାହିନୀଙ୍କ ଏହି କାର୍ଯ୍ୟ ଦକ୍ଷତା ଯୋଗୁ ଆମ ରାଜ୍ୟ ଆଜି ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ପ୍ରଶଂସିତ ହେଉଛି। ବାହାର ରାଜ୍ୟର ଲୋକ ଆସୁଛନ୍ତି ଆମର ଏହି ଦକ୍ଷତାକୁ ଶିଖିବା ପାଇଁ। କାର୍ଯ୍ୟକ୍ରମରେ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ସତ୍ୟବ୍ରତ ସାହୁ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ଅଗ୍ନିଶମ, ଗୃହରକ୍ଷୀ ଓ ବେସାମରିକ ପ୍ରତିରକ୍ଷା ମହାନିର୍ଦ୍ଦେଶକ ଡଃ ସୁଧାଂଶୁ ଷଡଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ।

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର



କାହା କଥାରେ ଯଦି କୌଣସି
ଭୁଲ୍ କିମ୍ବା ଠିକ୍
ହୋଇଯାଉଥାନ୍ତା, ତେବେ
ଦୁନିଆ ସ୍ୱର୍ଗ ପାଲଟି ଯାଇଥାନ୍ତା।

# ଆଗକୁ ସମୟ କହିବ

ସମୟର ନିଷ୍ଠୁର ଖେଳକୁ ଖଣ୍ଡନ କରିବାର କ୍ଷମତା ମଣିଷ ପାଖରେ ନାହିଁ। ତେଣୁ ଭାଗ୍ୟ ଓ ଭବିଷ୍ୟତ କେତେବେଳେ କୁଆଡ଼କୁ ନେଇଯିବ ତାହା ଆଗରୁ କଳ୍ପନା କରିବା ସହଜ ହୋଇନଥାଏ। ଦିନେ ଅଖଣ୍ଡ କ୍ଷମତା ଭୋଗ କରୁଥିବା ବ୍ୟକ୍ତି କେଉଁଠି ନା କେଉଁଠି ଝୁଣ୍ଟିପଡି ରକ୍ତାକ୍ତ ହୁଏ। ଏଥିରେ ଯିଏ ବିଚଳିତ ହୋଇପଡେ ସେ ନିହାତି ଦୁଃଖ ଭୋଗ କରେ। ଏହାହିଁ ସମୟର ବିଚିତ୍ର ଖେଳ ଓ ଏହାର ଶିକାର ମଣିଷ ହିଁ ଅଧିକ ହୋଇଥାନ୍ତି। ମାତ୍ର ୧୮୦ ଦିନ ତଳେ ଓଡିଶା କ୍ଷମତା କେନ୍ଦ୍ରର ସର୍ବେସର୍ବା ରହିଥିବା ପୂର୍ବତନ ଆଇଏଏସ ଅଧିକାରୀ ଥିବା ଏବଂ ପରେ ଇଚ୍ଛାକୃତ ଅବସର ନେଇ ବିଜୁ ଜନତା ଦଳରେ ଯୋଗଦେଇ ରାଜ୍ୟ ଶାସନର ମଙ୍ଗ ଧରିଥିବା ଭିକେ ପାଣ୍ଡିଆନଙ୍କ ଆଇଏଏସ ପତ୍ନୀ ସୁଜାତା ଆର କାର୍ତ୍ତିକେୟନଙ୍କ ଅବସ୍ଥା କଥା ଚିନ୍ତାକଲେ ଅନେକ ପ୍ରଶ୍ନ ସ୍ୱତଃ ମନକୁ ଆସିବ ଏହା ନିଃସନ୍ଦେହ। କାରଣ ସୁଜାତା ଯେଉଁ ସମୟରେ ମିଶନ ଶକ୍ତିର ମାଲିକାଣୀ ରହି ବିଜେଡି ପାଇଁ ଭୋଟ ବ୍ୟାଙ୍କ ସାଜିଥିବା କଥା ସମସ୍ତେ ଜାଣନ୍ତି। ଯେଉଁଥିପାଇଁ ଗତ ସାଧାରଣ ନିର୍ବାଚନ ବେଳେ ନିର୍ବାଚନ କମିଶନଙ୍କ ନିକଟରେ ଏଭଳି ଅଭିଯୋଗ ଆସିବା ପରେ ତୁରନ୍ତ ପଦକ୍ଷେପ ସ୍ୱରୂପ ତାଙ୍କୁ ମିଶନ ଶକ୍ତିରୁ ଅପସାରଣ କରାଯାଇ ଅର୍ଥ ବିଭାଗର ସ୍ୱତନ୍ତ୍ର ସଚିବ ଭାବେ ଅବସ୍ଥାପିତ କରାଯାଇଥିଲା। ପରେ ସୁଜାତା ନିଜ ଝିଅର ପରୀକ୍ଷା ଅଛି ଦର୍ଶାଇ ଛ ମାସ ପାଇଁ ଛୁଟି ନେଇ ବିଦେଶ ଯାଇଥିଲେ। ଗତ ୨୬ ତାରିଖରେ ସୁଜାତାଙ୍କର ଛୁଟି ଦିବସ ସରିଯାଉଥିବାରୁ ସେ ପୁଣିଥରେ ୬ ମାସ ଛୁଟି ନେବାକୁ ଆବେଦନ କରିଥିଲେ, ହେଲେ ମୋହନ ସରକାର ଏଥିରେ ମୋହର ନମାରିବାରୁ ଗତ ୨୭ ତାରିଖ ସୁଜାତା କାର୍ଯ୍ୟରେ ଯୋଗ ଦେବାକୁ ଏକପ୍ରକାର ବାଧ୍ୟ ହେଲେ ବୋଲି ଜଣାପଡିଛି। ଯଦି ଏବେ ବିଜେଡି କ୍ଷମତାରେ ଥାଆନ୍ତା ହୁଏତ ଏହା ସୁଜାତାଙ୍କ ପାଇଁ ସହଜ ହୋଇଥାନ୍ତା। ମାତ୍ର ଭାଗ୍ୟର ବିଡମ୍ବନା ଏଇଆ ଯେ, ନା ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଅଛନ୍ତି କିମ୍ବା ଭିକେ ରାଜ୍ୟର ଅଘୋଷିତ ସର୍ବେସର୍ବା ଅଟନ୍ତି। ଏହାକୁ କୁହାଯାଏ ସମୟର ଖେଳ।

ବିଜେଡିର ପରାଜୟ ପରେ ପାଣ୍ଡିଆନ ବର୍ତ୍ତମାନ ରାଜନୈତିକ ସନ୍ୟାସୀ ଭାବେ ଆତ୍ମଗୋପନ କରିଛନ୍ତି। ତାଙ୍କ ପଛରେ ବରିଷ୍ଠ ଆଇଏଏସ କିମ୍ବା ବିଜେଡିର ଆଗଧାଡି ନେତା କାକୁସ୍ଥ ଭାବେ ଅନୁଗମନ କରୁନାହାନ୍ତି। ପୂର୍ବ ସରକାରରେ ଯେଉଁ ଅଣଓଡ଼ିଆ ଆସାଧୁ ଅଧିକାରୀ ରାଜ୍ୟର କ୍ଷମତା ନିଜ ହାତରେ ରଖିଥିଲେ ସେମାନେ ଚାକିରୀରେ ଥିଲେ ସୁଦ୍ଧା ନବୀନ ସରକାରଙ୍କ ଅମଳରେ ଭୋଗ କରିଥିବା କ୍ଷମତା ଆଉ ହାତକୁ ନେବାର କ୍ଷମତା ମଧ୍ୟ ହରାଇସାରିଛନ୍ତି। ସେମାନେ ଆଉ ସିଏମଓର ସର୍ବମୟ କର୍ତ୍ତା ହୋଇ ନାହାନ୍ତି। ଯେତେସବୁ ପାଣ୍ଡିଆନ ମାର୍କା ବାବୁ ଥିଲେ ମୋହନ ସରକାର ସମସ୍ତଙ୍କୁ ଥାର୍ଡ ଫ୍ଲୋର ଲିଙ୍କରୁ ହଟାଇ ଦେଇ ଗୌଣ ବିଭାଗରେ ଅବସ୍ଥାପିତ କରାଇଛନ୍ତି। ସରକାରୀ ଚାକିରୀ ଅଛି ହେଲେ ପୂର୍ବ କ୍ଷମତା ଆଉ ନାହିଁ। ଏଇଟା ଗୋଟେ ଡହଳ ବିକଳ ଅବସ୍ଥା ସତରେ! ତେଣୁ ଏବେ ସୁଜାତା ଅର୍ଥ ବିଭାଗରେ ପୁନଃ ଯୋଗଦେଇଥିଲେ ସୁଦ୍ଧା ତାଙ୍କର ଅବସ୍ଥା ବା ଦଶା କଣ ହେବ ତାହାକୁ ନେଇ ସାମ୍ବାଦିକ ଓ ବୁଦ୍ଧିଜୀବୀ ମାନେ ଅନେକ ତର୍ଜମା କରୁଛନ୍ତି।

ସମ୍ପାଦକୀୟ
ତାରକ ମହାନ୍ତି



ଯେହେତୁ ସୁଜାତାଙ୍କ ସ୍ୱାମୀ ପାଣ୍ଡିଆନ ମାର୍କାଙ୍କୁ ମୋହନ ମାଝୀଙ୍କ ସରକାର ଚିହ୍ନଟ କରି କିଭଳି ସରକାରରେ ହସ୍ତକ୍ଷେପ କରିନପାରିବା ଭଳି ବା ଭୋଟରଙ୍କ ସହ ଯୋଡି ନହେବା ଭଳି ବିଭାଗକୁ ନେଉଛନ୍ତି ଏ କ୍ଷେତ୍ରରେ ସେଭଳି କିଛି ନିଶ୍ଚିତ ହୋଇପାରେ। ଯଦି ବି ସୁଜାତାଙ୍କୁ ଅର୍ଥ ବିଭାଗରୁ ଅନ୍ୟତ୍ର ନିଆଯିବ ତଥାପି ମୋହନ ମାର୍କା ବିପଦ ତାଙ୍କ ପିଛା ଛାଡିବନି ବୋଲି ଆଲୋଚନା ହେଉଛି। କାରଣ ପୂର୍ବରୁ ସୁଜାତା ରହିଥିବା ମିଶନ ଶକ୍ତି ରାଜ୍ୟର ମହିଳାମାନଙ୍କୁ ସଶକ୍ତ କରିବା ବଦଳରେ ବିଜେଡି ପାଇଁ ଭୋଟ ସଂଗ୍ରହର ବଡ଼ କାରଖାନା ଥିଲା ତାହା ସମସ୍ତଙ୍କୁ ନିଶ୍ଚୟ ଜଣା ଅଛି। କେନ୍ଦ୍ର ସରକାର ଦେଇଥିବା ଅର୍ଥର ଦୂରୁପଯୋଗ କରାଯାଇ ମିଶନ ଶକ୍ତି ଜରିଆରେ ମହିଳା ଭୋଟରଙ୍କୁ କେବଳ ବିଜେଡି ପାଇଁ କାର୍ଯ୍ୟରେ ଲଗାଯାଉଥିଲା ତାହାର ତଦନ୍ତ କରାଗଲେ ସୁଜାତା ନିଶ୍ଚୟ ତଦନ୍ତ ପରିସରକୁ ଆସିବେ। ସେତେବେଳେ ଅବସ୍ଥା କଣ ହେବ ଏକଥା ଯଦି ସୁଜାତା ଚିନ୍ତା କରୁଥାନ୍ତି ତେବେ ତାଙ୍କ ମାନସିକ ଅବସ୍ଥା କିପରି ରହିବ ତାହା ଚିନ୍ତା କରିବାର ବିଷୟ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଶାସନ କ୍ଷମତାରୁ ବିଜେଡି ଯିବା ପରେ ଭିକେ ପାଣ୍ଡିଆନ ସତେ ଯେପରି ଆତ୍ମଗୋପନ କରିଛନ୍ତି। ଆଗ ଭଳି କୌଣସି ପ୍ରସଙ୍ଗରେ ସେ ମନ୍ତବ୍ୟ ଦେବାକୁ ଆଉବୋଧେ ଉଚିତ ମଣୁନାହାନ୍ତି। ତେଣୁ ସେ ହୁଏତ ମୋହନ ସରକାରଙ୍କ ମତିଗତି ଠଉରେଇଛନ୍ତି ଅଥବା ବିଜେପିର କେନ୍ଦ୍ରୀୟ ନେତାଙ୍କ ସଂସ୍ପର୍ଶରେ ରହିଥାଇପାରନ୍ତି। କିନ୍ତୁ ସୁଜାତାଙ୍କୁ ଆଉ ଛଅ ମାସ ଅଧିକ ଛୁଟି ନମିଳିବାରୁ ସେ ପୂର୍ବରୁ କାର୍ଯ୍ୟ କରୁଥିବା ବିଭାଗରେ ଯୋଗ ଦେଇସାରିଛନ୍ତି। ଅତଏବ ସୁଜାତାଙ୍କ ଚାକିରୀ ଭବିଷ୍ୟତକୁ ନେଇ ବିଭିନ୍ନ ଆଶଙ୍କା ପ୍ରକାଶ ପାଉଛି। କେହି କେହି ତାଙ୍କ ସ୍ୱେଚ୍ଛାକୃତ ଅବସର ନେବା କଥା ମଧ୍ୟ ଆଲୋଚନା କରୁଛନ୍ତି। ଯଦି ସେଭଳି କିଛି ହୁଏ ମୋହନ ସରକାର ସୁଜାତାଙ୍କୁ ସ୍ୱେଚ୍ଛାକୃତ ଅବସର ଦେବେ କି ନା ତାହା ମଧ୍ୟ ସନ୍ଦେହ ରହିଛି। କାରଣ ମିଶନ ଶକ୍ତିରେ ଯଦି କିଛି ବଡ଼ ଧରଣର ଦୁର୍ନୀତି ହୋଇଥାଏ ତେବେ ସୁଜାତା ମଧ୍ୟ ଉତ୍ତରଦାୟୀ ହେବେ। ତେଣୁ ଏଭଳି ପରିସ୍ଥିତିରେ ସୁଜାତାଙ୍କ ମାନସିକ ଅବସ୍ଥା କିଭଳି ଥିବ ତାହା କେବଳ ଅନୁମାନ କରାଯାଇପାରେ। ଯଦି ବର୍ତ୍ତମାନର ସରକାର ମିଶନ ଶକ୍ତିରେ ହୋଇଥିବା ଦୁର୍ନୀତି ବାବଦରେ କୌଣସି କଠୋର ପଦକ୍ଷେପ ନେବେ ତେବେ ସୁଜାତାଙ୍କ ପାଇଁ ଏହା ଅଡୁଆ ସୃଷ୍ଟି କରିବ। ମୋହନ ସରକାର ଭିଜିଲାନ୍ସ ବିଭାଗ ଜରିଆରେ ପୂର୍ବ ସରକାରରେ ଦୁର୍ନୀତି କରି ସମ୍ପତ୍ତି ଓ ଅର୍ଥ ଠୁଳ କରିଥିବା ସରକାରୀ କର୍ମଚାରୀ ଏବଂ ଅଧିକାରୀଙ୍କ ଉପରେ କଡା କାର୍ଯ୍ୟାନୁଷ୍ଠାନ କରୁଛନ୍ତି। ତେଣୁ ସୁଜାତା ଯଦି ସେଭଳି କିଛି କରିଥାନ୍ତି ସେ ମଧ୍ୟ ଏଭଳି କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହୋଇପାରନ୍ତି ବୋଲି ଆଶଙ୍କା ଦେଖାଦେଇଛି। ତେବେ ପରିସ୍ଥିତିର ଚାପରେ ହେଉ କିମ୍ବା ନିଜ ଇଚ୍ଛାରେ ସୁଜାତା କାର୍ଯ୍ୟରେ ଯୋଗ ଦେଇଛନ୍ତି। ମୋହନ ସରକାରଙ୍କ ଆଭିମୁଖ୍ୟ ଯାହା ସେ କେବେବି ଚାହିଁବେ ନାହିଁ ପାଣ୍ଡିଆନ ମାର୍କା ଅଧିକାରୀ ଭଲ ପଦବୀରେ ରୁହନ୍ତୁ। ଯେମିତିକି ବିଜେଡି ଶାସନ ସମୟରେ ସିଏମ୍‌ଓ ଉପରେ ପ୍ରଭାବ ବିସ୍ତାର କରିଥିବା ଅଧିକାରୀଙ୍କୁ ମୋହନ ସରକାର ଗାଦିଚ୍ୟୁତ କରିଛନ୍ତି। ସୁଜାତାଙ୍କ କ୍ଷେତ୍ରରେ ଯଦି ଏଭଳି କିଛି ହୁଏ ତେବେ ସେ ନିଶ୍ଚୟ ମାନସିକ ସନ୍ତୁଳନ ହରାଇବେ। ତେଣୁ ତାଙ୍କ ପାଇଁ ସ୍ୱେଚ୍ଛାକୃତ ଅବସର ହିଁ ଏକ ବିକଳ୍ପ ରାସ୍ତା ବୋଲି ଚର୍ଚ୍ଚା ହେଉଛି। ତେବେ ଆଗକୁ ମୋହନ ସରକାର ସୁଜାତାଙ୍କୁ ଅର୍ଥ ବିଭାଗରେ ରଖିବେ ନା ଅନ୍ୟତ୍ର ବଦଳି କରି ନିଜ ଆଭିମୁଖ୍ୟକୁ ବଜାୟ ରଖିବେ ତାହା ସମୟ କହିବ।

ଯୋଗାଯୋଗ ଠିକଣା
ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ଭୋକର ଭୂଗୋଳ ଓ ଦାରିଦ୍ର୍ୟର ମାନଚିତ୍ର



ସୌମେନ୍ଦ୍ର ଜେନା

ବ୍ରାଜିଲର ରାଜଧାନୀ ରିଓ ଡେ ଜେନେରୋର ଆଧୁନିକ ଚିତ୍ରକଳା ସଂଗ୍ରହାଳୟଠାରେ ଜି ୨୦ ରାଷ୍ଟ୍ର ସମୂହର ନେତୃବୃନ୍ଦଙ୍କର ୧୯ଶ ବୈଠକ ନଭେମ୍ବର ୧୮-୧୯ ଦୁଇଦିନଧରି ନିକଟରେ ଅନୁଷ୍ଠିତ ହୋଇଯାଇଛି। ବ୍ରାଜିଲରେ ଜି ୨୦ ବୈଠକ ଆୟୋଜନ ହେବା ଏହା ପ୍ରଥମ ଥିଲା। ୨୦୨୩ରେ ଆଫ୍ରିକୀୟ ସଂଘକୁ ସାମିଲ କରାଯିବା ପରେ ଏହାର ସଦସ୍ୟତା ସଂଖ୍ୟା ୨୧କୁ ବୃଦ୍ଧି ପାଇଥିଲେ ମଧ୍ୟ ଗୋଷ୍ଠୀର ନାମ ପରିବର୍ତ୍ତନ କରାଯାଇନାହିଁ। ଚଳିତବର୍ଷର ଆଲୋଚନାରେ ଜି ୨୦ଗୋଷ୍ଠୀର ସଦସ୍ୟରାଷ୍ଟ୍ରମାନଙ୍କ ଛଡା ଆଙ୍ଗୋଲା, ମାଲି, ଇଜିପ୍ଟ, ମାଲେସିଆ, ଇରାନ ଓ ସିଙ୍ଗାପୁର ନିମନ୍ତ୍ରିତ ରାଷ୍ଟ୍ରଭାବେ ଯୋଗଦାନ କରିଥିଲେ। ଆନ୍ତର୍ଜାତିକ ଅନୁଷ୍ଠାନ ମଧ୍ୟରେ ବିଶ୍ୱବ୍ୟାଙ୍କ, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ, ବିଶ୍ୱ ବାଣିଜ୍ୟ ସଂଗଠନ, ଜାତିସଂଘ, ବିଶ୍ୱ ଶ୍ରମିକ ସଂଗଠନ ବିଶ୍ୱ ବିକାଶ ବ୍ୟାଙ୍କ, ବିଶ୍ୱ ମୁଦ୍ରା ପାଣ୍ଠି, ୟୁନେସ୍କୋ ସମେତ ଅନ୍ୟାନ୍ୟ ସଂସ୍ଥାର ୧୫ଜଣ ମୁଖ୍ୟମାନେ ମଧ୍ୟ ଯୋଗ ଦେଇଥିଲେ। ବ୍ରାଜିଲ ରାଷ୍ଟ୍ରପତି ଲୁଇସ୍ ଇନାସିଓ ଲୁଲା ଦା ସିଲଭା ଏହି ବୈଠକରେ ଅଧ୍ୟକ୍ଷତା କରିଥିଲେ।

ଗତବର୍ଷ ୨୦୨୩ରେ ଭାରତର ନୂଆଦିଲ୍ଲୀଠାରେ ଜି୨୦ର ବୈଠକ ଅନୁଷ୍ଠିତ ହୋଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସେହି ବୈଠକରେ ଅଧ୍ୟକ୍ଷତା କରିଥିଲେ। ୧ ଡିସେମ୍ବର ୨୦୨୩ରେ ଜି୨୦ର ଅଧ୍ୟକ୍ଷତା ଦାୟିତ୍ୱ ବ୍ରାଜିଲ ରାଷ୍ଟ୍ରପତି ଲୁଇସ ଇନାସିଓ ଦା ସିଲଭା ବିଧିବଦ୍ଧ ଭାବେ ଗ୍ରହଣ କରିଥିଲେ। ନିରନ୍ତର ବିକାଶଶୀଳ ଜଗତ ନିର୍ମାଣ ଥିଲା ତାଙ୍କର ବିଚାର। ଯାହାକୁ ସେ ଆଗକୁ ନେବାକୁ ଯାଇ 'ଭୋକର ଭୂଗୋଳ ଓ ଦାରିଦ୍ର୍ୟର ମାନଚିତ୍ର' ବଦଳାଇବାକୁ ଆହ୍ୱାନ ଦେଇଛନ୍ତି। ୨୦୨୪ର ଜି୨୦ ବୈଠକ ପାଇଁ ବ୍ରାଜିଲ ପକ୍ଷରୁ ତିନୋଟି ବିଷୟକୁ ରଖାଯାଇଥିଲା- (୧) ଅନାହାର ବିରୋଧୀ ସଂଗ୍ରାମରେ ସମାଜକୁ ସଂପୃକ୍ତ କରିବା, (୨) ଶକ୍ତିର ସଂକଟ ଓ ନିରନ୍ତର ସାମାଜିକ, ଆର୍ଥିକ ଏବଂ ପରିବେଶଗତ ବିକାଶ, (୩) ଜାତିସଂଘ ପରି ବିଶ୍ୱ ସଂଗଠନ ଗୁଡିକରେ ସଂସ୍କାର। ବ୍ରାଜିଲ ରାଷ୍ଟ୍ରପତି ଲୁଲା ୧୦ ସେପ୍ଟେମ୍ବର ୨୦୨୩ରେ ଭାରତରେ ଜି୨୦ ରାଷ୍ଟ୍ରଗୋଷ୍ଠୀର ଆଲୋଚନାରେ ଅଂଶଗ୍ରହଣ କରି ଜଳବାୟୁ ପରିବର୍ତ୍ତନ ପାଇଁ ଆନ୍ତର୍ଜାତିକ ସ୍ତରରେ କାର୍ଯ୍ୟଗୋଷ୍ଠୀ ଗଠନ ଲାଗି ଆହ୍ୱାନ ଦେଇଥିଲେ। ଜଳବାୟୁ ପରିବର୍ତ୍ତନ ଯୋଗୁଁ କ୍ଷତିଗ୍ରସ୍ତ ଲୋକମାନଙ୍କ ମଧ୍ୟରେ ଅସମାନତା ହ୍ରାସ ପାଇଁ ପଦକ୍ଷେପ ନେବାକୁ ସେ କହିଥିଲେ। ଆନ୍ତର୍ଜାତିକ ସ୍ତରର ସଂଗଠନଗୁଡିକର ସମନ୍ୱିତ ସଂସ୍କାର ଅଣାଯିବା ସଂକ୍ରାନ୍ତରେ ଲୁଲା ଗୁରୁତ୍ୱାରୋପ କରିଥିଲେ। ବିଶ୍ୱବ୍ୟାଙ୍କ, ବିଶ୍ୱ ମୁଦ୍ରା ପାଣ୍ଠି, ବିଶ୍ୱ ବାଣିଜ୍ୟ ସଂଗଠନ, ଜାତିସଂଘର ସୁରକ୍ଷା ପରିଷଦରେ ସଦସ୍ୟ ରାଷ୍ଟ୍ରଙ୍କ ପ୍ରତିନିଧି ସଂଖ୍ୟା ବୃଦ୍ଧି କରିବା, ବିଶ୍ୱ ପଟଳରେ ଦକ୍ଷିଣ ବିଶ୍ୱର ପ୍ରଭାବ ବୃଦ୍ଧି କରାଯିବା ଲାଗି ଉଲ୍ଲେଖ କରିଥିଲେ। ପ୍ରଥମ ଥର ପାଇଁ ବ୍ରାଜିଲର ରାଷ୍ଟ୍ରପତି ସିଭିଲ ସୋସାଇଟୀ ଏବଂ ସ୍ୱେଚ୍ଛାସେବୀ ସଂଗଠନଗୁଡିକୁ ଆଲୋଚନାରେ ଅଂଶଗ୍ରହଣ କରିବା ସହ ଶିଖର ବୈଠକ ନିମିତ୍ତ ସେମାନଙ୍କ ପରାମର୍ଶ ପାଇଁ ଆହ୍ୱାନ ଦେଇଥିଲେ। ତଦନୁଯାୟୀ ୨୪ ଜୁଲାଇ ୨୦୨୪ରେ ବ୍ରାଜିଲ ସରକାରଙ୍କ ଦ୍ୱାରା କ୍ଷୁଧା ଓ ଦାରିଦ୍ର୍ୟ ବିରୋଧୀ ଆନ୍ତର୍ଜାତିକ ମେଣ୍ଟ ଗଠନ ନିମନ୍ତେ ପ୍ରସ୍ତାବ ପ୍ରସ୍ତୁତ କରିଥିଲେ। ୨୦୨୪ନଭେମ୍ବର ଆଲୋଚନା କାଳରେ ସେହି ପ୍ରସ୍ତାବପତ୍ରରେ ସଂଶୋଧନ ଆଣିବାକୁ କୁହାଯାଇଥିଲା। ବ୍ରାଜିଲ ସରକାର ଜି୨୦ ବୈଠକକୁ ଦେଶର ୧୫ଟି ସହରରେ ପହଞ୍ଚାଇବା ସହ କାର୍ଯ୍ୟକ୍ରମ ଆୟୋଜନ ନିମିତ୍ତ ୬୦ ମିଲିଅନ ଡଲାର ପ୍ରଦାନ କରିଥିଲେ। ୨୧-୨୨ ଫେବୃଆରୀ ୨୦୨୪ରେ ଦେଶରେ ଅନୁଷ୍ଠିତ ଜି୨୦ ରାଷ୍ଟ୍ରସମୂହର ବୈଦେଶିକ ମନ୍ତ୍ରୀମାନଙ୍କ କାର୍ଯ୍ୟକ୍ରମ ଲାଗି ସରକାର ପ୍ରାୟ ୧୨୦୦ ସେନା ଯବାନ ଓ ଅଧିକାରୀ, ପୋଲିସ ଅଧିକାରୀଙ୍କୁ ମୁତୟନ କରିଥିଲେ। ଆଲୋଚନାସ୍ଥଳୀ ଥିବା ଆଧୁନିକ କଳା ସଂଗ୍ରହାଳୟ (ରିଓ) ଠାରେ ଅଧିକ ନିର୍ମାଣ ପାଇଁ ପ୍ରାୟ ୭.୬ ମିଲିଅନ ଆମେରିକା ଡଲାର ଖର୍ଚ୍ଚ କରିଥିଲେ। ଏପ୍ରିଲ ମାସରେ ସୁରକ୍ଷା ପାଇଁ ମକଡ୍ରିଲ କରାଯାଇଥିଲା। ସାଣ୍ଟୋସ ଡୁମଣ୍ଟ ବିମାନବନ୍ଦରକୁ ବନ୍ଦ ରଖିବାକୁ ନିଷ୍ପତ୍ତି ନିଆଯାଇଥିଲା। ବ୍ରାଜିଲର ବାୟୁସେନା ଆକାଶମାର୍ଗରୁ ସୁରକ୍ଷା ଦେବାକୁ ନିଯୁକ୍ତ ହେବେ ବୋଲି କୁହାଯାଇଥିଲା। ଆଲୋଚନା ପାଇଁ ସରକାର ପ୍ରାୟ ୨୦ ହଜାର ସୁରକ୍ଷାକର୍ମୀ, ପୋଲିସ ଓ ଯବାନଙ୍କୁ ମୁତୟନ କରିଥିଲେ। ସେମାନେ ୮ଟି କେନ୍ଦ୍ରରେ ସୁରକ୍ଷା ଦେବା ପାଇଁ ନିଯୁକ୍ତ ଥିଲେ। ବିଷୟ ଦୃଷ୍ଟିରୁ ରୁଷିଆ- ୟୁକ୍ରେନ ଯୁଦ୍ଧ, ରୁଷିଆର ରାଷ୍ଟ୍ରପତି ଭ୍ଲାଦିମିର ପୁତିନଙ୍କୁ ଗିରଫ କରାଯିବାଲାଗି ଆନ୍ତର୍ଜାତିକ ଅଦାଲତ ଗିରଫ ପରୱାନା ଜାରି କରିଥିଲା। ୯ ସେପ୍ଟେମ୍ବର ୨୦୨୩ ଦିନ ଲୁଲା କହିଥିଲେ ଯେ ପରବର୍ତ୍ତୀ ବର୍ଷ ୨୦୨୪ରେ ପୁଟିନ ରିଓଠାରେ ଅନୁଷ୍ଠିତ ହେବାକୁ ଥିବା ଜି୨୦ ବୈଠକରେ ଯୋଗଦାନ କରିପାରିବେ। କିନ୍ତୁ ବସ୍ତୁସ୍ଥିତି ସେପରି ନଥିଲା। ଡିସେମ୍ବର ୨୦୨୩ରେ ଲୁଲା କହିଲେ ଯେ ବ୍ରାଜିଲରେ ପୁଟିନ ଗିରଫ ହୋଇପାରନ୍ତି, କିନ୍ତୁ ଏହାର ନିଷ୍ପତ୍ତି କେବଳ ବ୍ରାଜିଲର ସ୍ୱାଧୀନ ନ୍ୟାୟପାଳିକା ନେବ, ସରକାର ନୁହେଁ। ଫଳତଃ ୧୮ ଅକ୍ଟୋବର ୨୦୨୪ରେ ପୁଟିନ ନିଜ ଆଡୁ କହିଲେ, "ମୋ ଗସ୍ତ ଗୋଷ୍ଠୀର କାର୍ଯ୍ୟକୁ ବାଧା ପହଞ୍ଚାଇବାର ସମ୍ଭାବନା ରହିଛି।" ତେଣୁ ସେ ବୈଠକକୁ ନଆସିବାକୁ ନିଷ୍ପତ୍ତି ନେଇ ବିଦେଶ ମନ୍ତ୍ରୀ ଲାଭାରୋଭଙ୍କୁ ପଠାଇଲେ।

ସଂପ୍ରତି ବିଶ୍ୱ ଏକ ସନ୍ଧିକ୍ଷଣ ସମୟ ଦେଇ ଗତି କରୁଛି। ଆମେରିକାର ରାଷ୍ଟ୍ରପତି ନିର୍ବାଚନରେ ହାରିଯିବା ପରେ ଡେମୋକ୍ରାଟ ଦଳର ପ୍ରାର୍ଥୀ ଜୋ ବାଇଡେନ ରିପବ୍ଲିକାନ ଦଳର ଟ୍ରମ୍ପ ସରକାର କ୍ଷମତା ଗ୍ରହଣ କରିବା ପୂର୍ବରୁ ଚତୁର୍ଦ୍ଦିଗରେ ବ୍ୟାପକ ଅସ୍ଥିରତା ସୃଷ୍ଟି କରିବା ଉଦ୍ୟମ ଆରମ୍ଭ କରିଛନ୍ତି। ୟୁକ୍ରେନକୁ ରୁଷିଆର ମସ୍କୋକୁ ରକେଟମାଡ କରିବାଲାଗି ବାଇଡେନ କ୍ଷେପଣାସ୍ତ୍ର ପ୍ରଦାନ କରିଛନ୍ତି। ଏଣେ ଭାରତ ବିରୋଧରେ ନୂତନ ମୋର୍ଚ୍ଚା ଖୋଲିବା ଲାଗି ନିଜ ଇକୋସିଷ୍ଟମକୁ ସକ୍ରୀୟ କରି ଦେଇଛନ୍ତି। ଯାହାର ପ୍ରଭାବ ଭାରତରେ ମଧ୍ୟ ଦେଖିବାକୁ ମିଳିଛି। ବାଇଡେନଙ୍କ ସିଷ୍ଟମ୍ସ ଭାବେ ଭାରତରେ କାର୍ଯ୍ୟରତ ରାହୁଲ ଗାନ୍ଧି ମଧ୍ୟ ଆମେରିକା ତାଳରେ ନାଚିବା ଆରମ୍ଭ କରିଦେଇଛନ୍ତି। ଆଦାନୀଙ୍କ ବିରୁଦ୍ଧରେ ଅତୀତରେ ଆମେରିକାରେ ଅଭିଯୋଗ ଉଠିଥିଲା, ଯାହାପରେ ମିଛ ବୋଲି ଜଣାପଡିଲା। ଏବେ ମଧ୍ୟ ଠିକ୍ ସେମିତି ନୂଆ ଅଭିଯୋଗ ଉଠିଛି। ଆଉ ସେମାନଙ୍କ ଦଳରେ ଭାରତର କଂଗ୍ରେସ ଦଳ ମଧ୍ୟ ଅଭିଯୋଗ ଆଣି ନାଚିବାରେ ଲାଗିଛି ଲେଫ୍ଟ ଲିବରାଲ-ଇସଲାମିଷ୍ଟ ସିଷ୍ଟମ ଆମେରିକାରେ ଦୁର୍ବଳ ହେଲାପରି ଭାରତରେ ଏହି ସିଷ୍ଟମ୍ସ ଭାବେ ପରିଚିତ କଂଗ୍ରେସ ଦଳ ମଧ୍ୟ ସମାନ ଢଙ୍ଗରେ ଦୁର୍ବଳ ହେଲାବେଳେ ଦଙ୍ଗା, ଜଳାପୋଡା, ମିଛ ଅଭିଯୋଗ ମାଧ୍ୟମରେ ଲୋକଙ୍କୁ ପ୍ରଭାବିତ କରିବାକୁ ଲାଗିପଡିଛି। ତେଣୁ ଜି ୨୦ ବୈଠକରେ ଯୋଗ ଦେଇଥିବା ଭାରତ ମଧ୍ୟ ଆମେରିକାର ଇକୋ ସିଷ୍ଟମ୍ସ ପ୍ରତି ସତର୍କ ରହି କାର୍ଯ୍ୟ କରୁଛି। ନିକଟରେ ବଙ୍ଗଳାଦେଶ କ୍ଷମତା ପରିବର୍ତ୍ତନରେ ସଫଳ ହୋଇଥିବା ବାଇଡେନ ପ୍ରଶାସନ ଭାରତରେ କ୍ଷମତା ପରିବର୍ତ୍ତନ କରିବାକୁ ଯଥେଷ୍ଟ ଉଦ୍ୟମ କରିଥିଲା। ସାହିନବାଗର ଦଙ୍ଗା, ସିଙ୍ଘୁ ସୀମାରେ କୃଷକଙ୍କ ଧାରଣା, ପଞ୍ଜାବରେ ଖାଲିସ୍ତାନରେ ଅଭ୍ୟୁଦୟ, ତାମିଲନାଡୁ ଓ କର୍ଣ୍ଣାଟକରେ ଭାରତ ବିରୋଧୀ ଆଭିମୁଖ୍ୟ, କେରଳରେ ଦେଶ ବିରୋଧୀ ନୀତି ଗ୍ରହଣ ଆଦି ଏହାର କାରଣ। ତେଣୁ ଜି ୨୦ ବୈଠକ କାଳରେ ଭାରତ ନିଜ ସ୍ୱାର୍ଥକୁ ଗୁରୁତ୍ୱ ଦେଇ କାର୍ଯ୍ୟ କରିଛି। ଖାଲିସ୍ଥାନୀ ସନ୍ତ୍ରାସବାଦୀଙ୍କୁ ସମର୍ଥନ ଦେଉଥିବା କାନାଡାର ପ୍ରଧାନମନ୍ତ୍ରୀ ଜଷ୍ଟିନ ଟ୍ରୁଡୋଙ୍କୁ ଭାରତର ପ୍ରଧାନମନ୍ତ୍ରୀ ମୋଦୀ ଗୁରୁତ୍ୱ ଦେଇ ନଥିଲେ। ଅପରପକ୍ଷେ ସେ ବୈଠକର ସୁଯୋଗରେ ଅନେକ ରାଷ୍ଟ୍ରର ରାଷ୍ଟ୍ରମୁଖ୍ୟମାନଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିଥିଲେ। ଏହି ଅବସରରେ ବ୍ରାଜିଲ ଦ୍ୱାରା ଗଠିତ କ୍ଷୁଧା ଓ ଦାରିଦ୍ର୍ୟ ବିରୋଧୀ ବିଶ୍ୱ ମେଣ୍ଟରେ ୧୪୭ତମ ସଦସ୍ୟ ଭାବେ ଭାରତ ଯୋଗଦାନ କରିଥିଲା। ଦ୍ୱିପାକ୍ଷିକ ଆଲୋଚନା ବେଳେ ବ୍ରାଜିଲ ଭାରତକୁ ନିଜ ପ୍ରତିରକ୍ଷା ପରିବହନ ବିମାନ ଦେଇ ଭାରତରୁ ତେଜସ ଯୁଦ୍ଧ ବିମାନ ପାଇବାକୁ ଇଚ୍ଛାପ୍ରକାଶ କରିଥିଲା। ଏହା ବସ୍ତୁ ବଦଳରେ ବସ୍ତୁ ପ୍ରଦାନ ଢାଞ୍ଚାରେ ହେବ ବୋଲି କହିଥିଲା। ଭାରତ ପାଇଁ ଏହା ଏକ ଭଲ ସୁଯୋଗ ବୋଲି କହିବାକୁ ହେବ। କାରଣ ତେଜସ ଯୁଦ୍ଧ ବିମାନର ଅନେକ ପ୍ରଶଂସା ଅତୀତରେ ଶୁଣାଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଜଣେ ଗ୍ରାହକ ପାଇବା କଷ୍ଟକର ହୋଇଛି। ବ୍ରାଜିଲ ଯଦି ତେଜସ ନେବାକୁ ସକ୍ଷମ ହୁଏ ତେବେ ସେ ଭାରତର ପ୍ରଥମ ଯୁଦ୍ଧବିମାନ ଗ୍ରାହକ ହେବ, ଯାହା ରହୁଁଛି। ଏହି ଶିଖର ଆଲୋଚନାରେ ଜି୨୦ର ସ୍ଥାୟୀ ସଦସ୍ୟ ରାଷ୍ଟ୍ର ଆର୍ଜେଣ୍ଟିନା, ଅଷ୍ଟ୍ରେଲିଆ, ବ୍ରାଜିଲ, କାନାଡା, ଚୀନ, ଜର୍ମାନୀ, ଫ୍ରାନ୍ସ, ଭାରତ, ଇଣ୍ଡୋନେସିଆ, ଇଟାଲୀ, ଜାପାନ, ଦକ୍ଷିଣ କୋରିଆ, ମେକ୍ସିକୋ, ରୁଷିଆ, ସାଉଦି ଆରବ, ଦକ୍ଷିଣ ଆଫ୍ରିକା, ତୁର୍କୀ, ବ୍ରିଟେନ, ଆମେରିକା, ବ୍ରାଜିଲ ଆଦି ରାଷ୍ଟ୍ରର ମୁଖ୍ୟ କିମ୍ବା ପ୍ରତିନିଧି ଯୋଗଦାନ କରିଥିଲେ। ତେବେ ଜି ୨୦ ବୈଠକକୁ ସଫଳ କରିବାଲାଗି ପ୍ରୟାସ ଗତବର୍ଷରୁ ଆରମ୍ଭ ହୋଇଥିଲା। ୧ ଡିସେମ୍ବର ୨୦୨୩ରେ ବ୍ରାଜିଲ ହାତକୁ ଏହାର ଅଧ୍ୟକ୍ଷତା ଆସିଲା ପରେ ଲୁଲା ଦା ସିଲଭା ଅତି ସଫଳତାର ସହ ପରିଚାଳନା କରିଥିଲେ। ୨୧-୨୨ ଫେବୃଆରୀ ୨୦୨୪ରେ ଜି୨୦ ବିଦେଶମନ୍ତ୍ରୀମାନଙ୍କର ବୈଠକ ହୋଇଥିଲା। ୨୮-୨୯ଫେବୃଆରୀ ୨୦୨୪ରେ ସାଓ ପାଓଲୋ ସହରରେ ଜି ୨୦ ସଦସ୍ୟ ରାଷ୍ଟ୍ରଗୁଡିକର କେନ୍ଦ୍ରୀୟ ବ୍ୟାଙ୍କ ଗଭର୍ଣ୍ଣରମାନଙ୍କର ଏକ ବୈଠକ ହୋଇଥିଲା। ୧୩ମାର୍ଚ୍ଚ ୨୦୨୪ରେ ଜି୨୦ ସଦସ୍ୟ ରାଷ୍ଟ୍ରମାନଙ୍କ ସ୍ୱାସ୍ଥ୍ୟମନ୍ତ୍ରୀସ୍ତରୀୟ ଆଲୋଚନା ଆଭାସୀ ବ୍ୟବସ୍ଥାରେ ହୋଇଥିଲା। ନିସିଆ ତ୍ରିନିଦାଦେଙ୍କ ଅଧ୍ୟକ୍ଷତାରେ ଜି୨୦ ସ୍ୱାସ୍ଥ୍ୟ କାର୍ଯ୍ୟ ଗୋଷ୍ଠୀ ଆଲୋଚନା ହୋଇଥିଲା। ଏଥିରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ମହାମାରୀ ସମସ୍ୟା ପାଇଁ ସର୍ବଦା ପ୍ରସ୍ତୁତ ରହିବା ଆବଶ୍ୟକ ବୋଲି ମତପ୍ରକାଶ ପାଇଥିଲା। ସ୍ୱାସ୍ଥ୍ୟ ସଂକ୍ରାନ୍ତୀୟ ଟେକ୍ନୋଲୋଜି ସବୁ ରାଷ୍ଟ୍ରଙ୍କୁ ଦେବା ଉପରେ ଜୋର ଦିଆଯାଇଥିଲା। ୨୨-୨୩ ଜୁଲାଇ ୨୦୨୪ରେ ରିଓ ଡି ଜେନେରୋଠାରେ ବିକାଶମନ୍ତ୍ରୀମାନଙ୍କ ବୈଠକ ହୋଇଥିଲା। ୨୫-୨୬ ଜୁଲାଇଲେ ରିଓଠାରେ ଅର୍ଥମନ୍ତ୍ରୀ ଏବଂ କେନ୍ଦ୍ରୀୟ ବ୍ୟାଙ୍କ ଗଭର୍ଣ୍ଣରମାନଙ୍କର ବୈଠକ ହୋଇଥିଲା, ଯେଉଁଥିରେ ଆନ୍ତର୍ଜାତିକ ଟିକସ ସହାୟତା ପାଇଁ ଆଲୋଚନା ହୋଇଥିଲା। ସେମିତି ଶ୍ରମ ଓ ନିଯୁକ୍ତି ମନ୍ତ୍ରୀସ୍ତରିୟ ବୈଠକରେ କାର୍ଯ୍ୟକ୍ଷେତ୍ରରେ ଥିବା ଅସମାନତାକୁ ହ୍ରାସ କରାଯିବା ଲାଗି ସ୍ଥିର ହୋଇଥିଲା। କାର୍ଯ୍ୟ କ୍ଷେତ୍ରରେ ଶ୍ରମିକଙ୍କ ସୁରକ୍ଷା ଓ ସ୍ୱାସ୍ଥ୍ୟପ୍ରତି ଧ୍ୟାନ ଦେବାଲାଗି କୁହାଯାଇଥିଲା। ୧୨-୧୩ ସେପ୍ଟେମ୍ବର ୨୦୨୪ରେ ମାଟୋ ଗ୍ରୋସୋ ରାଜ୍ୟରେ ଜି୨୦ କୃଷିମନ୍ତ୍ରିସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ୧୯ ସେପ୍ଟେମ୍ବର ୨୦୨୪ରେ ମନାଉସଠାରେ ନବସର୍ଜନ ଓ ଗବେଷଣା ପାଇଁ ମନ୍ତ୍ରିସ୍ତରୀୟ ବୈଠକ ଆୟୋଜିତ ହୋଇଥିଲା। ଏଠାରେ ବିବିଧତା, ସମାନତା, ଗ୍ରହଣଶୀଳତାକୁ ବିଜ୍ଞାନ, ବୈଷୟିକଜ୍ଞାନ ଓ ନବସର୍ଜନ ସହ ସମ୍ମିଶ୍ରଣ କରାଯିବାଲାଗି ମତପ୍ରକାଶ ପାଇଥିଲା। ୨୧ ସେପ୍ଟେମ୍ବର ୨୦୨୪ରେ ବେଲେମଠାରେ ଜି୨୦ ପର୍ଯ୍ୟଟନ ମନ୍ତ୍ରିସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ପର୍ଯ୍ୟଟନ କ୍ଷେତ୍ରରେ ଯୋଗ୍ୟତା ପଦକ୍ଷେପ ଓ ବୈଷୟିକ ପ୍ରଶିକ୍ଷଣ ଉପରେ ଜୋରଦେବାକୁ ମତ ଉଠିଥିଲା। ୨୭ ସେପ୍ଟେମ୍ବର ୨୦୨୪ରେ ଜି୨୦ ଅର୍ଥ ଓ ସ୍ୱାସ୍ଥ୍ୟମନ୍ତ୍ରୀମାନଙ୍କର ମିଳିତ ବୈଠକ ଏମ୍‌ପକ୍ସର ମୁକାବିଲା ପାଇଁ ହୋଇଥିଲା। ରିଓ ଡି ଜେନେରୋଠାରେ ୩ ଅକ୍ଟୋବର ୨୦୨୪ରେ ଜଳବାୟୁ ଓ ପରିବେଶ ମନ୍ତ୍ରୀମାନଙ୍କର ବୈଠକ ହୋଇଥିଲା। ୪ ଅକ୍ଟୋବର ୨୦୨୪ରେ ଫୋଜ୍ ଡୁ ଇଗନାକୁଠାରେ ଶକ୍ତି ମନ୍ତ୍ରୀମାନଙ୍କର ବୈଠକରେ ଶୁଦ୍ଧ, ସ୍ଥାୟୀ ସହଜରେ ଉପଲବ୍ଧ ଶକ୍ତିର ଯୋଗାଣ ଦରିଦ୍ର ଲୋକମାନଙ୍କୁ କରାଯିବା ଦରକାର ବୋଲି ମତପ୍ରକାଶ ପାଇଥିଲା। ୧୦ ଅକ୍ଟୋବର ୨୦୨୪ରେ ବ୍ରାସିଲିଆଠାରେ ଲିଙ୍ଗଗତ ସମାନତା ଓ ମହିଳା ସଶକ୍ତିକରଣ ବିଷୟରେ ଆଲୋଚନା ହୋଇଥିଲା।

*ଭାରତୀୟ ସମ୍ବାଦ ସେବା (ଭାସ୍)*
*ଭୁବନେଶ୍ୱର-୭୫୧୦୦୩*

# ବିଦେଶୀ ଧନର ପ୍ରଭାବରୁ ଭାରତର ସମାଜକୁ ରକ୍ଷା କରିବାକୁ ବଡ ପଦକ୍ଷେପ



ଡ. ସମନ୍ୱୟ ନନ୍ଦ

ଦେଶରେ ବହୁଳ ମାତ୍ରାରେ ଏନଜିଓ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରିଥାନ୍ତି। ସେମାନେ ଦେଶର ବିଭିନ୍ନ ସମସ୍ୟାକୁ ନେଇ କାମ କରୁଥିବା ବୋଲି ଦାବି କରୁଥିବା ବେଳେ ଏମାନଙ୍କ ମଧ୍ୟରୁ ଅନେକ ବାସ୍ତବରେ ତାଙ୍କର ଘୋଷିତ ଉଦ୍ଦେଶ୍ୟର ବିଲକୁଲ ଓଲଟା କାମ କରୁଥିବା ଦେଖିବାକୁ ମିଳିଥାଏ। ଏମାନଙ୍କ ମଧ୍ୟରୁ ଏନେକ ଏନଜିଏଓ ଫରେନ କଂଟ୍ରିବ୍ୟୁସନ ରେଗୁଲେସନ ଆକ୍ଟ (ଏଫସିଆରଏ) -ଅନୁଯାୟୀ ପଂଜୀକୃତ ହୋଇଥାନ୍ତି ଓ ସେମାନଙ୍କର କାମ ପାଇଁ ବିଭିନ୍ନ ଦେଶରୁ ବିପୁଳ ମାତ୍ରାରେ ବିଦେଶୀ ଧନ ଆଣିଥାନ୍ତି। ବିଦେଶରୁ ଆଣୁ ଥିବା ଏହି ଅର୍ଥରେ ସେମାନେ ସମାଜକୁ ଭାଗ ଭାଗ କରିବା, ଦେଶର ବିକାଶମୂଳକ କାର୍ଯ୍ୟରେ ଅବରୋଧ ସୃଷ୍ଟି କରିବା, ଦେଶର ଲୋକ ମାନଙ୍କୁ ପ୍ରଲୋଭନ ଓ ଅନ୍ୟ ବେଆଇନ ଉପାୟରେ କନଭର୍ଟ କରିବା ଆଦି କାର୍ଯ୍ୟ କରୁଥିବାର ଅନେକ ପ୍ରମାଣ ରହିଛି। ତେବେ ଭାରତ ସରକାର ଗତ ନଭେମ୍ବର ମାସ ୮ ତାରିଖ ଦିନ ଏଫସିଆରଏକୁ ନେଇ ଏକ ନୋଟିସ ଜାରୀ କରିଛନ୍ତି। ଏଫସିଆରଏ ଜରିଆରେ ଅର୍ଥ ବିଦେଶରୁ ଆଣୁଥିବା ଏହି ଏନଜିଓ ମାନେ ଯଦି କୌଣସି ପ୍ରକାର ଉପରୋକ୍ତ ବେଆଇନ କାର୍ଯ୍ୟ କରନ୍ତି ତେବେ ସେମାନଙ୍କର ଏଫସିଆରଏ ଲାଇସେନ୍ସକୁ ରଦ୍ଦ କରାଯିବ ବୋଲି ଏହି ନୋଟିସରେ ସ୍ପଷ୍ଟ ଭାବେ ଉଲ୍ଲେଖ ରହିଛି। ଏହି ଲେଖାରେ ଏଫସିଆରଏର ନୂଆ ନିର୍ଦ୍ଦେଶନାମାରେ କଣ ଉଲ୍ଲେଖ ରହିଛି ସେ ବିଷୟରେ ଆଲୋଚନା କରିବା।

ଯଦି ଦେଖିବାକୁ ଯିବା ମୋଦୀ ସରକାର ଆସିବା ପର ଠାରୁ ହିଁ ଏହି ଏଫସିଆରଏ ଆଇନର ଉଲ୍ଲଂଘନ କରୁଥିବା ଏନଜିଓ ଓ ଅନ୍ୟ ସଂସ୍ଥା ମାନଙ୍କ ବିରୁଦ୍ଧରେ କଡା କାର୍ଯ୍ୟାନୁଷ୍ଠାନ କରି ଆସୁଛି। ଚଳିତ ନିର୍ଦ୍ଦେଶନାମାରୁ ସ୍ପଷ୍ଟ ହେଉଛି ଯେ ବିଦେଶରୁ ଧନ ପ୍ରାପ୍ତ କରୁଥିବା ଏନଜିଓ ମାନଙ୍କ ଉପରେ ଯାଞ୍ଚ ପ୍ରକ୍ରିୟାକୁ ଆହୁରି କଡା କଡି କରାଯିବ। ବିଦେଶରୁ ଧନ ଆଣି ସାମାଜିକ ଓ ବିକାଶମୂଳକ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଏନଜିଓ ମାନଙ୍କର କାର୍ଯ୍ୟ ଶୈଳୀ ଉପରେ ସରକାର କଡା ନଜର ରଖିବାର ବ୍ୟବସ୍ଥା କରୁଛନ୍ତି।

ଅନେକ ସମୟରେ ଦେଖା ଯାଉଛି ଯେ ଯେତେବେଳେ ସରକାର କୌଣସି ବିକାଶ ମୂଳକ କାର୍ଯ୍ୟ ଆରମ୍ଭ କରିବାକୁ ଯାଆନ୍ତି ସେତେବେଳେ ହଠାତ ଉକ୍ତ ଅଞ୍ଚଳରେ ସେହି ବିକାଶ କାର୍ଯ୍ୟକୁ କରାଇ ନ ଦେବାକୁ ଆନ୍ଦୋଳନ ହୁଏ। ଭିତିଭୂମି ହେଉ, ସ୍ୱାସ୍ଥ୍ୟ ସେବା ହେଉ ବା ଅନ୍ୟ କୌଣସି ବିକାଶମୂଳକ କାର୍ଯ୍ୟ ହେଉ, ଏ ସବୁକୁ ରୋକିବାକୁ ଆନ୍ଦୋଳନ କରାଯାଇଥାଏ। ଆନ୍ଦୋଳନରେ ସାଧାରଣ ଲୋକ ମାନେ ତ ସାମିଲ ଥାଆନ୍ତି ହେଲେ ଏହା ପଛରେ କିଏ ଥାଏ? ଏହି ଆନ୍ଦୋଳନକୁ ପଛରୁ ଥାଇ କିଏ ପରିଚାଳନା କରୁ ଥାଏ? ଆନ୍ଦୋଳନର ଖର୍ଚ୍ଚ କିଏ ବହନ କରିଥାଏ? ଅନେକ ସମୟରେ ପ୍ରମାଣ ମିଳିଛି ଯେ ବିଦେଶରୁ ଧନ ପ୍ରାପ୍ତ କରୁଥିବା ସଂସ୍ଥା ଓ ଏନଜିଓ ମାନେ ଲୋକ ମାନଙ୍କୁ ମତାଇ ବିକାଶ ମୂଳକ କାର୍ଯ୍ୟ ନ କରାଇ ଦେବାକୁ ଆନ୍ଦୋଳନର ପଛରେ ଥାଆନ୍ତି। ଆନ୍ଦୋଳନର ଖର୍ଚ୍ଚକୁ ସେମାନେ ବହନ କରିଥାନ୍ତି। ସମାଜରେ କାମ କରିବାର ଉଦ୍ଦେଶ୍ୟ ଦେଖାଇ ସେମାନେ ବିଦେଶରୁ ଅର୍ଥ ଆଣନ୍ତି ହେଲେ ଏହାର ବ୍ୟବହାର ଭାରତର ବିକାଶକୁ ରୋକିବାକୁ କରିଥାନ୍ତି। ତେଣୁ ଏଫସିଆରଏର ନୂଆ ନିର୍ଦ୍ଦେଶନାମାରେ ସ୍ପଷ୍ଟ ଭାବେ ଉଲ୍ଲେଖ କରାଯାଇଛି ଯେ ଭାରତର ବିକାଶକୁ ଅବରୋଧ କରିବାକୁ ଚେଷ୍ଟା କରୁଥିବା ସଂସ୍ଥା ଓ ଏନଜିଓ ମାନଙ୍କର ଏଫସିଆରଏ ଲାଇସେନ୍ସ ରଦ୍ଦ କରାଯିବ।

ଦ୍ୱିତୀୟ ବିଷୟଟି ହେଲା ବେଆଇନ ଭାବେ ହିନ୍ଦୁ ମାନଙ୍କୁ କନଭର୍ଟ କରିବା। ଏଭଳି ଅନେକ ଏନଜିଓ ଅଛନ୍ତି ଯେଉଁମାନେ ବିଦେଶରୁ ଅର୍ଥ ସେବା କରିବା ନାମରେ ଆଣନ୍ତି ହେଲେ ତାର ବ୍ୟବହାର ଭାରତର ହିନ୍ଦୁ ମାନଙ୍କୁ କନଭର୍ଟ କରିବାରେ ଖର୍ଚ୍ଚ କରିଥାନ୍ତି। କନଭର୍ଟ କରିବା ସହ ସେମାନେ ବିଭିନ୍ନ ସ୍ତର ଦେଇ କାମ କରିଥାନ୍ତି। ସେମାନେ ସମାଜରେ ବିଭିନ୍ନ ଜାତି ଜାତି ମଧ୍ୟରେ ବିଷମତାକୁ ବଢାଇବାକୁ ଚେଷ୍ଟା କରିଥାନ୍ତି। ସମାଜର ବିଭିନ୍ନ ବର୍ଗ ମଧ୍ୟରେ ବିଦ୍ୱେଷ ଉତ୍ପନ୍ନ କରାଇଥାନ୍ତି। ସେମାନେ କେବଳ ଦେଶର ଲୋକ ମାନଙ୍କୁ କନଭର୍ଟ ହି କରି ନ ଥାନ୍ତି ବରଂ ସମାଜରେ ବିଦ୍ୱେଷର ମଞ୍ଜି ମଧ୍ୟ ବୁଣିଥାନ୍ତି। ଏବେ ଏଭଳି ସଂସ୍ଥା ଓ ଏନଜିଓ ମାନଙ୍କୁ ଆଉ ଛଡା ଯିବନାହିଁ। ଏଫସିଆରଏର ନୂଆ ନିର୍ଦ୍ଦେଶନାମାରେ ଏହାର ମଧ୍ୟ ଉଲ୍ଲେଖ କରାଯାଇଛି। ବିଦେଶରୁ ଧନ ଆଣି ଭାରତର ଲୋକ ମାନଙ୍କୁ କନଭର୍ଟ କରିବାର ପ୍ରକ୍ରିୟା ଉପରେ ରୋକ ଲଗାଯିବା ନିତାନ୍ତ ଆବଶ୍ୟକ ବୋଲି ସରକାର ଅନୁଭବ କରିଛନ୍ତି। ତେଣୁ କୌଣସି ସଂସ୍ଥା ବା ଏନଜିଓ ଯଦି ବିଦେଶରୁ ଧନ ଆଣି ଭାରତୀୟ ମାନଙ୍କୁ କନଭର୍ଟ କରିବାର କାମ କରୁଥିବା କୌଣସି ଫିଲ୍ଡ ଏଜେନ୍ସି ରିପୋର୍ଟ ଦିଏ ତେବେ ଉକ୍ତ ସଂସ୍ଥା ବା ଏନଜିଓର ଏଫସିଆରଏ ଲାଇସେନ୍ସକୁ ରଦ୍ଦ କରାଯିବ ବୋଲି ନୂଆ ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି।

ଏହି ନିର୍ଦ୍ଦେଶନାମାରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ବିନ୍ଦୁ ମଧ୍ୟ ରହିଛି। ଅନେକ ସମୟରେ ଦେଖା ଯାଇଛି ଯେ ଏଫସିଆରଏ ଜରିଆରେ ବିଦେଶରୁ ଧନ ପ୍ରାପ୍ତ କରୁଥିବା ବିଭିନ୍ନ ସଂସ୍ଥା ଓ ଏନଜିଓ ଓ ଏଗୁଡିକର ପ୍ରମୁଖ ପଦାଧିକାରୀ ବିଭିନ୍ନ ଆତଙ୍କବାଦୀ ସଂଗଠନ, କିମ୍ବା ହିଂସା କରୁଥିବା ସଂଗଠନ ମାନଙ୍କ ସହ ସମ୍ପର୍କ ରହିଥାଏ। ଏବେ ଏଭଳି ମାମଲା ଗୁଡିକ ମଧ୍ୟ ଜାଂଚ ହେବ। ଉଦାହରଣ ସ୍ୱରୂପ ଯଦି ଉତର ପୂର୍ବ ଭାରତରେ ବିଦେଶରୁ ଅନୁଦାନ ଆଣି କାର୍ଯ୍ୟ କରୁଥିବା କୌଣସି ସଂସ୍ଥା ସେଠାରେ କୌଣସି ଆତଙ୍କବାଦୀ କିମ୍ବା ହିଂସା କରୁଥିବା ସଂଗଠନ ସହ ସମ୍ପର୍କ ରଖିଥାଏ ଓ ଯଦି ତାହା ଜାତୀୟ ସୁରକ୍ଷା ପାଇଁ ବିପଦ ଥିବ ତେବେ ଏହାକୁ ମଧ୍ୟ ଏଫସିଆରଏର ଉଲ୍ଲଂଘନ ବୋଲି ଧରା ଯିବ। ଏଭଳି କ୍ଷେତ୍ରରେ ମଧ୍ୟ ଏଫସିଆରଏ ଲାଇସେନ୍ସକୁ ରଦ୍ଦ କରି ଦିଆଯିବ। ନୂଆ ନିର୍ଦ୍ଦେଶନାମାରେ ବିଚ୍ଛିନ୍ନତାବାଦୀ ଶକ୍ତି, ଦେଶ ବିରୋଧୀ ଶକ୍ତି ମାନଙ୍କ ସହ ସମ୍ପର୍କ ରଖିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ବ୍ୟବସ୍ଥା ରହିଛି। ଦେଶର ସୁରକ୍ଷା ଦୃଷ୍ଟିରୁ ଏହି ବ୍ୟବସ୍ଥା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

ନୂଆ ନିର୍ଦ୍ଦେଶନାମାରେ ଆଉ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିନ୍ଦୁ ରହିଛି। ଅନେକ ସମୟରେ ଦେଖା ଯାଏ ଯେଉଁ ଉଦ୍ଦେଶ୍ୟ ରଖି ଏନଜିଓ ସଂସ୍ଥା ମାନେ ବିଦେଶରୁ ଅନୁଦାନ ଆଣିଥାନ୍ତି ସେହି ଉଦ୍ଦେଶ୍ୟରେ ଉକ୍ତ ଅର୍ଥକୁ ଖର୍ଚ୍ଚ କରିବା ବଦଳରେ ଅନ୍ୟବାଟରେ ଖର୍ଚ୍ଚ କରିଥାନ୍ତି। ନୂତନ ନିର୍ଦ୍ଦେଶନାମା ଅନୁସାରେ ଯଦି କେହି ଏନଜିଓ ଏଭଳି କାର୍ଯ୍ୟ କରେ ତେବେ ତାଙ୍କ ବିରୁଦ୍ଧରେ ଦଣ୍ଡବିଧାନର ବ୍ୟବସ୍ଥା ରହିଛି। କେବଳ ସେତିକି ନୁହେଁ ସେମାନଙ୍କର ଏଫସିଆରଏ ଲାଇସେନ୍ସ ମଧ୍ୟ ରଦ୍ଦ କରାଯାଇ ପାରେ। ଯଦି କୌଣସି ଏନଜିଓ ସଂସ୍ଥା ଅନୁଦାନକୁ ଅନ୍ୟ ବାଟରେ ଖର୍ଚ୍ଚ କରୁଛି କିମ୍ବା ଅନ୍ୟ ପ୍ରକାର କାର୍ଯ୍ୟକଳାପ କରୁଛି ତେବେ ଉକ୍ତ ସଂସ୍ଥା ଜାଂଚର ପରିସର ମଧ୍ୟକୁ ଆସିବ। ଏହା ଦ୍ୱାରା ବିଦେଶୀ ଅର୍ଥରେ ପରିଚାଳିତ ସଂସ୍ଥା ମାନଙ୍କର ଉତରଦାୟିତ୍ୱ ମଧ୍ୟ ସ୍ଥିର ହେବ ବୋଲି ଆଶା କରାଯାଉଛି।

ଗତ କିଛି ବର୍ଷ ମଧ୍ୟରେ ଦେଶରେ ଅନେକ ଭିତିଭୂମି ସମ୍ପର୍କିତ ଓ ଅନ୍ୟାନ୍ୟ ଉନ୍ନୟନମୂଳକ ପ୍ରକଳ୍ପ ବିରୁଦ୍ଧରେ ଅନେକ ସ୍ଥାନରେ ଆନ୍ଦୋଳନ ହେଉଥିବା ଦେଖିବାକୁ ମିଳୁଛି। ଏହି ଆନ୍ଦୋଳନ ସ୍ୱତଃସ୍ଫୂର୍ତ୍ତ ଭାବେ ନୁହେଁ ବରଂ ବିଦେଶୀ ଅର୍ଥରେ ପରିଚାଳିତ ଏନଜିଓ ମାନେ କରାଉଥିବାର ସ୍ପଷ୍ଟ ପ୍ରମାଣ ଦେଖିବାକୁ ମିଳୁଛି। ବିଦେଶୀ ଅର୍ଥରେ ପରିଚାଳିତ ଏନଜିଓ ଗୁଡିକ ଭିତିଭୂମି ପ୍ରକଳ୍ପ ଗୁଡିକ ବିରୁଦ୍ଧରେ ଜନ ଆନ୍ଦୋଳନ ଠିଆ କରାଇ ବାସ୍ତବରେ ଭାରତ ବିରୋଧୀ ଶକ୍ତି ମାନଙ୍କ ପାଇଁ ପରୋକ୍ଷରେ କାର୍ଯ୍ୟ କରିଥାନ୍ତି। ଯେଉଁ ବିଦେଶୀ ଶକ୍ତି ମାନେ ଭାରତ ଆଗକୁ ବଢୁ ବୋଲି ଚାହନ୍ତି ନାହିଁ ସେମାନଙ୍କର ଉଦ୍ଦେଶ୍ୟକୁ ଏହି ଏନଜିଓ ମାନେ ଚରିତାର୍ଥ କରିବାକୁ ଚେଷ୍ଟା କରିଥାନ୍ତି। ଏହି କାରଣରୁ ଦେଶର ବିଦ୍ୟୁତ ଶକ୍ତି ଓ ଅନ୍ୟାନ୍ୟ ଭିତିଭୂମି ପ୍ରକଳ୍ପ ଦୀର୍ଘ ଦିନ ଧରି ବିଳମ୍ବିତ ହେଉଛି। ଭାରତର ଜନସାଧାରଣଙ୍କୁ ଏହାର ମୂଲ୍ୟ ଦେବାକୁ ପଡୁଛି। ସେହିପରି ବିଦେଶୀ ଅର୍ଥରେ ଭାରତର ସମାଜକୁ ବିଭାଜିତ କରି ସେମାନଙ୍କୁ କନଭର୍ଟ କରିବାକୁ ଯେଉଁ ପ୍ରୟାସ ଲଗାତାର ଚାଲିଛି ତାହା ମଧ୍ୟ ଅତ୍ୟନ୍ତ ଉଦ୍‌ବେଗଜନକ। ତେଣୁ ଏଫସିଆରଏର ନୂଆ ନିର୍ଦ୍ଦେଶନାମାରେ ଦେଶ ସମ୍ମୁଖରେ ଥିବା ଏହି ଜ୍ୱଳନ୍ତ ପ୍ରସଙ୍ଗ ଗୁଡିକର ସମାଧାନ ପାଇଁ ପ୍ରୟାସ କରାଯାଇଛି ଯାହାକୁ ସ୍ୱାଗତ କରାଯିବା ଉଚିତ। କିଛି ଲୋକ ଏହା ଦ୍ୱାରା କ୍ଷତି ହେବ ବୋଲି ବିନା କାରଣରେ ଆଶଙ୍କା ପ୍ରକାଶ କରୁଛନ୍ତି। କାରଣ ଯେଉଁ ସଂସ୍ଥା କୌଣସି ବେଆଇନ କାମ ନ କରି ସଠିକ କାର୍ଯ୍ୟ କରିବ ତା ଉପରେ କାର୍ଯ୍ୟାନୁଷ୍ଠାନ କରାଯିବାର ପ୍ରଶ୍ନ ଉଠୁ ନାହିଁ। ତେଣୁ ମୋଟ ଉପରେ କହିବାକୁ ଗଲେ ବିଦେଶୀ ଅର୍ଥରେ ଭାରତରେ ହସ୍ତକ୍ଷେପ କରାଯିବାର ପ୍ରୟାସକୁ କୌଣସି ପ୍ରକାରରେ ଆଉ ବରଦାସ୍ତ କରାଯିବ ନାହିଁ ବୋଲି ମୋଦୀ ସରକାର ଏହା ମାଧ୍ୟମରେ ସ୍ପଷ୍ଟ ସଂକେତ ଦେଇଛନ୍ତି।

*ଦୂରଭାଷ : ୯୪୩୮୪୧୩୭୦୪*

ଏକମାତ୍ର

ଉଚ୍ଛ୍ୱାସ

ଭୁବନେଶ୍ୱର, ୨ - ୮ ଡିସେମ୍ବର, ୨୦୨୪


ଧାରାବାହିକ ଉପନ୍ୟାସ

# ମୌନ ଯୋଗୀ

ପୁଷ୍ପାରାଣୀ ପଟେଲ



ଭାଗ-୪୨

*ପୂର୍ବାଭାଷ ସହ କିଛି ପାଦ ଆଗକୁ -*

*ଜୀବନରେ କେତେ ସମ୍ପର୍କ ଆସନ୍ତି, କେତେ ପୁଣି ଅବେଳରେ ହଜି ବି ଯାଆନ୍ତି ଓ ଆଉ କିଛି ସମ୍ପର୍କ ଆମେ ଜାଣିଶୁଣି ହଜାଇ ଦେବାକୁ ବାଧ୍ୟ ହେଉ। କିଛି ଆସନ୍ତି କେବଳ ସ୍ୱାର୍ଥ ସିଦ୍ଧି ପାଇଁ। କିଛି ପୁଣି ଆସନ୍ତି ନିଃସର୍ତ୍ତରେ ଭଲ ପାଇବା ଅଜାଡି ଦେଇ ଲୁଚି ଯିବା ପାଇଁ। ସମ୍ପର୍କର ଏଇ ଚକ୍ରବ୍ୟୁହରୁ, ବାହାରିଲି ... ବାହାରିଲି .... ଭାବି ବିତୁଥାଏ ମଣିଷର ଜୀବନ ...। ସରୁଥାଏ ଆୟୁଷ। ଫିଟୁଥାଏ ନିଜର କୋଣ ଅନୁକୋଣରେ ଲୁଚିଥିବା ସୂକ୍ଷ୍ମ ଭାବନା ସବୁ ନିଜରି ପାଖରୁ। ସରେନି, କେବେ ଦୁଃଖରେ ଭାଙ୍ଗି ପଡିବା ତ ପୁଣି କେବେ ପ୍ରାପ୍ତିର ପୁଲକରେ ବିଭୋର ହେବା।*

*କେବେକେବେ ଆମ ଭାବନାରେ ବ୍ରେକ୍ କଷି ଆମକୁ ଚମ୍‌କାଇ ଦେଇ ପଶିଆସେ ମହାମାରୀ। ମହାମାରୀ ଆସେ ନାହିଁ ତ ଝାଡି ଦେଇ ଯାଏ ଆମ ମନ ଭିତରେ ଜମି ରହିଥିବା ପରସ୍ତ ପରସ୍ତ ଅଳନ୍ଧୁ। ମୁଖା ଖୋଲିଯାଏ ନିଜରି ମୁହଁରୁ, ଦର୍ପଣ ସାମ୍ନାରେ ଠିଆ ହେଉ ହେଉ, ବିଭତ୍ସ ଦିଶେ ନିଜରି ମୁହଁ। ବିକାର ଭାବ ଗ୍ରାସେ। ମନ କୁହେଁ, 'ଓଃ ... ଏଇ ନା ମୁଁ! ଏତେ ସ୍ୱାର୍ଥପର! ଦୁନିଆଁକୁ ଆଜି ଯାଏଁ ଦେଖାଉଥିଲି ମୁଁ ବଞ୍ଚେ ଅନ୍ୟମାନଙ୍କ ପାଇଁ, ତେବେ ସତରେ ମୁଁ କ'ଣ ବଞ୍ଚେ ଅନ୍ୟମାନଙ୍କ ପାଇଁ? ନା ତ! ବରଂ ମୁଁ ବଞ୍ଚେ ମୋ' ପାଇଁ, କେବଳ ମୋ' ପାଇଁ। ହଁ, ଆତ୍ମୀୟ ସ୍ୱଜନ ମୋ'ର ସ୍ୱାର୍ଥ ପୂରଣ ଅଭିଳାଷାରେ ସହାୟକ ହେଉଥିବା ଯାଏଁ ଆପଣାର ପରି ମନେ ହୁଅନ୍ତି ମୋତେ, ତେବେ ଦୁଃଖ ଓ ବିପତ୍ତି ଆସିଲେ ପ୍ରଥମେ ମୁଁ ମୋ' ନିଜକୁ ରଖେ। ନିଜ କଥା ଭାବେ'*

*ଏକଥା ବି ସତ, ନିଜକୁ ଭଲ ନପାଇଲେ ନିଜେ, କେଉଁ ଭଲ ପାଇ ହୁଏ ଅନ୍ୟକୁ? ଏସବୁ ଖୁବ୍ ସୂକ୍ଷ୍ମ ଅନ୍ତର୍ଚେତନାର କଥା। ବୁଝିବା ପାଇଁ ବେଶ୍ ନିରୋଳା ସମୟ ଲୋଡା। ଏ ବ୍ୟସ୍ତବହୁଳ ପ୍ରତିଦ୍ୱନ୍ଦ୍ୱିତା ଭରା ଜୀବନ ଦୌଡରେ କେଉଁ ମିଳିପାରେ ସେଭଳି ସମୟ! ତେଣୁ ହୁଏତ ଈଶ୍ୱର ରଚନ୍ତି ମହାମାରୀ। କେବେ ଦିନେ ହଇଜା, ପୁଣି କେବେ ଦିନେ କରୋନା : କୋଭିଡ୍ ନାଇନ୍‌ଟିନ୍।*

*ସତରେ ଏ ମହାମାରୀ କ'ଣ ଲେଖକଟିକୁ ନିଜ ଭିତରର ନିଜଟି ସହିତ କରେ କି ଆତ୍ମା ସାମ୍ନା? କିଛି ବ୍ୟତିକ୍ରମ ମଧ୍ୟ ଥାଏ କି ଲେଖକଟିର ଓ ସାଧାରଣ ମଣିଷଟିର ମହାମାରୀକୁ ଭୋଗିବାର ବାଟ? କ'ଣ କ'ଣ ସତରେ ଛାଡିଯାଏ ମହାମାରୀ ତା'ର ଆସିବା ଓ ଫେରିଯିବା ଭିତରେ!!*

*(ପୂର୍ବପ୍ରକାଶ ଉତ୍ତାରୁ)*

'ଆଜି ପରା ଆମ ବିଶ୍ୱକୁ ଆମ ପ୍ୟାଣ୍ଟ ପକେଟ୍‌ରେ ରଖୁ ଓ ବୁଲି ଆସୁ ଘେରାଏ। ଆମର ଏ ପାରିଲା ପଣକୁ ନେଇ ଆମର ଗର୍ବ ବି ତ କେତେ! ସେଇ ଯୁଗର ଶିକ୍ଷିତା ନାରୀଟିଏ ହେଇ ନିଜକୁ ଏଭଳି ଦୁର୍ବଳମନା କଲେ ଚଳିବ ନା?

ମୁଁ ଦୃଢ଼ କଲି ନିଜକୁ। ମୋ' ଫୋନ୍ ବାହାର କଲି। ସର୍ଚ୍ଚ ମାରିଲି ଗୁଗୁଲ୍‌ରେ।

'କରୋନା ଭାଇରସ୍ - କୋଭିଡ୍ ୧୯"!

'ଓଃ ... ମୋବାଇଲ ସ୍କ୍ରିନ୍‌ରେ ଖେଳିଗଲା କାହିଁ କେତେ କଥା। ସେଇ କରୋନା ଭୂତାଣୁକୁ ନେଇ କିଛି ଶୁଣା ଓ କିଛି ଅଶୁଣା ଜିନିଷ। ଶଙ୍କିଗଲି ମୁଁ, 'ଓଃ ... ଇଏ କ'ଣ ଏତେ ଭୟଙ୍କର!'

ଗୋଟିଏ ଭୂତାଣୁ କଣ ଏଭଳି ବ୍ୟାପି ଯାଇପାରେ ଗୋଟିଏ ଦେଶରୁ ଆଉ ଗୋଟିଏ ଦେଶ। ସାରା ବିଶ୍ୱକୁ ନିଜ କବ୍‌ଜାରେ ନେଇ ରଚିପାରେ ମୃତ୍ୟୁର ତାଣ୍ଡବଲୀଳା।

ଇଏ କଣ ପୁରାଣର ସେଇ ରକ୍ତବୀର୍ଯ୍ୟ ଅସୁର?? - ସେ ଯେଉଁଳି ଖୋଜି ବୁଲୁଥିଲା ଗୋଟିଏ ଦୁର୍ବଳ ମୁହୂର୍ତ୍ତ, ଯେମିତି ତା ଦେହରେ ଗୋଟିଏ ବିନ୍ଦୁ ରକ୍ତ ଛୁଇଁବ ଭୂଇଁକୁ ଏବଂ ସୃଷ୍ଟି ହେଇଯିବେ ଅସଂଖ୍ୟ ରକ୍ତବୀର୍ଯ୍ୟ ଦାନବ ଠିକ୍ ତା ପରି ....। ସେଭଳି ଏଇ ଭୂତାଣୁ କି!

ହଁ, ଏ ଭୂତାଣୁର ଯେ ଅବିକଳ ସାମଞ୍ଜସ୍ୟ ତା' ସାଥିରେ। ସେ ପ୍ରସରି ଯାଉଥିଲା ରକ୍ତିବିନ୍ଦୁ ଭୂଇଁରେ ପଡି ସୃଷ୍ଟି ହେଉଥିଲା ଅସଂଖ୍ୟ ଅସୁର ଠିକ୍ ତାରି ଭଳି। ଏବେ ଛିଙ୍କ, କାଶରୁ ଛିଟିକି ପଡି ଭୂଇଁକୁ ଛୁଉଁଥିବା ଛେପର କ୍ଷୁଦ୍ର କଣିକାରେ ଲକ୍ଷ ଲକ୍ଷ କରେନା ଭାଇରସ୍। ସେ ପୁରାଣ ପରି ହିଁ, ଇଏ ବି ତ ଖୋଜି ବୁଲୁଛି ଗୋଟିଏ ମାତ୍ର ଦୁର୍ବଳ ମଣିଷର ଶରୀର। ଯାହାକୁ ପାଇଲେ, ତା'ରି ଶରୀର ଦେଇ ସେ ପ୍ରସରି ଯାଇପାରିବ ଆହୁରି ହଜାର ହଜାର ମଣିଷଙ୍କ ଶରୀରକୁ। ନିଜକୁ ଲୁଚାଇନେବ ସେମାନଙ୍କର ଫୁସ୍‌ଫୁସ୍ ତଳେ। ଟିକିଏ ଅସତର୍କ ମୁହୂର୍ତ୍ତ ପାଇଲେ ପୁଣି ସେମାନଙ୍କ ଦେହରୁ ବ୍ୟାପିଯିବ, ସେମାନଙ୍କ ପାଖରେ ଥିବା ତାଙ୍କ ଅନ୍ୟ ପ୍ରିୟଜନ ମାନଙ୍କ ପାଖକୁ। କେତେବେଳେ ନାକ ଦେଇ, ଆଖି ଦେଇ ତ ପୁଣି କେତେବେଳେ ହାତ ଦେଇ।

ଆହା ...! ଇଏ କ'ଣ! ଇତିହାସ କଣ ଏମିତି ବାରମ୍ବାର ଦେହରାଏ କି ନିଜକୁ? କାହିଁକି ଯେ? "ସେ କଣ ମଣିଷକୁ ସମୟ ଦିଏ କି ନିଜକୁ ସୁଧାରିବା ପାଇଁ! ନିଜକୁ ବଦଳି ନେବା ପାଇଁ। ସେ ଚାହେଁ କି ଯେ ମଣିଷ ବୁଝିପାରୁ ଯେ - ସର୍ବ ଶକ୍ତିମାନ ହେଲେ କେବଳ ସେଇ ଈଶ୍ୱର। ସେ ସୃଷ୍ଟି କରିଛନ୍ତି ଏଇ ମଣିଷ ଓ ତା' ସହିତ ଅନ୍ୟାନ୍ୟ ଜୀବ। ଗଛପତ୍ର। ନଇ ନାଳ। ଝରଣା ପର୍ବ। ଗଢ଼ିଛନ୍ତି ଏ ପ୍ରକୃତିକୁ ସୁନ୍ଦର ଓ ଅନନ୍ୟ କରି।



ତେବେ ଏଇ ତୁଚ୍ଛ ମଣିଷ ଭାବିବ ସେ ନିଜକୁ ସର୍ବ ଶକ୍ତିମାନ। ଅବିଶ୍ୱାସ କରେ ସେଇ ସର୍ବମୟ କର୍ତ୍ତାଙ୍କୁ। ନିଜର ସ୍ୱାର୍ଥ ପାଇଁ ଅନ୍ୟ ଜୀବଙ୍କୁ ବାସହରା କରିଦେବା ପାଇଁ ଟିକିଏ ବି ପଛଘୁଞ୍ଚା ଦିଏନି। ସ୍ୱାର୍ଥାନ୍ଧ ମଣିଷ ବିଗାଡିଦିଏ ପ୍ରକୃତିର ସନ୍ତୁଳନ।

ସେତିକି ବେଳେ ... ଠିକ୍ ସେତିକିବେଳେ ଏଭଳି ମହାମାରୀ ହିଁ ଚେତେଇ ଦେଇପାରେ ତା'କୁ ଯେ ସେ କେତେ ଅସହାୟ ଓ ସାଧାରଣ ଜୀବଟିଏ, ଈଶ୍ୱରଙ୍କ ଏଇ ବିଶାଳ ସୃଷ୍ଟିର!

'ଆଃ ... ଏଇ ଆମ ମଣିଷ ଜାତି ... କେତେ ଯେ ଆମେ ମୂର୍ଖ ସତରେ!' ଏହାପରେ ବି କ'ଣ ଆମେ ନିଜକୁ ସଜାଡି ନେଇପାରୁ! ଉତ୍ତର ତ ମୋ'ତେ ବି ଜଣାଅଛି। ଉତ୍ତର କେବଳ 'ନା'! ସେଇଥିପାଇଁ ସିନା ବାରମ୍ବାର ଏଭଳି ଦୁଃସ୍ଥିତିକୁ ସାମ୍ନା କରିବାକୁ ପଡେ ତାକୁ।

ଭୟରେ ଥରି ଉଠିଲେ ମୁଁ। ନିଜକୁ ନିଜେ କହିଲି - ଯେତେ ଶୀଘ୍ର ବୁଝିଯିବା ଆମେ ସମସ୍ତେ ଏକଥା, ସେତିକି ହିଁ ଭଲ ହେବ ଆମ ସମସ୍ତଙ୍କ ପାଇଁ।

ପୁଣି ନିଜକୁ ଆଶ୍ୱାସନା ଦେଲି - ଗତକାଲିର ଦିନ ମାନଙ୍କରେ ସିନା ମୋ' ଓଡ଼ିଶା ଓ ଆମେ ଓଡ଼ିଶାବାସୀ ଖୁବ୍ ପାରଙ୍ଗମ ନଥିଲୁ ବୈଜ୍ଞାନିକ ଜ୍ଞାନ କୌଶଳରେ। ତେଣୁ ତାଟି କବାଟି ପଡୁଥିଲା ଯେବେ ଯେବେ ମହାମାରୀ ଆସୁଥିଲା। ମୃତ୍ୟୁ ବି କୋଳେଇ ନେଉଥିଲା ହଜାର ହଜାର ମଣିଷ ମାନଙ୍କୁ। ତେବେ ଆଜି ତ ପରିସ୍ଥିତି ଅଲଗା।

ପୁଣି ନିଜକୁ ଆଶ୍ୱାସନା ଦେଲି - ଗତକାଲିର ଦିନ ମାନଙ୍କରେ ସିନା ମୋ' ଓଡ଼ିଶା ଓ ଆମେ ଓଡ଼ିଶାବାସୀ ଖୁବ୍ ପାରଙ୍ଗମ ନଥିଲୁ ବୈଜ୍ଞାନିକ ଜ୍ଞାନ କୌଶଳରେ! ତେଣୁ ତାଟି କବାଟ ପଡୁଥିଲା ଯେବେ ଯେବେ ମହାମାରୀ ଆସୁଥିଲା। ମୃତ୍ୟୁ ବି କୋଳେଇ ନେଉଥିଲା ହଜାର ହଜାର ମଣିଷ ମାନଙ୍କୁ। ତେବେ ଆଜି ତ ପରିସ୍ଥିତି ଅଲଗା।

ଆଜି ତ ଜନ୍ମହେଲା ଛୋଟ ଛୁଆ ଠୁ ନେଇ ବୟସ୍କ ଯାଏଁ ସମସ୍ତେ ସେଇ ଛୋଟ ମୋବାଇଲ୍ ଫୋନ୍ ଭିତରେ ଯୋଡି ହେଇ ସାରିଛନ୍ତି ସାରାଟା ବିଶ୍ୱ ସହିତ। ନଥାଉ ପଛେ ସେମାନଙ୍କର ପଡିଶା ଘର ସହିତ ସମ୍ପର୍କ କିନ୍ତୁ ସେମାନଙ୍କର ଘନିଷ୍ଠ ସମ୍ପର୍କ ରହିଛି ବି କେଉଁ ଅଜଣା ଦେଶର ଅଶୁଣା ସହରର ମଣିଷଟିଏ ସହିତ!

*(କ୍ରମଶଃ)*

## ତଥାପି ଜଗି ବସିଛ!

ଦୁର୍ଗାଚରଣ ଷଡଙ୍ଗୀ




ହୁଏତ ଆଉ କିଛିଦିନ ପରେ ଦେଖିବ
ଆମେ ବସି ରହିଥିବା
ଦୁହେଁ ନିସଙ୍ଗ ହୋଇ
ନିଜ ନିଜ ଛାଇକୁ ଧରି ଏମିତି,
ଧୂସର ଆଖି ଡୋଳା ଭିତରୁ
ତମେ ଦେଖି ପାରୁଥିବ ମୋ ମୁହଁ
ବାରମ୍ବାର ପାପୁଲି ପୋଛି ଦେଇ ତମ ଆଖିରେ।
କେତେ ଯେ ଅସହଣି ପୀଡା
ସହୁଥିବ ତମେ
ବୟସ୍କ ହାଡ ମାଂସ ଓ ଶିରାରେ ତଥାପି
ମୁଦି ହୋଇ ଆସୁଥିବା ସେଇ ଆଖି ପତାରୁ
ଫୁଟି ଉଠୁଥିବ କେତୋଟି ଛୋଟ ଛୋଟ ଖୁସି
ଜାଣ କାହିଁକି!
ମୁଁ ବଞ୍ଚି ରହିଛି, ନମରି ଏଯାଏଁ ବୋଲି
ତମ ଆଖି ଆଗରେ।
ଏବେ ତମଠୁଁ ଦୁଃଖ ଶୋକ ସବୁ ଉଭେଇ ଗଲେଣି
ପାଣି ହୋଇ ଆଖିରୁ ବୋହି ଗଲେଣି ବି ତଲ୍ଲୀନତା
ତମ ମୁଖର ଓଠରୁ ଆଉ ଶୁଭୁନି ତ ସେଇ
ତାଗିଦାର ଡାକ
ହଇଏ ଅଛଟି, ନା କୁଆଡେ ଗଲ ହେ!
କେଉଁ ଗହନ ସ୍ୱପ୍ନର ସଂସାରରେ
ଶୁଭିଯାଉଛି ଏବେ ବି ତମକୁ
କାଳେ ସେଇ ପରକୀୟାର ନାଚ
ପାଣି କାଚର ରୁଣୁଝୁଣୁ ଅସଂଖ୍ୟ ବେପଥୁର ଶବ୍ଦ
ଯୌବନମତ୍ତ ବୟସ୍କ କବି ପାଇଁ
ତମ ଛାତି ଭିତରେ
ଆଜିଯାଏଁ ସଞ୍ଚିତ ଥିବା ସବୁତକ ଅଭିସମ୍ପାତ।
ଯେତେ ଗଞ୍ଜଣା
ପ୍ରେମ ନଈର ଫଲଗୁ ହୋଇ ଏବେ ବି
ବହି ଚାଲିଛି ତଥାପି
ମୋ ଅସ୍ତିତ୍ୱର ସମୁଦ୍ର ଆଡକୁ।
ତମେ ଚାହିଁଛ ମତେ ଏମିତି କେତେ କାଳ ଧରି
ଗୋଟେ ଭୂକମ୍ପରୁ ବର୍ତ୍ତି ଯାଇଥିବା ପାହାଡ ଯେପରି
ଉଦାସ ଆଖିରେ
ତଥାପି ଏବେବି କାହିଁକି ଏ ପୁଳାପୁଳା ସ୍ୱପ୍ନ
ପ୍ରେମ-ଆଲିଙ୍ଗନର ତୃଷ୍ଣା ତୁମର
ଝରିପଡୁଛି ଆଜି ଦିନରେ
ଏ ଶ୍ଳଥ ଜୀବନର ମରୁଡାଳରେ?
ଆମେ ଏବେ ଅନନ୍ତ ନଭରୁ
ଖସି ପଡିଥିବା ଯୋଡେ ଶୁଖିଲା ତାରା
ମାଟି ମୁହାଁ ଆମର ଅବପାତ
କେତେ ସ୍ୱପ୍ନ ସଂକଳ୍ପର ସମାଧି ଭିତରୁ
ଆମେ ଦି'ଜଣ ପରା
ଏବେ ଦିଗହରା ଦୁଇଟି ଉଲ୍‌କା!!
ତମେ ସେମିତି ହିଁ ଧରିଥାଅ ମୋ ହାତ
ବଜ୍ର କଠିନ କରି
କେହି କାଳେ ଛଡାଇ ନେବ କି ମୋ' ଆୟୁଷ!
କେହି କାଳେ ଝପଟି ଆସି
ଭାଙ୍ଗି ଦେବ କି
ହାତରେ ଥିବା ଦି'ମୁଠା ପାଣି କାଚ୍ ତମର!
କାନି ପାପୁଲିରେ ପୋଛି ଦେବି କି ଆଉ
ତମ କପାଳର ଲାଲ ଲାଲ ବିନ୍ଦି
ଯାହା ଝଟକୁ ଥିଲା ଚକ୍‌ଚକ୍
ଏ ବୟସ୍କ ସୂର୍ଯ୍ୟାସ୍ତର ଲାଲିମାରେ ଦିନେ?
ଲୋଭ କାହିଁକି ଆଉ ପ୍ରିୟତମା!
ଏବେ ହୁଗୁଳା କରିଦିଅ
ମୋ' ଶୁଖିଲା ଶିରାଳ ହାତ
ଅଣଚାଷର ଦକ୍ଷିଣା ପବନରେ
ମୁଁ ଯାଏଁ
ଶୁଭିଯାଉଛି କାହାର ସେ ବଂଶୀସ୍ୱନ
ମତେ ରହି ରହି ଡାକୁଛି
ବେଳ ରତରତ ପରା
ସେଇ ଧୁସର ପାହାଡର ଆର ପାରିରୁ।

*ଭୁବନେଶ୍ୱର*
*ଦୂରଭାଷ : ୯୪୩୮୫୩୫୫୭୭*

## ପ୍ରେମର ପରିଭାଷା

ପ୍ରଭାତି ଜେନା



ମୁଁ ତୋତେ ପ୍ରେମ ଶିଖେଇଲି
ତୁ ପ୍ରତରଣା ପରିଭାଷା ବୁଝେଇଦେଲୁ।
ମୁଁ କହିଲି ସାରା ଆକାଶଟା
ତାରାଫୁଲ ଗହଳୀରେ
ଦେଖ! କେତେ ସୁନ୍ଦର
ତୁ କହିଲୁ ସାରା ଆକାଶଟା
ଅନ୍ଧାର ଭିତରେ ଶେଷତମ ପାହାଚ ଯନ୍ତ୍ରଣାର
ମୁଁ କହିଲି ସମୁଦ୍ର ଲହରୀ ସାଥୀରେ
ଆମ୍ଭ ଖେଳିବା
ସବୁ ଅଳିଆ ଆବର୍ଜନା ଧୋଇଯିବ
ତା'ଭିତରେ
ତୁ କହିଲୁ ସେ ସବୁ ନେଇ ଯିବ
ତମାମ୍ ଜୀବନର ଯେତେ ରଙ୍ଗ
ଆଉ ଉଙ୍କିମାରୁଥିବା ଅଶୁମାରୀ ସ୍ୱପ୍ନକୁ
ମୁଁ କହିଲି ସବୁ ଋତୁ ମୋତେ ଭଲ ଲାଗେ,
ତୁ କହିଲୁ ଗ୍ରୀଷ୍ମର ରୌଦ୍ର ତାପ
ସାରା ପୃଥିବୀକୁ କେମିତି ଇତଃତସ୍ତ
କରେ ତୁ ଜାଣିନୁ କି
ମୁଁ କହିଲି ଗ୍ରୀଷ୍ମ ନ ଥିଲେ
ବର୍ଷାର ଆଗମନ କେମିତି ହେବ ଯେ
ତୁମେ କହିଲ ଏଇ ଭିତରେ ବାରମାସ
ବିତିଗଲା ଫୁଟିଲାନି ଫୁଲ।
ହେଲାନିତ ସବୁଜ ସମ୍ଭାର!
ପତ୍ରଝଡା ଗଛକୁ ଦେଖିଛକି
ଲାଗେ କେବେ ସୁନ୍ଦର
ଏଇତ ଜୀବନ ମୋର
ଥୁଣ୍ଟା ହୋଇ ରହିଗଲି ପଟିଆ
ପ୍ରେମ କ'ଣ ବୁଝିଲନି।

*ପଟିଆ, ଜଗନ୍ନାଥ ମନ୍ଦିର, ଭୁବନେଶ୍ୱର*

## ଆମ ସମ୍ବିଧାନ

ରବିନାରାୟଣ ମିଶ୍ର



ଆମେ ହିଁ ଗଢିଛୁ ଆମରି ହାତରେ
ଏ ଦେଶର ସମ୍ବିଧାନ,
ଆମେ ହିଁ କରିଛୁ ଆମକୁ ଶାସନ
ନାହିଁ କାହା ଅବଦାନ,
ଆମେ ହିଁ ବାଛିବୁ ଉନ୍ନତିର ପଥ
ଏହାହିଁ ଆମରି ପଣ,
ଆମ ଭାରତ ମହାନ,
ଆମ ଭାରତ ମହାନ।
ଏ ଦେଶର ଯେତେ ମହାନ ପୁରୁଷ
ହରାଇ ତାଙ୍କ ଜୀବନ,
ନିଜ ସ୍ୱାର୍ଥ ଭୁଲି ସ୍ୱଦେଶ ପାଇଁକି
ଦେଇଗଲେ ବଳିଦାନ,
ଆଜି ଏ ଦିନରେ ଭୁଲିବା କେମିତି
ସବୁ ପରା ତାଙ୍କ ଦାନ,
ଆମ ଏ ଦେଶ ମହାନ,
ଆମ ଏ ଦେଶ ମହାନ।
ସବୁ ଧର୍ମ ଓ ସବୁ ଭାଷା ସଙ୍ଗେ
ସବୁ ଜାତିର ମାନ,
ସବୁ ବର୍ଣ୍ଣ ଓ ସବୁ ଲିଙ୍ଗକୁ
ଦେଇଛି ଯିଏ ସମ୍ମାନ,
ସେଇ ଦେଶର ନାଗରିକ ଆମେ
ଶ୍ରେଷ୍ଠ ଆମ ସମ୍ବିଧାନ,
ଆମ ଭାରତ ମହାନ,
ଆମ ଭାରତ ମହାନ।
ଆମ ଏ ଦେଶର ବୀର ଓ ଶହୀଦ
ଦେଇ ନିଜ ରକ୍ତ ଦାନ,
ସ୍ୱାଧୀନ ଭାବନା ସ୍ୱାଧୀନ ଚେତନା
ରଖି ନିଜ ସ୍ୱାଭିମାନ,
ଆମେ ହିଁ ଗଢ଼ିଛୁ ସୁନାର ଭାରତ
କରି କେତେ ଆନ୍ଦୋଳନ,
ଆମ ଭାରତ ମହାନ,
ଆମ ଏ ଦେଶ ମହାନ।

*ଡିଏଭି ପବ୍ଲିକ ସ୍କୁଲ, ବଲାଣି, କେଉଁଝର*
*ଦୂରଭାଷ : ୮୨୪୯୪୬୪୭୫୪*

## ଚିତ୍ରକର

ମନୋଜ କୁମାର ମହାନ୍ତି



*(ପୂର୍ବପ୍ରକାଶ ଉତ୍ତାରୁ)*

ଭଦ୍ରଲୋକ ଜଣକ କଳାକୁ ବେଶ ସମ୍ମାନ କରି ଜାଣିଥିଲେ, ହେଲେ ଅଜଣା ଆତଙ୍କରେ ଆତଙ୍କିତ ତାଙ୍କ ଭାଷାରେ ଉଦ୍‌ବେଗ ଥିଲା - ଏଇ ସାଧାରଣ ଚିତ୍ରକର କ'ଣ ସଫଳ ଦାମ୍ପତ୍ୟଟେ ତୁଲାଇପାରିବ!

ବାବନପତା ତାସ୍ ପରି ମୁଁ ଅଜଣାତରେ ଫେଣ୍ଟି ହୋଇଯାଇଥିଲି ନିଜ ଭିତରେ ନିଜେ। ଏମ୍ତି ନୁହେଁ ଯେ ଭଦ୍ରଲୋକ ଜଣକ ମିଛ କହିଥିଲେ। ଘରେ ବି ଏମ୍ତିରେ ଭଉଣୀଟେ ବି ଅବିବାହିତ, ବାପା ଆଉ ଚଷକୁ ପାରୁନଥିଲେ, ମା ଆଜନ୍ମ ରୋଗିଣୀଟେ। ମୁଁ ହଠାତ୍ ଚିତ୍ରକରର ଭ୍ରମରୁ ମୁକ୍ତ ହୋଇ ରାୟପୁର ଚାଲିଗଲି କିଛି ରୋଜିରୋଟିର ତଲାସରେ ଯେମ୍ତି ଆମ ଏଠୁ ଅନେକ ରାୟପୁରକୁ ହିଁ ରୋଜଗାରର ସହଜ ଆଉ ସରଳ ଉପାୟଟେ ବୋଲି ଧରି ନେଇଥାନ୍ତି। ସମୟର ସାଧାରଣ ଗତିଠାରୁ ମୁଁ ବି ଦୂରେଇ ଯାଇନଥିଲି।

ସମ୍ବଲପୁରର ସନାତନ ସହ ଦୋସ୍ତି ହୋଇଥିଲା। ବିରାଟ ଗୋଟେ ମାଲଗୋଦାମରେ ଗୁମାସ୍ତଗିରି। ମଦ, ମାଂସ, ତଳବସ୍ତିରେ ପଶିବା, ସିଗାରେଟ୍ ଟାଣିବା, ସିନେମା ଦେଖିବାରେ କେଉଁଠି ଖୁବ୍ ପଛରେ ରହିଗଲେ ମୋ ଗାଁ ଉଦନ୍ତୀ ନଈର ସରୁଧାର, ଶୀତଶୀତ ସଂଜ, କାନ୍‌ଭାସ୍‌ରେ ମେଞ୍ଚାଏ ରଙ୍ଗରେ ଆକାଶ, ଜହ୍ନ, ଷୋଡ଼ସୀର ଛାତି ପାଖ ଆଙ୍କିବାରେ ପ୍ରଗଳ୍ଭପଣ! ମନେ ବି ରହିଲା ନାହିଁ ମୋ ମନ ଭିତରର ଚିତ୍ରକର ସୁପ୍ରଭାପରି ସମ ଚିନ୍ତାଧାରାର ଝିଅଟିଏ ସହ ପ୍ରେମ ଆଉ ପରିଚୟର ସେଇ ଛୋଟଟେ ସହରର ଅଳ୍ପକିଛି ଭିଜାଭିଜା ଅନୁଭବ!

ସେ ଲେଣ୍ଡେ ଛେପ ପକେଇଲା। କହିଲା - ଏବେ ପରି ସେବଳକୁ ମୋବାଇଲ ତ ନଥିଲା। ମୁଁ ଭୁଲିସାରିଥିଲି, ମୋତେ କିଛି ନୀରିହ ନିଜର ମଣିଷ ଅପେକ୍ଷା କରିରହିଛନ୍ତି। ସେଇମାନେ ମୋ ବାପା, ମା, ଭଉଣୀ, ଯାହାର ଖବର ମୋ ପାଖରେ ଆଦୌନଥିଲା। ସେମାନେ ମାତ୍ର ଖୋଜୁଥିଲେ, ଖବର ଦେଉଥିଲେ। ମୁଁ ମୁର୍ଖ ତଉଲିପାରିଲି ନାହିଁ ଭଲ ପାଇବାର ମହାର୍ଘ୍ୟ ଅନୁଭବକୁ।

ଗାଁକୁ ଫେରି ଦେଖେତ ବାପା ଶେଷ ସମୟର ଅପେକ୍ଷାରେ। ଭଉଣୀର ବିବାହ ସମୟ ଗଡ଼ିଯାଇଚି ଆଉ ମା'ଅସହାୟ ଭାବରେ ବାରଣ୍ଡାରେ ବସି ସଂଜ ଆକାଶର ତାରାକୁ ଗଣୁଚି।

ମୁଁ ଆଉ ଫେରିଗଲି ନାହିଁ ରାୟପୁର ସହରର ସେଇ ଅନ୍ଧଗଳିକୁ ଯେଉଁଠି ପହଁଚିଗଲେ ଆଉଥରେ ମୁକ୍ତିର ବାଟ ଖୋଜିହୁଏ ନାହିଁ। ସନାତନ ସନାତନକୁ କେସିଙ୍ଗା ଷ୍ଟେସନ୍‌ରେ ଛାଡ଼ି ଆସିଲା ବେଳକୁ ମୁହଁ ସଂଜରେ ବାପା ଆଉ ନଥିଲେ। ନା... ମୋ ଆଖିରୁ ଟୋପେ ବି ଲୁହ ନିଗାଡ଼ି ଦେଇନଥିଲି। ମୁଁ ଜାଣୁଥିଲି ସାରାଟା ପରିବାରର ବୋଝ ମୋତେ ହିଁ ମୁଣ୍ଡ ଉପରକୁ ଉଠାଇ ନେବାକୁ ହେବ।

ଅଣ୍ଟା ସଳଖି ଠିଆ ହୋଇଥିଲି। ନିଜ ଜମି, ନିଜ ପରିବା ଚଷ ନିଜେ ସମ୍ଭାଳିଲି। ଜୀବନରେଖା ପରି ଅମୃତ ଝରାଉଥିବା ଉଦନ୍ତୀର ପାଣିକୁ ନେଇ ସ୍ୱପ୍ନ ଦେଖିଲି। ବରାବର ଚିତ୍ର ଆଙ୍କିଲି। ପ୍ରଥମଚିତ୍ର ଆଙ୍କା ଆରମ୍ଭ କଲି ମାର



ଆସିଥିଲା ଫେରାଇ ନେବାକୁ ନହେଲେ ସେଠ୍ ଧମକ୍‌ପୂର୍ଣ୍ଣ ଚିଠି ପଠାଇଥିଲା ତା ଅଗ୍ରୀମଟଙ୍କା ସୁଜିଦେବା ପାଇଁ।


ଦବି ଯାଇନଥିଲି ମୁଁ, ମୋ ନିଜ ମାଟିରେ। ଚିକିସ୍ତାରୁ। ତା'ପରେ ଗାଁରେ ନିଜ ଭାବନା ସହ ମେଳ ଖାଉଥିବା ଜଗତାନନ୍ଦକୁ ଭଉଣୀ ସହ ବାହାଦେଲି। ସେଇଟା କ'ଣ ସଫଳ ଚିତ୍ର ନଥିଲା? ଉଜୁଡ଼ି ସାରିଥିବା ଜଙ୍ଗଲକୁ ସଜାଡ଼ିଲି। ଗାଁରୁ ମଦକୋଠୀ ହଟେଇ ଲାଇବ୍ରେରୀ ତିଆରିଲି। ସୀମାନ୍ତର ଏଇ ଶେଷ ଗାଁକୁ ଆସୁନଥିବା ସ୍କୁଲମାଷ୍ଟ୍ର ମାନଙ୍କୁ ନିୟମିତ ଆସିବାକୁ ତାଗିଦ୍ କଲି। ଘରଘର ବୁଲି ପିଲାଙ୍କୁ ସ୍କୁଲ୍ ପଠାଇଲି। କୁହ ଏଇଟା କ'ଣ ଚିତ୍ର ନୁହେଁ? ଆଙ୍କିଥିବା ସମସ୍ତ ଚଳମାନ ଚିତ୍ର ମୋ ଜୀବନର ତମାମ ସମୟକୁ କୋଳାହଳମୟ କରିଦେଇଛନ୍ତି। ଆଉ କ'ଣ ଲୋଡ଼ା ଯେ?

କିଛି ନିଜ ପାଇଁ ଆଉ ଚିତ୍ର ଆଙ୍କିପାରିଲି ନାହିଁ। ସଚ୍ଚା ଚିତ୍ରକରଟିଏ ଅନ୍ୟର ଜୀବନ ଯନ୍ତ୍ରଣାକୁ ରୂପ ଦେଲା ବେଳକୁ, ଅନ୍ୟର ତ୍ୟାଗ, ପ୍ରେମକୁ ତୂଳୀରେ ଆଙ୍କିଲା ବେଳକୁ ସଫଳ ଚିତ୍ର ପରିପ୍ରକାଶ ପାଇଁ ନିଜ କଥା ନିଜ ବ୍ୟାଥା କେଉଁ ବଖାଣୀପାରେ ଯେ! ମୁଁ ପାରିଲି ନାହିଁ। ସୁପ୍ରଭା ଯେ ମୋ କଥା ଭାବୁ ନଥିଲା ତା' ନୁହେଁ। ବାପା ଚାଲିଯିବା ପରେ ତାଙ୍କ କୋଠରୀର କାଠ ଆଲମିରା ଭିତରେ ବନ୍ଦ ଲଫାପାରେ କେତେ ଯେ ଚିଠି ସୁପ୍ରଭାର ସେମ୍ତି ରହିଯାଇ ସମୟରେ ଅଦୌତୀରେ ନଷ୍ଟ ହେବା ଅପେକ୍ଷାରେ ଥିଲା ସେ କଥା କାହାକୁ କହିପାରିନାହିଁ। କିଛି ପଢ଼ି ହେଉଥିଲା ତ କିଛି ଅକ୍ଷର ଲିଭି ସାରିଥିଲା ସମୟ ସହ! ସ୍ମୃତି ପାଇଁ ସେସବୁକୁ ସାଇତି ରଖିନାହିଁ। ଏଇଥିପାଇଁ ଯେ ସେ ସବୁ କେଉଁ ମୁହୂର୍ତ୍ତରେ ମୋତେ ଦୁର୍ବଳ କରି ନଦିଅନ୍ତୁ! ଉଦନ୍ତୀର ବହମାନ ଜଳପ୍ରବାହରେ କେଉଁ ଦିନୁ ସେ ସବୁ ବିସର୍ଜି ଦେଇଚି, ସେଦିନର ତିଥି କି ବାର ମନେରଖିବାର ଆବଶ୍ୟକତା ଅନୁଭବ କରିନାହିଁ। ନା... କେବେବି ନୁହେଁ!

ମା'ଚାଲିଗଲା ପରେ ଏକୁଟିଆ ଜୀବନ ଆହୁରି ବେଶୀ କୋଳାହଳମୟ ହୋଇଗଲା, ଆହୁରି ବେଶୀ ଚିତ୍ର ମନସ୍କ କରିଦେଲା ମୋତେ। ନିଜ ଗାଁ, ନିଜ ଗାଁ ଜଙ୍ଗଲ, ନିଜ ଗାଁ ପାହାଡ଼ଠୁ ଆରମ୍ଭ କରିଥିବା ଏ ଚିତ୍ର ମୁଁ ପାଖ ଗାଁରେ ଆଙ୍କିବାର ଉପକ୍ରମରେ ନିଜକୁ କେବେଠୁଁ ଭୁଲିସାରିଥିଲି ମନେ ନାହିଁ। *(କ୍ରମଶଃ)*

## ଲୋକର ପ୍ରକାର ଭେଦ

ସଦାଶିବ ବିଶ୍ୱାଳ




ସଦାକାଳେ ସମାଜରେ
'ଦି' କିସମର ଲୋକ ଛ'ନ୍ତି
ଦଳେ ଖଟିଖିଆ
ଆଉ ଥୋକେ ଠକିଖିଆ ରହନ୍ତି।
ଖଟିଖିଆ, ମୁଣ୍ଡ ଝାଳ ତୁଣ୍ଡରେ ମାରି
ଯାହା ଅର୍ଜନ କରନ୍ତି
ଭାତ-ତୁଣ ସଉଦା କରି
ଜୀବନ ନଉକା କଷ୍ଟରେ ବାହାନ୍ତି।
ଠକିଖିଆର କଟେ ପୁଅ ବାର
ଚାରି ଶହ ବିଶ ପନ୍ଥା ଆପଣେଇ
ଆରାମରେ ଜିଅନ୍ତି ପରକୁ ଠକି, ରାହାଜାନି କରି
ଆପଣା ଜମା ବଢ଼ାଇ ବଢ଼ାଇ।
ଆଉ ଗୋଟେ ପ୍ରଜାତିର ଜୀବ, ପାରଙ୍ଗମପୁଷ୍ଟ
ସେମାନଙ୍କ ସଂଖ୍ୟା ଏବେ ବହୁତ
ଅନ୍ୟର ସଞ୍ଚୟ ଖାତାରୁ ଲକ୍ଷ ଲକ୍ଷ ଲୁଟନ୍ତି
ଏବେ ସେମାନେ ସାଇବର ଠକ ନାମେ ଖ୍ୟାତ।

*ଅଙ୍ଗାରୁଆ, କେଉଁଝର*




# ନୂପୁରର ରୁଣୁଝୁଣ ଶବ୍ଦରେ ପ୍ରକମ୍ପିତ ମୁକ୍ତାକାଶ ରଙ୍ଗମଞ୍ଚ








ଉତ୍କଳୀୟମାନଙ୍କର ସଂସ୍କୃତି, ପରମ୍ପରା, କଳା ଓ ଭାସ୍କର୍ଯ୍ୟର ସ୍ମୃତି ବହନ କରୁଥିବା ବିଶ୍ୱ ଐତିହ୍ୟ ସୂର୍ଯ୍ୟମନ୍ଦିରର ପାଦଦେଶରେ ଭାରତୀୟ ଶାସ୍ତ୍ରୀୟ ନୃତ୍ୟ ଓ ସଙ୍ଗୀତର ମହାକୁମ୍ଭ ଡିସେମ୍ବର ୧ରୁ ୫ତାରିଖ ପର୍ଯ୍ୟନ୍ତ କୋଣାର୍କର ମୁକ୍ତାକାଶ ରଙ୍ଗ ମଞ୍ଚରେ ଅନୁଷ୍ଠିତ ହୋଇଛି। ଶାସ୍ତ୍ରୀୟ ନୃତ୍ୟ ଓ ସଙ୍ଗୀତର ଅପରୁପ ମହାମିଳନର ଅପେକ୍ଷାରେ କୋଣାର୍କର ମୁକ୍ତାକାଶ ରଙ୍ଗମଞ୍ଚ । ଡିସେମ୍ବ ୧ରୁ ୫ତାରିଖ ପର୍ଯ୍ୟନ୍ତ ୫ଦିନ ବ୍ୟାପି ଆୟୋଜିତ ହୋଇଛି କୋଣାର୍କ ଉତ୍ସବ ଓ ବାଲୁକା କଳା ପ୍ରଦର୍ଶନୀ। ଏଥି ନିମନ୍ତେ ଓଡିଶା ପର୍ଯ୍ୟଟନ ବିଭାଗ ପକ୍ଷରୁ ସମସ୍ତ ପ୍ରସ୍ତୁତି କାର୍ଯ୍ୟ ଶେଷ ହୋଇଥିଲା। ଉତ୍ସବର ଅବ୍ୟବେହିତ ପୂର୍ବରୁ ମୁକ୍ତାକାଶ ରଙ୍ଗମଞ୍ଚ ସମେତ ସମଗ୍ର କୋଣାର୍କ ଓ ଚନ୍ଦ୍ରଭାଗା ରଙ୍ଗବେରଙ୍ଗର ଆଲୋକମାଳାରେ ଝଲସିବା ଆରମ୍ଭ ହୋଇଛି। ସବୁଜିମାଭରା ଛୋଟ ବଡ଼ ବୃକ୍ଷରାଜି, ରଙ୍ଗବେରଙ୍ଗର ଫୁଲ, ଚାନ୍ଦୁଆ, ଚୁମୁକି ଓ ଟେରାକୋଟା ସାମଗ୍ରୀ ବ୍ୟବହୃତ ସାଜସଜା ଏବଂ ଆକର୍ଷଣୀୟ ତୋରଣ ସାଙ୍ଗକୁ ଆଲୋକିତ ଲିଚୁମାଳା କୋଣାର୍କର ସାନ୍ଧ୍ୟ ଶୋଭାକୁ ମାଦକତାରେ ଭରିଦେଉଛି । ନୃତ୍ୟଶିଳ୍ପୀଙ୍କ ନୂପୁର ରୁଣୁଝୁଣ ଶବ୍ଦର ଓ ସଙ୍ଗୀତର ସୁରତାଳକୁ ଅପେକ୍ଷା କରିଛି ଏହି ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ମୁକ୍ତାକାରଙ୍ଗମଞ୍ଚ । ୩୪ବର୍ଷ ମଧ୍ୟରେ ଏହି ମୁକ୍ତାକାଶ ରଙ୍ଗମରେ ଦେଶ ବିଦେଶର ୩୩୦ଜଣ ଆନ୍ତର୍ଜାତିକ ଖ୍ୟାତି ସମ୍ପନ୍ନ ନୃତ୍ୟଶିଳ୍ପୀମାନେ ନୃତ୍ୟ ପ୍ରଦର୍ଶନ କରିସାରିଛନ୍ତି । ୨୦୧୧ ମସିହା ଠାରୁ ପର୍ଯ୍ୟଟନ ବିଭାଗ ପକ୍ଷରୁ ଚନ୍ଦ୍ରଭାଗାର ସ୍ୱର୍ଣ୍ଣିମ ବେଳା ଭୂମିରେ ଆରମ୍ଭ ହୋଇଥିବା ବାଲୁକା କଳା ପ୍ରଦର୍ଶନୀ ବେଶ ଲୋକପ୍ରିୟତା ହାଶଲ କରିଛି । ଚଳିତ ବର୍ଷ ଆୟୋଜିତ ହେଉଥିବା ୧୪ତମ ଆନ୍ତର୍ଜାତିକ ବାଲୁକା କଳା ଉତ୍ସବରେ ଦେଶ ବିଦେଶର ବାଲୁକା ଶିଳ୍ପୀମାନେ ନିଜ ନିଜର ଷ୍ଟଲରେ ବାଲିରେ ପ୍ରସ୍ତୁତ କରିବା ଆରମ୍ଭ କରିଛନ୍ତି। ଡିସେମ୍ବର ୧ ତାରିଖ ସନ୍ଧ୍ୟା ୬ଟା ରେ ଶାସ୍ତ୍ରୀୟ ନୃତ୍ୟ ଓ ସଙ୍ଗୀତର ଏକ ଆକର୍ଷଣୀୟ ତଥା ଭବ୍ୟ ପରିବେଶରେ ୩୫ତମ କୋଣାର୍କ ଉତ୍ସବ-୨୦୨୪ ଅତିଥିମାନଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା। ଉତ୍ସବର ପ୍ରଥମ ଦିବସର ପ୍ରଥମ ପର୍ଯ୍ୟାୟରେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ପକ୍ଷରୁ ପରିବେଷଣ ଓଡ଼ିଶୀ ନୃତ୍ୟ ଓ ଦ୍ୱିତୀୟ ପର୍ଯ୍ୟାୟରେ ନୂଆଦୀଲ୍ଲିର ନୃତ୍ୟଶିଳ୍ପୀ ଗୁରୁ ମିତାଲି ଶ୍ୟାମ ଓ ସାଥୀ ନୃତ୍ୟଶିଳ୍ପୀମାନେ ପରିବେଷଣ କରିବେ କଥକ ନୃତ୍ୟ ପରିବେଷଣ କରିଥିଲେ । ସେହିପରି ଉତ୍ସବର ଦ୍ୱିତୟ ଦିବସର ପ୍ରଥମ ପର୍ଯ୍ୟାୟରେ କୋଲକତାର ପ୍ରିତି ପଟଲେ ଓ ସାଥିଙ୍କ ପକ୍ଷରୁ ନୃତ୍ୟଶିଳ୍ପୀମାନେ ପରିବେଷଣ କରିବେ ମଣିପୁରୀ ନୃତ୍ୟ, ଦ୍ୱିତୀୟ ପର୍ଯ୍ୟାୟରେ କୋଲକାତାର ଆଲୋକ କାନୁନଗୋ ଓ ସାଥୀ ନୃତ୍ୟଶିଳ୍ପୀମାନେ ପରିବେଷଣ କରିବେ ଓଡିଶୀ ନୃତ୍ୟ । ସେହିପରି ଉତ୍ସବର ତୃତୀୟ ଦିବସର ପ୍ରଥମ ପର୍ଯ୍ୟାୟରେ କୋଲକତାର କୋଲକତା ଅର୍ଣ୍ଣନ ବନ୍ଦୋପାଧ୍ୟାୟ ଓ ସାଥିଙ୍କ ପକ୍ଷରୁ ଓଡିଶୀ ନୃତ୍ୟ ପରିବେଷଣ କରାଯିବ ଓ ଦ୍ୱିତୀୟ ପର୍ଯ୍ୟାୟରେ ୟୁଏସଏର ଡ଼. ଶୁନ୍ଦର ନାୟର ଓ ସାଥିଙ୍କ ପକ୍ଷରୁ ପରିବେଷଣ କରାଯିବ



ମୋହିନୀଆଟମ୍ ନୃତ୍ୟ । ସେହିପରି ଉତ୍ସବର ଚତୁର୍ଥ ଦିବସର ପ୍ରଥମ ପର୍ଯ୍ୟାୟରେ ହାଇଦ୍ରବାଦର ଦୀପିକା ରେଡି ଓ ସାଥିଙ୍କ ପକ୍ଷରୁ ପରିବେଷଣ କରାଯିବ କୁଚିପୁଡି ନୃତ୍ୟ ଓ ଦ୍ୱିତୀୟ ପର୍ଯ୍ୟାୟରେ ଭୁବନେଶ୍ୱରର ରୁର୍ଦାକ୍ଷ ଫାଉଣ୍ଡେସନର ଗୁରୁ ବିଚିତ୍ର ସ୍ୱାଇଁ ଓ ସାଥୀଙ୍କ ପକ୍ଷରୁ ଓଡିଶୀ ନୃତ୍ୟ ପରିବେଷଣ କରାଯିବ । ଉତ୍ସବର ଶେଷ ସନ୍ଧ୍ୟା ଅର୍ଥାତ ଡିସେମ୍ବର ୫ ତାରିଖର ପ୍ରଥମ ପର୍ଯ୍ୟାୟରେ କୋଲକତାର ଦିକ୍ଷା ମଞ୍ଜରୀ ଅନୁଷ୍ଠାନର ଡୋନା ଗାଙ୍ଗୁଲି ଓ ସାଥୀ ନୃତ୍ୟ ଶିଳ୍ପୀଙ୍କ ପକ୍ଷରୁ ପରିବେଷଣ କରାଯିବ ଓଡିଶୀ ନୃତ୍ୟ । ଦ୍ୱିତୀୟ ପର୍ଯ୍ୟାୟରେ ନିୟୁ ଦୀଲ୍ଲିର ଗୀତା ଚନ୍ଦ୍ର ଓ ସାଥୀ ନୃତ୍ୟଶିଳ୍ପୀମାନେ ଭାରତନାଟ୍ୟମ ନୃତ୍ୟ ପରିବେଷଣ କରିବେ । ଏହି ଶାସ୍ତ୍ରୀୟ ନୃତ୍ୟର ମହାକୁମ୍ଭରେ ୬ ପ୍ରକାର ନୃତ୍ୟ ଯଥା ଓଡିଶୀ, କଥକ, ମଣିପୁରୀ, ମୋହିନିଆଟମ, କୁଚିପୁଡି ଓ ଭାରତନାଟ୍ୟମ ନୃତ୍ୟ ପରିବେଷଣ କରାଯିବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି । ପର୍ଯ୍ୟଟନ ବିଭାଗ ପକ୍ଷରୁ କଳାପ୍ରେମୀ ଦର୍ଶକଙ୍କ ନିମନ୍ତେ ଟୁର ପ୍ୟାକେଜର ଓ ସିଜିନ ଟିକେଟର ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ଏହି ଅବସରରେ ଓଡିଶା ପର୍ଯ୍ୟଟନ ବିଭାଗର ସହାୟତାରେ କୋଣାର୍କ ପ୍ରେସ୍ କ୍ଲବ ପକ୍ଷରୁ ସାଇକ୍ଲୋଥନ, କୋଣାର୍କ ସାହିତ୍ୟ ସଂସଦ ପକ୍ଷରୁ ସାହିତ୍ୟ ଆସର ଓ ବସନ୍ତମଞ୍ଜରୀ





ପାଠାଗାର ପକ୍ଷରୁ ଗଣ ଦୌଡ, କୋଣାର୍କ ସାମ୍ବାଦିକ ସଂଘ ପକ୍ଷରୁ ବେଳାଭୂମୀ ପଦଯାତ୍ରା ଓ ପୁସ୍ତକ ମେଳା କମିଟି ପକ୍ଷରୁ ପୁସ୍ତକ ମେଳା, ରାଜୀବ ଗାନ୍ଧୀ ସୋସିଆଲ ଓ୍ୱୟଲଫର ଅର୍ଗାନାଇଜେସନ ପକ୍ଷରୁ ଚିତ୍ରକଳା ଶିବିର ଅନୁଷ୍ଠିତ ହେବ। କୋଣାର୍କ ଉତ୍ସବ ସମୟରେ ଡିସେମ୍ବର ୧ ତାରିଖରେ ଚନ୍ଦ୍ରଭାଗାର ବିସ୍ତୀର୍ଣ୍ଣ ବେଳାଭୂମିରେ ଉଦଘାଟିତ ହେବ ଅନ୍ତର୍ଜାତୀୟ ବାଲୁକା କଳା ଉତ୍ସବ-୨୦୨୪। ଏହି ବାଲୁକା କଳା ଉତ୍ସବ ଡ଼ିସେମ୍ବର ୧ତାରିଖରୁ ଆରମ୍ଭ ହୋଇ ୫ତାରିଖ ପର୍ଯ୍ୟନ୍ତ ଚାଲୁରହିବ। ଏହି ଉତ୍ସବକୁ ଦର୍ଶକ ମାନେ ପ୍ରତେହ୍ୟ ଦିନ ୯ଟାରୁ ରାତି ୧୧ଟା ପର୍ଯ୍ୟନ୍ତ ମନଭରି ଉପଭୋଗ କରିପାରିବେ। ଉତ୍ସବରେ ଦେଶ ବିଦେଶର ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ବାଲୁକା ଶିଳ୍ପୀମାନେ ଯେଗ ଦେଇ ନିଜ ନିଜ ଷ୍ଟଲରେ ପ୍ରସ୍ତୁତ କରିବେ ଚିତାକର୍ଷକ ବାଲୁକା କଳା। ବାଲୁକାଶିଳ୍ପୀଙ୍କ ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଶିଳ୍ପୀଙ୍କୁ ଅର୍ଥରାଶି ଓ ମାନପତ୍ର ପ୍ରଦାନ କରାଯାଇ ସମ୍ମାନୀତ କରାଯିବ ବୋଲି ଅନ୍ତର୍ଜାତୀୟ ବାଲୁକାକଳା ପ୍ରଦର୍ଶନୀର ବ୍ରାଣ୍ଡ ଆମ୍ବାସାଡ଼ର ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ସୂଚନା ଦେଇଛନ୍ତି । ଏହି ବାଲୁକାକଳା କୋଣାର୍କ ଉତ୍ସବର ମର୍ଯ୍ୟାଦାକୁ ବହୁଗୁଣିତ କରୁଛି ବୋଲି ପର୍ଯ୍ୟଟକ ଓ କଳାପ୍ରେମୀମାନେ କହିଛିନ୍ତି । କୋଣାର୍କ ଉତ୍ସବ ଅବସରରେ ହେଲି ପ୍ୟାଡରେ ଯାତ୍ରା ପରିବେଷଣ କରିବା ସହ ମିନାବଜାର, ଅର୍ବାନ ହାଟ ପରିସରରେ ହସ୍ତନ୍ତ ହସ୍ତଶିଳ୍ପ ପ୍ରଦର୍ଶନୀ ଅନୁଷ୍ଠିତ ହେବ।











# ଘୋଡେଇ ହେବେ ମହାପ୍ରଭୁ...



ପ୍ରେମାନନ୍ଦ ପାଣିଗ୍ରାହୀ



ପ୍ରକୃତି ରାଣୀର ଲୀଳା ବିଚିତ୍ର। ଏହାର ଭାରସାମ୍ୟ ପାଇଁ ଋତୁଚକ୍ରର ପରିବର୍ତ୍ତନ ହୋଇଥାଏ। ତତ୍‌ସହିତ ଆମ ବେଶପୋଷାକ, ଖାଦ୍ୟପେୟ, ଜୀବନଚର୍ଯ୍ୟାରେ ବି ପରିବର୍ତ୍ତନ ହୁଏ । ଋତୁମାନଙ୍କ ମଧ୍ୟରେ ଶୀତ ଋତୁ ସର୍ବଶ୍ରେଷ୍ଠ ଋତୁ କହିଲେ ଅତ୍ୟୁକ୍ତି ହେବନାହିଁ ଶୀତ ଋତୁର ଶୀତଳ ପରଶରେ ଧରିତ୍ରୀ ମା ହୁଏ ସୁନ୍ଦର। ଶୀତ ଆସିଲାଣି ଅନେକ ଦିନରୁ, ହେଲେ ଏବେ ତାର ସ୍ଥିତି ମଜବୁତ ହୋଇଛି । ଶୀତ ଯେ କେବଳ ମନୁଷ୍ୟ କି ପଶୁପକ୍ଷୀଙ୍କୁ ହୋଇଥାଏ ତାହା ନୁହେଁ, ମହାପ୍ରଭୁଙ୍କୁ ବି ଅନୁଭବ ହୁଏ। ଶ୍ରୀଜଗନ୍ନାଥ ମହାପ୍ରଭୁ ଶ୍ରୀମନ୍ଦିରରେ ଭାଇଭଉଣୀଙ୍କ ସହ ଅବସ୍ଥାନ କରି ମାନବୀୟ ଲୀଳା କରୁଛନ୍ତି। ଏହି କ୍ରମରେ ବର୍ଷା ଦିନେ ନିଦ୍ରା ଯାଉଥିବା ବେଳେ ଗ୍ରୀଷ୍ମ ତାପରୁ ରକ୍ଷା ପାଇବା ପାଇଁ ମହାପ୍ରଭୁ ଚନ୍ଦନ ଯାତ୍ରା କରିଥାନ୍ତି। ସେହିପରି ଶୀତଦିନେ ମଧ୍ୟ ପ୍ରବଳ ଶୀତରୁ ରକ୍ଷା ପାଇବା ପାଇଁ ସାଧାରଣ ମଣିଷଟିଏ ଭଳି ଶୀତବସ୍ତ୍ର ପରିଧାନ କରିଥାନ୍ତି ।

ମାର୍ଗଶୀର ହେଉଛି ଶ୍ରେଷ୍ଠ ମାସ। କାରଣ ସ୍ୱୟଂ ଶ୍ରୀକୃଷ୍ଣ ଗୀତାରେ କହିଛନ୍ତି -ମୁଁ ମାସମାନଙ୍କ ମଧ୍ୟରେ ମାର୍ଗଶୀର। ସ୍ୱଚ୍ଛତା ଓ ସମୃଦ୍ଧିର ମାସ ମାର୍ଗଶୀର। ଏହି ମାସ ମଧ୍ୟ ଲକ୍ଷ୍ମୀଙ୍କ ମାସ। ଶସ୍ୟ ଅମଳ ଚାଲିଥାଏ। ଘରେଘରେ ପାଳିତ ହୁଏ ମାଣବସା ଗୁରୁବାର। ମାର୍ଗଶୀର ମାସରେ ଅଧିକ ଶୀତ ଅନୁଭୁତ ହୋଇଥାଏ। ଶ୍ରୀଜଗନ୍ନାଥ ଭାରତୀୟ ସଭ୍ୟତା,ସଂସ୍କୃତି ଓ ପରମ୍ପରାର ପ୍ରତୀକ। ସେ ଭକ୍ତ ବତ୍ସଳ, ଭକ୍ତି ଓ ଭାବାବେଗରେ ବଶୀଭୂତ। ସେ ରାଧାଧିରାଜ ହୋଇଥିଲେ ମଧ ସାଧାରଣ ମଣିଷ ଭଳି ମାଟି ପାତ୍ରରେ ଶାଗ, ପଖାଳ ଖାଇଥାନ୍ତି, ରୋଗ ବ୍ୟାଧିରେ ଯନ୍ତ୍ରଣା ସହିଥାନ୍ତି, ବ୍ରତ ଉପବାସ ପାଳନ କରିଥାନ୍ତି, ଏପରିକି ପୁରୁଣା ଶରୀର ତ୍ୟାଗ କରି ନବ କଳେବର ହୋଇଥାନ୍ତି। ବାର ମାସରେ ତେର ଯାତ୍ରା ଓ ପର୍ବମାନଙ୍କରେ ମହାପ୍ରଭୁ ନିଜ ଆସ୍ଥାନ ଛାଡି ସ୍ୱୟଂ ବିରାଜିତ ହୁଅନ୍ତି କେତେବେଳେ ସ୍ନାନ ମଣ୍ଡପରେ ତ କେତେବେଳେ ବଡଦାଣ୍ଡରେ। ଧନୁ ସଂକ୍ରାନ୍ତିରେ ମା ଲକ୍ଷ୍ମୀ ଶ୍ରୀମନ୍ଦିର ଛାଡି ବାପ ଘରକୁ ଏକ ମାସ ବୁଲି ଯାଇଥାନ୍ତି। ମହାପ୍ରଭୁ ଯେପରି ଖାଦ୍ୟ ପ୍ରିୟ ସେପରି ବସ୍ତ୍ର ପ୍ରିୟ। ମାର୍ଗଶୀର ଶୁକ୍ଳ ଷଷ୍ଠୀ ଯାହାକୁ ଓଢଣ ଷଷ୍ଠୀ କୁହାଯାଏ ଏହି ଦିନ ଠାରୁ ମହାପ୍ରଭୁମାନେ ଶୀତ ବସ୍ତ୍ର ପରିଧାନ କରିଥାନ୍ତି। ଏହାକୁ ଘୋଡଲାଗି ବେଶ କୁହାଯାଇଥାଏ। ଶୀତ ଋତୁର ପ୍ରାରମ୍ଭ ହେତୁ ଦିଅଁମାନଙ୍କୁ ଉକ୍ତ ଦିନ ଶୀତ ବସ୍ତ୍ର ଲାଗି କରାଯିବା ଯୋଗୁଁ ଏହାକୁ ଘୋଡଲାଗି କୁହାଯାଏ। ଏହାର ଅନ୍ୟ ନାମ ପ୍ରାବରଣ ଯାତ୍ରା। ପ୍ରାବରଣ ଅର୍ଥ ଚଦର। ପ୍ରାବରଣକୁ ଶୀତ ଋତୁରେ ଦିଅଁମାନଙ୍କୁ ଘୋଡାଇ ଦିଆଯାଉଥିବାରୁ ଏହାକୁ ପ୍ରାବରଣ ଯାତ୍ରା କୁହାଯାଏ। ଓଢଣ ଷଷ୍ଠୀ ଠାରୁ ବସନ୍ତ ପଞ୍ଚମୀ ପର୍ଯ୍ୟନ୍ତ ବିଭିନ୍ନ ଦିନରେ ତାଙ୍କୁ ବିଭିନ୍ନ ଘୋଡ ଲାଗି କରାଯାଇଥାଏ । ସପ୍ତାହର ବିଭିନ୍ନ ଦିନରେ ଠାକୁର ବିଭିନ୍ନ ପ୍ରକାର ଘୋଡ ଲାଗି ହୁଅନ୍ତି। ରବିବାର ଲାଲ ରଙ୍ଗର ଘୋଡ, ସୋମବାର ଧଳା ଛିଟା ମିଶା ଚନ୍ଦ୍ରକାନ୍ତି ଘୋଡ, ଘୋଡ,ମଙ୍ଗଳବାର ବାର ପାଟିଆ ପଞ୍ଚ ରଙ୍ଗ ମିଶ୍ରୀତ ଘୋଡ,ବୁଧବାର ସାଗୁଆ ରଙ୍ଗର ଘୋଡ,ଗୁରୁବାର ବସନ୍ତ ବା ହଳଦିଆ ରଙ୍ଗ ଘୋଡ,ଶୁକ୍ରବାର ଶୁକ୍ଳ ରଙ୍ଗ ଘୋଡ, ଶନିବାର କୃଷ୍ଣ ରଙ୍ଗ ଘୋଡ। ଭଣ୍ଡାର ମେକାପ ରତ୍ନ ଭଣ୍ଡାରରୁ ଏହି ଶୀତ ବସ୍ତ୍ର ଓ ଘୋଡ ଲାଗି ଅଳଙ୍କାର ଯୋଗାଇଥାନ୍ତି। ଘୋଡ ବେଶରେ ସୂତା ବସ୍ତ୍ର ଖଣ୍ଡୁଆ ପାଟ, ଭେଲଭେଟ ଘୋଡ, ଫୁଟା, ମଫଲର, ଟୋପର ଇତ୍ୟାଦି ବ୍ୟବହାର ହୁଏ। ଶ୍ରୀମନ୍ଦିରର ପାରମ୍ପରୀକ ଦରଜୀ ସେବକମାନେ ଏହା ପ୍ରସ୍ତୁତ କରିଥାନ୍ତି।

ତିନି ଠାକୁରଙ୍କ ନିମନ୍ତେ ୧୪ ହାତ ଲମ୍ବ ଓ ୩ ହାତ ଓସାରର ଚାରି ଖଣ୍ଡ ପାଟ ଆବଶ୍ୟକ ପଡିଥାଏ । ଏହି ଘୋଡ ପାଟରେ ଶ୍ଲୋକଟିଏ ଲେଖା ହୋଇଥାଏ-ମାର୍ଗଶୀର୍ଷେ ଶୀତପକ୍ଷେ ଯା ଷଷ୍ଠୀ ତିଥି ସଂଯୁତା, ସା ତୁ ପ୍ରାବରଣୀ ନାମ ସର୍ବକାମ ଫଳ ପ୍ରଦା, ବିଜୟତୁ ଜଗନ୍ନାଥ ଦିବ୍ୟବସ୍ତ୍ରଣାଳଂ କୃତ, ପ୍ରୟଚ୍ଛତୁ ସର୍ବକାମାନ୍ ସ୍ୱର୍ଗଂ ମୋକ୍ଷଂଚ ଦୁର୍ଲ୍ଲଭା । ଓଢଣ ଷଷ୍ଠୀ ଅବସରରେ ଦୈନନ୍ଦିନ ନୀତି ଅନୁଯାୟୀ ସକାଳ ଧୂପ ସରି ପାଣି ପଡିଲା ପରେ ପାଳିଆ ପୁଷ୍ପାଳକଙ୍କ ଦ୍ୱାରା ମୈଲମ ହୋଇଥାଏ। ଭୋଗ ମଣ୍ଡପ ଘରେ ପୂର୍ବ ରାତ୍ରରେ ଅଧିବାସ ହୋଇ ରହିଥିବା ଘୋଡ ଚାଙ୍ଗୁଡିକୁ ତିନି ଜଣ ପାଳିଆ ପୁଷ୍ପାଳକ ଏବଂ ପୂଜାପଣ୍ଡା,ପତି ମହାପାତ୍ର, ମୁଦିରସ୍ତ ହାତରେ ଧରି ଘଣ୍ଟା, ଛତା, କାହାଳୀ ପଟୁଆରରେ ତିନି ବେଢା ପରିକ୍ରମା କରି ସିଂହାସନକୁ ବିଜେ କରାଇଥାନ୍ତି। ଘୋଡଲାଗି ବେଶରେ ତ୍ରିଶାଖା-୨, କୁଣ୍ଡଳ-୪, ତଡଗି-୨ ଏହିପରି ଆଠ ମୂର୍ତ୍ତି ଅଳଙ୍କାର ଲାଗି ହୁଅନ୍ତି ।

ଭୁବନ,ଢେଙ୍କାନାଳ
ଦୂରଭାଷ : ୯୪୩୭୭୨୯୩୮୪



## ୧.୩୬ଲକ୍ଷ କୋଟି ଟଙ୍କାର ଶିଳ୍ପପ୍ରକଳ୍ପକୁ ମଞ୍ଜୁରୀ

# ରାଜ୍ୟରେ ସୃଷ୍ଟି ହେବ ୭୪,୩୫୦ ଅତିରିକ୍ତ ନିଯୁକ୍ତି

**ଭୁବନେଶ୍ୱର :** ରାଜ୍ୟରେ ଆଉ ୧୩୬୬୨୨.୨୪କୋଟି ଟଙ୍କାର ୨୦ଟି ବୃହତ୍ ପୁଞ୍ଜିନିବେଶ ପ୍ରକଳ୍ପକୁ ଗୁରୁବାର ମଞ୍ଜୁରୀ ମିଳିଛି। ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ରାଜ୍ୟରେ ୭୪୩୫୦ଟି ଅତିରିକ୍ତ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିବ। ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଦ୍ୱିତୀୟଥର ପାଇଁ ହାଇଲେଭଲ କ୍ଲିଅରାନ୍ସ ଅଥରିଟି (ଏଚଏଲସିଏ) ବୈଠକ ବସି ଏହି ୧.୩୬ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରକଳ୍ପକୁ ଅନୁମୋଦନ ମିଳିଛି। ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏଚଏଲସିଏ ବୈଠକରେ ନିବେଶକଙ୍କ ପାଇଁ ଅନୁକୂଳ ଇକୋ-ସିଷ୍ଟମ ଯୋଗାଇବାର ପ୍ରତିବଦ୍ଧତା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ



ଦେଇଥିଲେ। ଉତ୍କର୍ଷ ଓଡ଼ିଶା-୨୦୨୫ ରାଜ୍ୟ ପାଇଁ ଏକ ନୂଆ ଅଧ୍ୟାୟ ସୃଷ୍ଟି କରିବ। ଯାହାକି ଓଡ଼ିଶାକୁ ପ୍ରମୁଖ ନିବେଶର କେନ୍ଦ୍ରସ୍ଥଳୀ କରାଇବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ବୈଠକରେ ଯେଉଁ ୨୦ଟି ପ୍ରକଳ୍ପକୁ ଏଚଏଲସିଏ ମଞ୍ଜୁରୀ ମିଳିଛି ସେଗୁଡ଼ିକ ଯାଜପୁର, ଝାରସୁଗୁଡ଼ା, ଖୋର୍ଦ୍ଧା, ସମ୍ବଲପୁର, ଗଞ୍ଜାମ, କଳାହାଣ୍ଡି, ମାଲକାନଗିରି, ଢେଙ୍କାନାଳ, ଭଦ୍ରକ ଓ ଜଗତସିଂହପୁର ଜିଲ୍ଲାରେ ସ୍ଥାପନ ହେବାର ପ୍ରସ୍ତାବ ରହିଛି। ୯ଟି ଭିନ୍ନ ଭିନ୍ନ କ୍ଷେତ୍ରର ମୋଟ ୨୦ଟି ଶିଳ୍ପ ପ୍ରକଳ୍ପକୁ ଆଜି ମଞ୍ଜୁରୀ ମିଳିଛି। ଏଥିରେ ଷ୍ଟିଲ, କେମିକାଲ, ଆଲୁମିନିୟମ, ଆଭିଏସନ୍ ଫୁଏଲ, ଗ୍ରୀନ୍ ଏନର୍ଜି ଆଣ୍ଡ ଇକ୍ୱିପମେଣ୍ଟ, ଆପାରେଲ ଓ ଟେକ୍ସଟାଇଲ, ବିଦ୍ୟୁତ ଓ ଅକ୍ଷୟଶକ୍ତି, ସିମେଣ୍ଟ ଉତ୍ପାଦନ ଆଦି ରହିଛି। ବୈଠକରେ ଯେଉଁସବୁ ବୃହତ୍ ଶିଳ୍ପ ପ୍ରକଳ୍ପକୁ ମଞ୍ଜୁରୀ ମିଳିଛି ସେଥିରେ ଯାଜପୁରରେ ନୀଳାଚଳ ଇସ୍ପାତ ନିଗମ ଲିମିଟେଡର ୬୧ ହଜାର ୭୬୯ କୋଟି ଟଙ୍କାର ଇସ୍ପାତ ପ୍ରକଳ୍ପ ରହିଛି। ଏହି ଇସ୍ପାତ କାରଖାନାର ଉତ୍ପାଦନ କ୍ଷମତା ସମ୍ପ୍ରସାରଣ ଫଳରେ ଅତିରିକ୍ତ ୧୪ହଜାର ଲୋକଙ୍କୁ ନିଯୁକ୍ତି ସୁଯୋଗ ମିଳିପାରିବ। କମ୍ପାନୀର ଉତ୍ପାଦନ କ୍ଷମତା ବାର୍ଷିକ ୦.୯୮ ନିୟୁତ ଟନରୁ ୯.୫୦ ନିୟୁତ ଟନ କରାଯିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ସେହିପରି ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ ସମ୍ବଲପୁରରେ ନିଜର ପ୍ଲାଣ୍ଟର ସମ୍ପ୍ରସାରଣ କରିବ। ଏଥିରେ ୧୦୬୪୫ କୋଟି ଟଙ୍କା ନିବେଶ କରିବ ଓ ୧୫୦୫ଜଣଙ୍କୁ ଅତିରିକ୍ତ ନିଯୁକ୍ତି ଯୋଗାଇ ଦେବ। ଅମ୍ବୁଜା ସିମେଣ୍ଟ ଦ୍ୱାରା ମାଲକାନଗିରିରେ ୪ହଜାର କୋଟି ଟଙ୍କା ନିବେଶରେ ସିମେଣ୍ଟ ଉତ୍ପାଦନ କରାଯିବ, ଏଥିରେ ପ୍ରାୟ ୧୫୦୦ଲୋକଙ୍କୁ ନିଯୁକ୍ତି ସୁଯୋଗ ମିଳିପାରିବ। ଦିଲ୍ଲୀ, ମୁମ୍ବାଇ ଓ ସିଙ୍ଗାପୁରରେ 'ଉତ୍କର୍ଷ ଓଡ଼ିଶା' ରୋଡ ଶୋ' ମାଧ୍ୟମରେ ଓଡ଼ିଶା ନିବେଶକଙ୍କୁ ଆକୃଷ୍ଟ କରିବାରେ ସକ୍ଷମ ହୋଇପାରଇଛି। ଚଳିତବର୍ଷ ଜୁନ୍‌ରେ ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିବା ପରେ ଓଡ଼ିଶା ୭୩ଟି ଶିଳ୍ପ ପ୍ରକଳ୍ପ ମାଧ୍ୟମରେ ପ୍ରାୟ ୧.୮୦ଲକ୍ଷ କୋଟି ଟଙ୍କାର ପୁଞ୍ଜି ସଂଗ୍ରହ କରିପାରିଛି। ଏହା କାର୍ଯ୍ୟକ୍ଷମ ହେଲେ ପ୍ରାୟ ୧.୧ଲକ୍ଷ ଚାକିରି ସୁଯୋଗ ସୃଷ୍ଟି ହେବ ବୋଲି ଜଣାପଡ଼ିଛି।

# 'ବିଚାରାଧୀନ ଭିଜିଲାନ୍ସ ମାମଲା ଆଧାରରେ ବନ୍ଦ ହେବନି ପେନ୍‌ସନ'

**କଟକ :** ବିଚାରାଧୀନ ଭିଜିଲାନ୍ସ ମାମଲା ଆଧାରରେ ପେନସନ୍ ସୁବିଧା ବନ୍ଦ କରିବା ଘଟଣାକୁ ଓଡିଶା ହାଇକୋର୍ଟ ମନମୁଖୀ ଓ ଅବୈଧ ବୋଲି ଦର୍ଶାଇଛନ୍ତି। ମାମଲାରେ ପ୍ରାୟ ୭ ବର୍ଷ ତଳେ ଅବସର ନେଇଥିବା କର୍ମଚାରୀଙ୍କ ପେନସନ୍ ଓ ଗ୍ରାଚ୍ୟୁଇଟି ୩ ମାସ ମଧ୍ୟରେ ପ୍ରଦାନ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବିଜୟ କୃଷ୍ଣ ପାଣିଗ୍ରାହୀ ୧୯୮୪ ମସିହାରେ ଅର୍ଥ ବିଭାଗ ଅଧୀନରେ ବାଣିଜ୍ୟକର ନିରୀକ୍ଷକ ଭାବେ ଯୋଗ ଦେଇଥିଲେ। ୨୦୧୦ରେ ସେ ବାଣିଜ୍ୟକର ଅଧିକାରୀ ଭାବେ କାର୍ଯ୍ୟ କରୁଥିବା ବେଳେ ତାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଥିଲା ଏବଂ ତାଙ୍କ ବିରୋଧରେ ଦୁଇଟି ଅପରାଧିକ ମାମଲା ରୁଜୁ ହୋଇଥିଲା। ବିଭାଗୀୟ ପ୍ରକ୍ରିୟାରେ ତାଙ୍କ ଉପରେ କୌଣସି ଜରିମାନା ଆଦାୟ କରାଯାଇ ନାହିଁ। ଭିଜିଲାନ୍ସ ମାମଲା ବିଚାରାଧୀନ ଥିବା ବେଳେ ଶ୍ରୀ ପାଣିଗ୍ରାହୀ ୨୦୧୭ ଡିସେମ୍ବର ୩୧ରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ସହକାରୀ ଆର୍ଥିକ ପରାମର୍ଶଦାତା ପଦରୁ ଅବସର ନେଇଥିଲେ। ସେ ୨୦୨୦ରେ ଭିଜିଲାନ୍ସ ପ୍ରକ୍ରିୟା ଆଧାରରେ ତାଙ୍କ ଅବସର ସୁବିଧା ଏବଂ ନିୟମିତ ପେନସନ ବନ୍ଦ କରିବା ବିରୋଧରେ ହାଇକୋର୍ଟଙ୍କ ହସ୍ତକ୍ଷେପ ଲୋଡ଼ିଥିଲେ। ମାମଲାର ଶୁଣାଣି କରି ଜଷ୍ଟିସ୍ ଏସ୍ କେ ପାଣିଗ୍ରାହୀଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି, ବର୍ତ୍ତମାନ ମାମଲାରେ ସମ୍ପୃକ୍ତ କର୍ତ୍ତୃପକ୍ଷ କୌଣସି ଆଇନଗତ ବ୍ୟବସ୍ଥା ପ୍ରୟୋଗ ନକରି ଆବେଦନକାରୀଙ୍କ ନିୟମିତ ପେନସନ ଓ ପେନସନ ସୁବିଧାକୁ ଅଟକାଇ ରଖିଛନ୍ତି। ଜଷ୍ଟିସ ପାଣିଗ୍ରାହୀ ନଭେମ୍ବର ୮ ତାରିଖରେ ଜାରି କରିଥିବା ରାୟରେ କହିଛନ୍ତି ଯେ, ଆବେଦନକାରୀଙ୍କ ବିରୋଧରେ କେବଳ ଭିଜିଲାନ୍ସ ମାମଲା



ବିଚାରାଧୀନ ରହିବା ଅପରାଧିକ ପ୍ରକ୍ରିୟା ଆରମ୍ଭ କରିବା ସହ ସମାନ ନୁହେଁ, ତେଣୁ ଆବେଦନକାରୀଙ୍କ ପେନସନ୍ ରୋକିବା ପାଇଁ ଏହାକୁ ଆଧାର ଭାବେ ବ୍ୟବହାର କରାଯାଇପାରିବ ନାହିଁ। କେବଳ ଭିଜିଲାନ୍ସ ଶାଖାରୁ ମଞ୍ଜୁରୀ ନ ମିଳିବା ନେଇ ଅନିର୍ଦ୍ଦିଷ୍ଟ କାଳ ପାଇଁ ପେନସନ ସୁବିଧା ପ୍ରଦାନକୁ ରୋକିବା ଯୁକ୍ତିଯୁକ୍ତ ହୋଇପାରିବ ନାହିଁ ବୋଲି କୋର୍ଟ କହିଛନ୍ତି। ତେଣୁ ଏଭଳି କାର୍ଯ୍ୟକୁ ମନମୁଖୀ ଓ ଅବୈଧ ବୋଲି କୁହାଯାଇପାରିବ ବୋଲି ଜଷ୍ଟିସ୍ ପାଣିଗ୍ରାହୀ କହିଛନ୍ତି। ତଦନୁଯାୟୀ ଆବେଦନକାରୀଙ୍କ ପେନସନ୍ ନିର୍ଦ୍ଧାରଣ କରିବା, ବକେୟା ବକେୟା ଓ ପ୍ରଯୁଜ୍ୟ ଇନକ୍ରିମେଣ୍ଟର ହିସାବ କରିବା ଏବଂ ଚୂଡ଼ାନ୍ତ ହେବା ପରେ ନିୟମିତ ପେନସନ, ଗ୍ରାଚ୍ୟୁଇଟି, ଲିଭ୍ ଏନ୍ କ୍ୟାସମେଣ୍ଟ ଏବଂ ଅନ୍ୟାନ୍ୟ ସୁବିଧା ପ୍ରଦାନ କରିବାକୁ ସେ ସଂପୃକ୍ତ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଆଦେଶର ନକଲ ପାଇବା କିମ୍ବା ଦାଖଲ କରିବା ତାରିଖଠାରୁ ତିନି ମାସ ମଧ୍ୟରେ ଆଇନ ଅନୁଯାୟୀ ଦେୟ ପ୍ରଦାନ କରାଯିବ ବୋଲି ମଧ୍ୟ ନିର୍ଦ୍ଦେଶନାମାରେ ଉଲ୍ଲେଖ କରାଯାଇଛି। ମାମଲାରେ ହାଇକୋର୍ଟ ସୁପ୍ରିମ୍‌କୋର୍ଟଙ୍କ ରାୟକୁ ଉଦାହରଣ ଦେଇ କହିଛନ୍ତି ଯେ ପେନସନ୍ ଓ ଗ୍ରାଚ୍ୟୁଇଟି କେବଳ ନିଯୁକ୍ତିଦାତାଙ୍କ ଦ୍ୱାରା ପୁରସ୍କାର କିମ୍ବା ଉଦାରତା ପାଇଁ ଦିଆଯାଉନାହିଁ, ବରଂ ବର୍ଷ ବର୍ଷର ଉତ୍ସର୍ଗୀକୃତ ଜନସେବାର ପ୍ରତିନିଧିତ୍ୱ କରି ଅର୍ଜିତ ଆୟର ଏକ ଅଂଶ ଭାବେ ପ୍ରଦାନ କରାଯାଉଛି।

## ନିର୍ଦ୍ଦେଶ ନିୟନ୍ତ୍ରଣ ଓ ଅଭିଜ୍ଞତା କେନ୍ଦ୍ର ଲୋକାର୍ପିତ

# ଚାଷୀଙ୍କ ସ୍ୱାର୍ଥ ସାଧନ ପାଇଁ କାମ କରିବ କେନ୍ଦ୍ର




**ଭୁବନେଶ୍ୱର :** ରାଜ୍ୟରେ କୃଷକ ମାନଙ୍କ ସ୍ୱାର୍ଥ ରକ୍ଷା ପାଇଁ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି। ଯୋଗ୍ୟ ଚାଷୀ ଯେଭଳି ନିଜର ପ୍ରାପ୍ୟ ପାଇବାରୁ ବଞ୍ଚିତ ନହୁଅନ୍ତି, ଏଥିପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି। ଧାନ ସଂଗ୍ରହ ସମୟରେ କୌଣସି ଅନିୟମିତତାର ଅଭିଯୋଗ ଆସିଲେ, ଏହା ଉପରେ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ରାଜ୍ୟ ଖାଦ୍ୟ ଯୋଗାଣ ନିଗମ ପରିସରରେ ନିର୍ଦ୍ଦେଶ ନିୟନ୍ତ୍ରଣ ଓ ଅଭିଜ୍ଞତା କେନ୍ଦ୍ର ଶୁଭାରମ୍ଭ ହୋଇଛି। ଏହାକୁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଲୋକାର୍ପଣ କରିଛନ୍ତି। ଚାଷୀଙ୍କ ସ୍ୱାର୍ଥ ସାଧନ ଓ ସେମାନଙ୍କୁ ସର୍ବାଧିକ ଲାଭ ଦେବା ଲକ୍ଷ୍ୟ ନେଇ ଏହି କେନ୍ଦ୍ର କାର୍ଯ୍ୟକ୍ଷମ ହୋଇଛି। ଧାନ ବିକ୍ରୟ ପ୍ରକ୍ରିୟାରେ କୌଣସି ସମସ୍ୟା ଥିଲେ ଚାଷୀମାନେ ତୁରନ୍ତ ସେମାନଙ୍କ ଅଭିଯୋଗ ଏହି କେନ୍ଦ୍ର ମାଧ୍ୟମରେ କରିପାରିବେ। ଯାହାଦ୍ୱାରା ସମ୍ପୃକ୍ତ ସମସ୍ୟାର ସମାଧାନ କରାଯାଇପାରିବ ବୋଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି। ପ୍ରତ୍ୟେକ ମଣ୍ଡିରେ ନୋଡାଲ ଅଧିକାରୀମାନେ ନିଯୁକ୍ତ ହୋଇ ଧାନକିଣା ପ୍ରକ୍ରିୟା ତଦାରଖ କରୁଛନ୍ତି। କୌଣସି ଅଭିଯୋଗ ଥିଲେ ଟୋଲଫ୍ରି ନଂ ୧୯୬୭ ମାଧ୍ୟମରେ ଯୋଗାଯୋଗ କରିପାରିବେ ବୋଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି। ଏହି ନିର୍ଦ୍ଦେଶ ନିୟନ୍ତ୍ରଣ ଏବଂ ଅଭିଜ୍ଞତା କେନ୍ଦ୍ରରେ ସବୁ ଜିଲ୍ଲାର ମଣ୍ଡି ଉପରେ ତୀକ୍ଷ୍ଣ ନଜର ରଖାଯିବ। ସିସିଟିଭି ମାଧ୍ୟମରେ ଲାଇଭ ଫୁଟେଜକୁ ଏଠାରେ ଅନୁଧ୍ୟାନ କରାଯିବା ସହ ମଣ୍ଡିରୁ ଧାନ ନେଇ ମିଲସ ଓ ଡିପୋକୁ ଯାଉଥିବା ଗାଡ଼ିକୁ ମଧ୍ୟ ନିରୀକ୍ଷଣ କରାଯିବ। ଉଭୟ ଖରିଫ ଓ ରବି ଋତୁରେ ଧାନ ସଂଗ୍ରହ ବେଳେ ଏହି କେନ୍ଦ୍ର କାର୍ଯ୍ୟ କରିବ। ଏଠାରେ ଉଭୟ ଅଡିଓ ଓ ଭିଡିଓ କଲ ମାଧ୍ୟମରେ ଯୋଗାଯୋଗ କରିବା ବ୍ୟବସ୍ଥା ରହିଛି। କୌଣସି ଅଭିଯୋଗ କିମ୍ବା ନିର୍ଦ୍ଦେଶ ଆସିଲେ ତ୍ୱରିତ ପଦକ୍ଷେପ ନିଆଯିବାର ବ୍ୟବସ୍ଥା ରହିଛି।

# 'ସାବରମତୀ ରିପୋର୍ଟ'କୁ କରମୁକ୍ତ କଲେ ଓଡ଼ିଶା ସରକାର

**ଭୁବନେଶ୍ୱର :** ବଲିଉଡ୍ ଚଳଚ୍ଚିତ୍ର 'ସାବରମତୀ ରିପୋର୍ଟ'କୁ ଓଡ଼ିଶାରେ କରମୁକ୍ତ କରିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସାମାଜିକ ଗଣମାଧ୍ୟମ 'ଏକ୍ସ' ଜରିଆରେ ସୂଚନା ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଚଳଚ୍ଚିତ୍ର 'ସାବରମତୀ ରିପୋର୍ଟ' ସତ୍ୟ ଘଟଣା ଉପରେ ଆଧାରିତ ହୋଇଛି। କିଛି ସ୍ୱାର୍ଥବାଦୀ ବ୍ୟକ୍ତିଙ୍କ ନିଜସ୍ୱ ସ୍ୱାର୍ଥ ପୂରଣ ଏବଂ ଅସ୍ଥିରତା ସୃଷ୍ଟି ପାଇଁ ଗୋଧ୍ରା ଅଗ୍ନିକାଣ୍ଡରେ କିଭଳି ଭାବରେ କାରସେବକଙ୍କୁ ଜୀବନ୍ତ ଦଗ୍ଧ କରାଯାଇଥିଲା ତାହା ଏହି ଚଳଚ୍ଚିତ୍ର ମାଧ୍ୟମରେ ଦର୍ଶାଯାଇଛି। ଏହି ଚଳଚ୍ଚିତ୍ର ଅତୀତର ଏଭଳି ଏକ ଲୋମହର୍ଷଣକାରୀ, ହୃଦୟ ବିଦାରକ ସତ୍ୟ ଘଟଣାକୁ ଲୋକଙ୍କ ନିକଟରେ ପହଞ୍ଚାଇବ ଏବଂ ସାଧାରଣ ଜନତା ଅଧିକ ସଚେତନ ହେବେ। ରାଜ୍ୟ ସରକାର 'ସାବରମତୀ ରିପୋର୍ଟ'କୁ ଓଡ଼ିଶାରେ କରମୁକ୍ତ କରିବା ପରେ ଚଳଚ୍ଚିତ୍ର ପ୍ରଯୋଜିକା ତଥା ବାଲାଜୀ ଟେଲିଫିଲ୍ମର କ୍ରିଏଟିଭ୍ ନିର୍ଦ୍ଦେଶକ ଏକତା ଆର କପୁର ଧନ୍ୟବାଦ ଜଣାଇଛନ୍ତି। ସାମାଜିକ ଗଣମାଧ୍ୟମ 'ଏକ୍ସ' ଜରିଆର ସେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

## ଓପିଜିସି ପ୍ରକଳ୍ପର ସମୀକ୍ଷାର କଲେ ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓ

# ଫ୍ଲାଏ-ଆଶ ପରିଚାଳନା ପାଇଁ ଆସିବ ଏସ୍‌ଓପି

**ଭୁବନେଶ୍ୱର :** ଲୋକସେବା ଭବନରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଓପିଜିସି ଦ୍ୱାରା ଚାଲିଥିବା ପ୍ରକଳ୍ପର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ବିଶାଳ ଦେବ, ଝାରସୁଗୁଡ଼ା ଜିଲ୍ଲାପାଳ ଏବୋଲି ସୁନୀଲ ନରବଣେ, ଓପିଜିସିର ବରିଷ୍ଠ ଅଧିକାରୀବୃନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ଓଡ଼ିଶା ପାୱାର ଜେନେରେସନ୍ କର୍ପୋରେସନ ଲିମିଟେଡ଼ ହେଉଛି ଓଡ଼ିଶାର ବୃହତ ତାପଜ ବିଦ୍ୟୁତ ଉତ୍ପାଦନ କେନ୍ଦ୍ର। ରାଜ୍ୟର ମୋଟ୍ ବିଜୁଳି ଚାହିଦାର ୩୦ ପ୍ରତିଶତ ଓପିଜିସି ପୂରଣ କରେ। ଏକ ବିଶ୍ୱସ୍ତରୀୟ ସ୍ୱଚ୍ଛ, ନିରାପଦ ଏବଂ ନିର୍ଭରଯୋଗ୍ୟ ଶକ୍ତି ଉତ୍ପାଦନ କରିବାରେ ଓପିଜିସି ପ୍ରତିଶ୍ରୁତିବଦ୍ଧ। ତାପଜ ବିଦ୍ୟୁତ ଉତ୍ପାଦନ ପରେ ବାହାରୁଥିବା ବର୍ଜ୍ୟ ପରିଚାଳନା ଏବଂ ଖଣି ଖନନ ପରେ ସେହି ଖଣିକୁ ଉଡା ପାଉଁଶ ଦ୍ୱାରା ପୂରଣ କରି ଖାଲି ଖଣିକୁ ପୋତିବା ବିଷୟରେ ବୈଠକରେ ଆଲୋଚନା ହୋଇଥିଲା। ଫ୍ଲାଏ ଆଶକୁ ବ୍ୟବହାର କରି ଇଟା ତିଆରି କରିବାକୁ ଉପମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ସେହି ଇଟାକୁ ପରବର୍ତ୍ତୀ ସମୟରେ ପିଏମ ଆବାସ ଯୋଜନାରେ ତିଆରି ଘରେ ବ୍ୟବହାର କରାଯାଇ ପାରିବ। ସେହିଭଳି ପ୍ରଦୂଷଣ କଣ୍ଟ୍ରୋଲ ବୋର୍ଡ଼ର ପରାମର୍ଶ ଅନୁଯାୟୀ ବାହାରୁଥିବା ବର୍ଜ୍ୟକୁ କୃଷି କ୍ଷେତ୍ରରେ ମଧ୍ୟ ବ୍ୟବହାର କରାଯାଇପାରିବ।



ଓପିଜିସିର କାର୍ଯ୍ୟକରିବାରେ ଥିବା ପ୍ରତିବନ୍ଧକ ଗୁଡ଼ିକ ବିଷୟରେ ବୈଠକରେ ଆଲୋଚନା କରାଯାଇଥିଲା। ପରବର୍ତ୍ତୀ ସମୟରେ ସେସବୁ ଉପରେ କେନ୍ଦ୍ର ସରକାରଙ୍କ ପ୍ରଦତ୍ତ ନିୟମାବଳୀ ଅନୁଯାୟୀ ପଦକ୍ଷେପ ନିଆଯିବ। ଆଗାମୀ ସମୟରେ ଫ୍ଲାଏ ଆଶକୁ ନେଇ ଏସଓପି ଅଣାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ପ୍ରକାଶ କରିଥିଲେ। ଫ୍ଲାଏ ଆଶ ଦ୍ୱାରା ପୂରଣ ହେଉଥିବା ପୋଖରୀ ଏବଂ ସେହି ଅଞ୍ଚଳରେ ପର୍ଯ୍ୟଟନର ବିକାଶ କରିବାକୁ ଶ୍ରୀ ସିଂହଦେଓ ପରାମର୍ଶ ଦେଇଥିଲେ। ଏହି କ୍ରମରେ ଖଣି ଖନନ ପରେ ଖାଲି ଥିବା ଖଣିଗୁଡ଼ିକୁ ଚିହ୍ନଟ କରିବା ପରେ ଓପିଜିସିରୁ ବାହାରୁଥିବା ଉଡା ପାଉଁଶଦ୍ୱାରା ପୂରଣ କରିବା ଫଳରେ ବର୍ଜ୍ୟ ପରିଚାଳନା ମଧ୍ୟ ହୋଇପାରିବ ଏବଂ ପ୍ରଦୂଷଣ ମାତ୍ରା ହ୍ରାସ କରାଯାଇପାରିବ। ଉଡା ପାଉଁଶ ପୋଖରୀ ନିମନ୍ତେ ଜାଗା ଯୋଗାଇ ଦେବାକୁ ମଧ୍ୟ ଆଲୋଚନା କରାଯାଇଥିଲା। ପ୍ରଥମେ ସେହି ଅଞ୍ଚଳର ଜନସାଧାରଣଙ୍କ ସହ ଆଲୋଚନା କରି ଜାଗା ଯୋଗାଇ ଦେବାକୁ ଶ୍ରୀ ସୁରେଶ ପୂଜାରୀ ଝାରସୁଗୁଡା ଜିଲ୍ଲାପାଳଙ୍କୁ ପରାମର୍ଶ ଦେଇଥିଲେ। ଓପିଜିସି ପକ୍ଷରୁ ମଧ୍ୟ ବର୍ଜ୍ୟ ପରିଚାଳନାକୁ ଗୁରୁତ୍ୱ ଦିଆଯାଉଛି।

# ନୂଆବର୍ଷରୁ ଭୁବନେଶ୍ୱରରୁ ୫ ସହରକୁ ବିମାନସେବା

**ଭୁବନେଶ୍ୱର :** ଓଡ଼ିଶାର ବିମାନଯାତ୍ରୀମାନଙ୍କ ପାଇଁ ଖୁସି ଖବର ଆସିଛି। ଭୁବନେଶ୍ୱରର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର (ବିପିଆଇଏ) ଖୁବ୍ ଶୀଘ୍ର ନୂଆ ସହର ସହିତ ସଂଯୋଗ ବିସ୍ତାର କରିବାକୁ ଯାଉଛି। ଜାନୁଆରୀ ୨୦୨୫ରେ ଇଣ୍ଡିଗୋ ଏବଂ ଏୟାର ଇଣ୍ଡିଆ ଏକ୍ସପ୍ରେସ ପକ୍ଷରୁ ଘରୋଇ ବିମାନ ନୂତନ ମାର୍ଗରେ ଉଡ଼ାଣ ଆରମ୍ଭ କରାଯିବ। ବିପିଆଇଏ କର୍ତ୍ତୃପକ୍ଷ ଏନେଇ ସୂଚନା ଦେଇଛନ୍ତି। କର୍ତ୍ତୃପକ୍ଷ କହିଛନ୍ତି ଇଣ୍ଡିଗୋ ଏବଂ ଏୟାର ଇଣ୍ଡିଆ



ଏକ୍ସପ୍ରେସ ଜାନୁୟାରୀ ୨୦୨୫ ର ପ୍ରଥମ ସପ୍ତାହରୁ ନୂତନ ରୁଟ୍‌ରେ ବିମାନ ଚଳଚଳ ଆରମ୍ଭ କରିବେ। ଏ ନେଇ ଭୁବନେଶ୍ୱର ବିମାନବନ୍ଦର ନିର୍ଦ୍ଦେଶକ ପ୍ରସନ୍ନ ପ୍ରଧାନ ସୂଚନା ଦେଇଛନ୍ତି। ୨୦୨୫ ଜାନୁଆରୀ ୧ ତାରିଖରୁ ସପ୍ତାହକୁ ୪ଦିନ ଇନ୍ଦୋର ଅଭିମୁଖେ ଇଣ୍ଡିଗୋ ବିମାନ ଯାତ୍ରା କରିବ। ଡେରାଡୁନ୍‌କୁ ସପ୍ତାହକୁ ୩ ଦିନ ବିମାନଯାତ୍ରା କରିପାରିବେ ଯାତ୍ରୀ। ସେହିପରି ଜାନୁୟାରୀ ୩ରୁ ଲକ୍ଷ୍ନୌ ଓ ଜୟପୁରକୁ ସପ୍ତାହରେ ୩ ଦିନ ବିମାନ ସେବା ଯୋଗାଯିବ। ଏହାବ୍ୟତୀତ କୋଚିନକୁ ସପ୍ତାହରେ ୭ଦିନଯାକ ଏୟାରଇଣ୍ଡିଆ ସେବା ଯୋଗାଇବ। ଏୟାର ଇଣ୍ଡିଆ ଏକ୍ସପ୍ରେସ ଜାନୁଆରୀ ୨ ରୁ କୋଚିନ୍‌କୁ ଦୈନିକ ବିମାନ ସେବା ଆରମ୍ଭ କରିବ। ଇନ୍ଦୋର ଏବଂ ଡେରାଡୁନକୁ ଇଣ୍ଡିଗୋ ବିମାନଗୁଡ଼ିକ ଭୁବନେଶ୍ୱରରୁ ଅପରାହ୍ନ ୩ଟାରୁ ଯାତ୍ରା କରିବ। ଏୟାର ଇଣ୍ଡିଆ ଏକ୍ସପ୍ରେସ ଭୁବନେଶ୍ୱରରୁ ପାଞ୍ଚଟି ନୂତନ ଗନ୍ତବ୍ୟସ୍ଥଳ ସହିତ ଏହାର ନେଟୱାର୍କକୁ ବିସ୍ତାର କରିବାକୁ ଯୋଜନା କରିଛି। ବିପିଆଇଏ ଅନୁଯାୟୀ, ଏହା ଜାନୁଆରୀ ୪ ରୁ ବେଙ୍ଗାଲୁରୁକୁ ନୂତନ ବିମାନ ଆରମ୍ଭ କରିବାକୁ ଯୋଜନା କରାଯାଇଛି। ଏହି ବିମାନଗୁଡିକ ବିପିଆଇଏରୁ ସକାଳ ୬ଟା ୧୫ରେ ଉଡ଼ାଣ ଆରମ୍ଭ କରି ରେ ଏବଂ ମଧ୍ୟରାତ୍ର ୧୨ ଟା ୨୦ରେ ପ୍ରତ୍ୟାବର୍ତ୍ତନ କରିବ।

PLOT FOR SALE
MOUZA:BHOLA



N.H. Bye Pass (Old Trunk Road), Near ASBM College,
Chandaka, Bhubaneswar, Odisha
Contact : 8658607286

## ୪୩ତମ ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳା-୨୦୨୪

# ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଓଡ଼ିଶା ମଣ୍ଡପକୁ ରୌପ୍ୟ ପୁରସ୍କାର

**ନୂଆଦିଲ୍ଲୀ :** ନୂଆଦିଲ୍ଲୀର ଭାରତ ମଣ୍ଡପମଠାରେ ଆୟୋଜିତ '୪୩ତମ ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳା ୨୦୨୪'ରେ 'ଓଡ଼ିଶା ମଣ୍ଡପ'କୁ ମିଳିଛି ରୌପ୍ୟ ପଦକ। ଏହି ବିଶାଳ ବାଣିଜ୍ୟ ମେଳାରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ 'ଓଡ଼ିଶା ମଣ୍ଡପ'କୁ ଏହି ପୁରସ୍କାର ମିଳିଛି। ନୂଆଦିଲ୍ଲୀରେ ଅବସ୍ଥାପିତ ଓଡ଼ିଶାର ପ୍ରମୁଖ ଆବାସିକ ଆୟୁକ୍ତ ବିଶାଳ ଗଗନ ଓଡ଼ିଶା ସରକାରଙ୍କ ତରଫରୁ ଏହି ପୁରସ୍କାର ଗ୍ରହଣ କରିଥିଲେ। ଭାରତ ବାଣିଜ୍ୟ ପ୍ରୋତ୍ସାହନ ସଙ୍ଗଠନର ଅଧ୍ୟକ୍ଷ-ତଥା-ପରିଚାଳନା ନିର୍ଦ୍ଦେଶକ ପ୍ରଦୀପ ସିଂହ ଖରୋଲାଙ୍କ ଠାରୁ ଏହି ପୁରସ୍କାର ଗ୍ରହଣ ସମୟରେ ସୂଚନା ଓ ଲୋକ ସମ୍ପର୍କ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର



ଦାସ, 'ଓଡ଼ିଶା ମଣ୍ଡପ'ର ନିର୍ଦ୍ଦେଶକ ଅଶ୍ୱିନୀ କୁମାର ଭୋଇ, ପ୍ରଦର୍ଶନୀ ଅଧିକାରୀ ଦୀପକ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ନଭେମ୍ବର ୧୪ ତାରିଖଠାରୁ ଆରମ୍ଭ ହୋଇଥିବା 'ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳା' ୨୭ ତାରିଖରେ ଶେଷ ହୋଇଛି। ଚଳିତ ବର୍ଷକୁ ମିଶାଇ ଓଡ଼ିଶା ଲଗାତାର ଭାବେ ତୃତୀୟ ଥର ପାଇଁ ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳା ମଞ୍ଚରେ ପୁରସ୍କାର ପାଇଛି। 'ବିକଶିତ ଭାରତ, ବିକଶିତ ଓଡ଼ିଶା' ଥିମରେ ଚଳିତ ବର୍ଷ 'ଓଡ଼ିଶା ମଣ୍ଡପ'ର ଡିଜାଇନ ପ୍ରସ୍ତୁତ କରାଯାଇଥିଲା। ଏଠାରେ ରାଜ୍ୟର ପ୍ରାଚୀନ କୀର୍ତ୍ତିରାଜି ସହ ଭାରତର ଆଧୁନିକ ବିଜ୍ଞାନ ଓ କାରିଗରିର ଯାତ୍ରା ପ୍ରତିଫଳିତ ହୋଇଥିଲା। ଓଡ଼ିଶାର ମନ୍ଦିର ଭାସ୍କର୍ଯ୍ୟର ମୁଖଶାଳା ମୁକ୍ତେଶ୍ୱର ତୋରଣ, କୋଣାର୍କ ମନ୍ଦିରର ପ୍ରତିରୂପ, ରତ୍ନଗିରିର ବୌଦ୍ଧ କୀର୍ତ୍ତିରାଜି ସହ ଅତ୍ୟାଧୁନିକ ବୁଲେଟ୍ ଟ୍ରେନ ଓ ଶିଳ୍ପ ପ୍ରଗତିର ଚିତ୍ର ଓଡ଼ିଶା ମଣ୍ଡପକୁ ଅଧିକ ଆକର୍ଷଣୀୟ କରିଥିଲା। ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗ ତତ୍ତ୍ୱାବଧାନରେ ପ୍ରସ୍ତୁତ ଓଡ଼ିଶା ପାଭିଲିୟନରେ ଚଳିତ ବର୍ଷ ବିଭିନ୍ନ ବିଭାଗ ପକ୍ଷରୁ ମୋଟ ୨୫ଟି ଷ୍ଟଲ୍ ସ୍ଥାନ ପାଇଥିଲା।



PLOT FOR SALE
MOUZA : JUJHAGADA
(Back side of Nandankanan Zoo)
BHUBANESWAR
Contact : 865807286 / 8917571455



MOUZA : BEGUNIA BOREHI
(NEAR CV RAMAN COLLEGE)
TAMANDO - YELLOW ZONE
BHUBANESWAR
30ft Approch Road
Contact : 8658607286 / 8917571455

Printed, Published and Owned by **Lingaraj Dash**, Published at Plot No.-4233, Sulochana Bhawan, Behind Badagada High School, Badagada, Bhubaneswar-751018, Dist-Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industrial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com / lingaraj@gmail.com
Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : **ଲକ୍ଷ୍ମୀପ୍ରିୟା ଦାଶ**
Editor : **Tarak Mohanty**
ସମ୍ପାଦକ : **ତାରକ ମହାନ୍ତି**